



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-31 ◆FRIDAY ◆25 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୧ ◆ଶୁକ୍ରବାର ◆୨୫ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଚୀନ୍ ସୀମାରେ ରୁଷ୍ ବିମାନ ଦୁର୍ଘଟଣାଗ୍ରସ୍ତ; ୪୯ ମୃତ



■ **ମସ୍କୋ, ୨୪।୭ (ଏଜେନ୍ସି):** ରୁଷର ଏକ ଯାତ୍ରୀ ବିମାନ ଏଏନ୍-୨୪ ଆଜି ଚୀନ୍ ସୀମାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୪୯ ଜଣ ଯାତ୍ରୀ ଓ କର୍ମଚାରୀ ପ୍ରାଣ ହରାଇଛନ୍ତି। ଟିଣ୍ଡା ବିମାନ ବନ୍ଦରଠାରୁ ପାଖାପାଖି ୧୬ କିମି ଦୂରରେ ଏକ ପାହାଡ଼ ଉପରେ ବିମାନର ଧ୍ୱଂସାବଶେଷ ମିଳିଛି। ବିମାନ ଖବାରୋଭସ୍କରୁ ବ୍ଲାଗୋଭେଶ୍ଚେନସ୍କ ଦେଇ ଟିଣ୍ଡା ଯାଉଥିଲା। ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ଯାଉଥିବା ବେଳେ ବିମାନ ରାଡାରରୁ ଅଦୃଶ୍ୟ ହୋଇଥିଲା ଓ ସମ୍ପର୍କ ମଧ୍ୟ ଛିନ୍ନ ହୋଇଯାଇଥିଲା। ପ୍ରଥମେ ବିମାନ ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲା। ଦ୍ୱିତୀୟ ଥର ଅବତରଣ କରିବାକୁ ପ୍ରୟାସ କଲା ବେଳେ ଏହା ରାଡାରରୁ ଅଦୃଶ୍ୟ ▸ପୃଷ୍ଠା-୭


## ଅନୀଲ ଅମ୍ବାନୀଙ୍କ ୫୦ କମ୍ପାନୀ ଉପରେ ଇଡି ଚଢ଼ଉ

■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫାଶରେ ପଡିଛନ୍ତି ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ। ରିଲାଏନ୍ସ ଗ୍ରୁପ୍ (ଆର୍ଏଏଜିଏ) ସହ ଜଡିତ ମାମଲାରେ ଏହି ତଲାସି ଅଭିଯାନ ଆରମ୍ଭ କରାଯାଇଛି। ଅନୀଲଙ୍କ କମ୍ପାନୀ ବିରୋଧରେ ମନି ଲଣ୍ଡରିଂ ମାମଲାରେ ଇଡି ଦିଲ୍ଲୀ ଏବଂ ମୁମ୍ବାଇ ସମେତ ଦେଶର ୩୫ରୁ ଅଧିକ ସ୍ଥାନରେ ଚଢଉ କରିଛି। ତଦନ୍ତରେ ଅନୀଲଙ୍କ ବିରୋଧରେ ୩୦୦୦ କୋଟି ଟଙ୍କାର ଋଣ ଘୋଟାଲା, ଡକ୍ୟୁମେଣ୍ଟ ହେରଫେର ଏବଂ ଜାଲ କମ୍ପାନୀ ମାଧ୍ୟମରେ ମନି ଲଣ୍ଡରିଂର ପ୍ରମାଣ ମିଳିଛି। ଏହି ମାମଲା ମନିଲଣ୍ଡରିଂ ସହିତ ଜଡିତ, ଯେଉଁଥିରେ ହଜାର ହଜାର କୋଟି ଟଙ୍କାର ଅନିୟମିତତା ହୋଇଥିବା ସନ୍ଦେହ କରାଯାଉଛି। ଇଡି ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅଧୀନରେ ଏହି ଚଢ଼ଉ କରିଛି। କୁହାଯାଉଛି ଯେ ଏଥିରେ ଅନୀଲ ଅମ୍ବାନୀଙ୍କ ସହ ଜଡିତ ପ୍ରାୟ ୫୦ ଟି କମ୍ପାନୀ ଏବଂ ୨୫ ରୁ ଅଧିକ ବ୍ୟକ୍ତିବିଶେଷଙ୍କ ପରିସରରେ ଚଢ଼ଉ କରାଯାଉଛି। ଇଡି ସେତେବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ଯେତେବେଳେ ସିବିଆଇ ଅନୀଲଙ୍କ କମ୍ପାନୀ ବିରୋଧରେ ଦୁଇଟି ପୃଥକ ଏଫ୍ଆଇଆର୍ ରୁଜୁ କରିଛି। ଏଥିରେ ଏକ ସୁଚିନ୍ତିତ ଯୋଜନା ମୁତାବକ ବ୍ୟାଙ୍କ, ନିବେଶକ ଏବଂ ସରକାରୀ ▸ପୃଷ୍ଠା-୭

**୩୦୦୦ କୋଟିର ଋଣ ଠକେଇ ମାମଲା**

### ସରକାରଙ୍କୁ ନବୀନଙ୍କ 'ମହାନଦୀ' ପ୍ରଶ୍ନ

# ସ୍ପଷ୍ଟ କରନ୍ତୁ 'ଆପୋସ' ସଂଜ୍ଞା



- ମହାନଦୀ ଓଡ଼ିଶାର ଆତ୍ମା, ଜୀବନରେଖା
- ଦୁର୍ବଳ କରାଯାଉଛି କି ଓଡ଼ିଶାର ନ୍ୟାଯ୍ୟ ଦାବି
- ରାଜ୍ୟବାସୀଙ୍କୁ କାହିଁକି ବିଶ୍ୱାସକୁ ନିଆଯାଉନି
- ଆଇନଗତ ଲଢ଼େଇ ଜାରି ରଖିବେ ନା ଓହରିବେ
- ସର୍ବଦଳୀୟ ବୈଠକ ଡାକନ୍ତୁ ରାଜ୍ୟ ସରକାର

■ **ଭୁବନେଶ୍ୱର, ୨୪।୭ (ସମିସ):** ମହାନଦୀ ଜଳବିବାଦ ସମସ୍ୟାକୁ ନେଇ ଆଜି ରାଜ୍ୟ ସରକାରଙ୍କ ସାମ୍ନାରେ ଏକାଧିକ ଗମ୍ଭୀର ପ୍ରଶ୍ନ ଉପସ୍ଥାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆପୋସ ବୁଝାମଣା ଜରିଆରେ ମହାନଦୀ ଜଳ ସମସ୍ୟାର ସମାଧାନ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି ସରକାରୀ ଭାବେ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ(ଏଜି) ମଧ୍ୟ ଏ ନେଇ ସୂଚନା ଦେଇଛନ୍ତି। ତେବେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହୋଇଥିବା ଏହି ପାରସ୍ପରିକ ବୁଝାମଣା (ଆପୋସ) କ'ଣ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶା କ'ଣ ଆଇନଗତ ଲଢ଼େଇରୁ ଓହରିଯିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି କି ବୋଲି ନବୀନ ପ୍ରଶ୍ନ ଉଠାଇବା ସହ ଏହାଦ୍ୱାରା ଓଡ଼ିଶାର ହକ୍ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଏପରିକି ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାଯ୍ୟ ଦାବିକୁ କଣ ବନ୍ଦ ଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ଶାଣିତ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳଙ୍କୁ ବିଶ୍ୱାସକୁ ନେଇ ରାଜ୍ୟ ସରକାର ଏନେଇ ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି ନବୀନ।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ସୂଚନା ଦେଇ ନବୀନ କହିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋଷ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ତାହା ସରକାର ସର୍ବଦଳୀୟ ବୈଠକରେ ସ୍ପଷ୍ଟ କରିବା ଉଚିତ। ଓଡ଼ିଶା କଣ ଆଇନଗତ ପଥରୁ ଓହରି ଯାଉଛି ନା ଟ୍ରିବ୍ୟୁନାଲରେ ନିଜ ଲଢ଼େଇ ଜାରି ରଖିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଆସନ୍ତା ଅଗଷ୍ଟ ୨ ତାରିଖରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ନେଇ ତାରିଖ ଧାର୍ଯ୍ୟ ହୋଇଛି। ଶୁଣାଣିକୁ ଆଉ ମାତ୍ର ୮ ଦିନ ବାକି ରହିଛି। ହାତରେ ଏତେ କମ୍ ସମୟ ଥିଲେ ମଧ୍ୟ ସରକାର ଏନେଇ ଚୁପ୍ କଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସରକାର କାହିଁକି ବିଭିନ୍ନ ରାଜନୈତିକ ଦଳ, ଅଂଶୀଦାର ଏବଂ ସାଧାରଣ ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ▸ପୃଷ୍ଠା-୭

## ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦ ଅଚଳ




■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦର ଉଭୟ ଗୃହ ଆଜି ମଧ୍ୟ ଅଚଳ ରହିଛି। ଚଳିତ ମୌସୁମୀ ଅଧିବେଶନର ପ୍ରଥମ ଦିନ (ସୋମବାର) ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଦାବିରେ ବିରୋଧୀ ସଭ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦ ଅଚଳ ରହିଥିବା ବେଳେ ଅବଶିଷ୍ଟ ତିନି ଦିନ ବିହାର ପ୍ରସଙ୍ଗରେ ଅଚଳ ରହିଛି। ବିରୋଧୀ ଦଳମାନେ ଅଭିଯୋଗ କରିଛନ୍ତି ଯେ ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନରେ ଲକ୍ଷାଧିକ ବୈଧ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହା ଏକ ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ସଂସଦରେ ଏହା ଉପରେ ଆଲୋଚନା କରାଯିବା ଉଚିତ। ▸ପୃଷ୍ଠା-୭

### ଏସ୍‌ସିବି ଏମ୍ଆର୍ଆଇ ମେସିନ୍ ଅଚଳ

## ନିରାଶ ଫେରିଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

**ସାଧାରଣଲୋକଙ୍କ ଚିକିତ୍ସା ନେଇ ଉଠିଲା ପ୍ରଶ୍ନ**

■ **କଟକ, ୨୪।୭ (ସମିସ):** ବଡ଼ ମେଡିକାଲରେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରିଲା ନାହିଁ। ସର୍ଜରୀ ଜନିତ ସ୍ୱାସ୍ଥ୍ୟ ସମସ୍ୟା ନେଇ ସେ ଏସ୍‌ସିବି ଆସିଥିଲେ। ଏମ୍ଆର୍ଆଇ କରିବା ନିମନ୍ତେ ଏଠାରେ ଡାକ୍ତର ପରାମର୍ଶ ଦେଲେ, ମାତ୍ର ଏସ୍‌ସିବିର ଆଞ୍ଚଳିକ ନିଦାନ କେନ୍ଦ୍ର (ଆରଡିସି)ରେ ସଂସ୍ଥାପିତ ଏମଆରଆଇ ମେସିନ୍ କିଛି ଦିନ ହେବ ଅଚଳ ହୋଇ ପଡ଼ିଥିବା କୁହାଯାଇଥିଲା। ଏଣୁ ପ୍ରୋଟୋକଲ୍ ଭିତରେ ଏମଆରଆଇ କରାଇବା ନିମନ୍ତେ ତାଙ୍କୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚପିଜିଆଇସି)କୁ ନେବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ବଡ଼ ମେଡିକାଲ କର୍ମଚାରୀଙ୍କ ଭିତରେ ଆଲୋଚନା ଜୋର ଧରିଛି। ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଯେଉଁଠାରେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି, ସେଠାରେ ସାଧାରଣଲୋକଙ୍କ ଅବସ୍ଥା କ'ଣ ହେଉଥିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ▸ପୃଷ୍ଠା-୭

## ଦୁଷ୍କର୍ମପୀଡ଼ିତା ନାବାଳିକା ଗର୍ଭବତୀ

■ **କୁଜଙ୍ଗ, ୨୪।୭ (ସମିସ):** ରାଜ୍ୟରେ ମହିଳା ଓ ନାବାଳିକାଙ୍କ ପ୍ରତି ହିଂସା ଓ ବର୍ବରତା ବଢ଼ି ଚାଲିଥିଲା ବେଳେ ଏବେ କୁଜଙ୍ଗ ବ୍ଲକ୍ କାଠକୋଟ ପଞ୍ଚାୟତରେ ଜଣେ ମାଟ୍ରିକ୍ ପାସ୍ କରିଥିବା ଜଣେ ନାବାଳିକା ଗର୍ଭବତୀ ହେବା ଘଟଣା ଲୋକଲୋଚନକୁ ଆସିଛି। ଏହି ଘଟଣା ଜଣାପଡ଼ିବା ପରେ କୁଜଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଗିରଫ କରି ଅଧିକ ତନାଘନା ଚଳାଇଛି। କୋଠକୋଟ ପଞ୍ଚାୟତର ଉକ୍ତ ▸ପୃଷ୍ଠା-୭

## ବିକ୍ରିହେବ ୮ ରାଷ୍ଟ୍ରାୟତ୍ତ କମ୍ପାନୀ

### ୫ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରିବେ କେନ୍ଦ୍ର ସରକାର

**ଡିସେମ୍ବର ସୁଦ୍ଧା ସରିବ ଆଇଡିବିଆଇ ବ୍ୟାଙ୍କ ବିକ୍ରୟ ପ୍ରକ୍ରିୟା**

**ସୂଚୀରେ ରହିଛି ସିଫି କର୍ପୋରେସନ, ହିନ୍ଦୁସ୍ତାନ ଲାଟେକ୍ସ**

■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର କେତେଗୁଡ଼ିଏ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ୮ଟି ରାଷ୍ଟ୍ରାୟତ୍ତ କମ୍ପାନୀ ବିକ୍ରି ସହ ୫ଟି ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ପାଇଁ ଆପାତତଃ ନିଷ୍ପତ୍ତି କରିଛନ୍ତି। ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୮ଟି ବଡ଼ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି ସୂଚୀରେ ରଖାଯାଇଛି। ଏହା ମଧ୍ୟରେ ରହିଛି ଭାରତ ଆର୍ଥ ମୁଭର୍ସ ଲିମିଟେଡ୍(ବିଇଏମ୍ଏଲ୍), ସିଫି କର୍ପୋରେସନ୍ ଅଫ୍ ଇଣ୍ଡିଆ(ସିସିଆଇ), ହିନ୍ଦୁସ୍ତାନ ଲାଟେକ୍ସ ଲିମିଟେଡ୍ (ଏଚ୍ଏଲ୍ଏଲ୍) ଲାଇଫକେୟାର୍ ଲିମିଟେଡ୍, ପ୍ରୋଜେକ୍ଟସ୍ ଆଣ୍ଡ ଡେଭଲପମେଣ୍ଟ ଇଣ୍ଡିଆ ଏବଂ ଇଣ୍ଡିଆନ୍ ମେଡିସିନ୍ସ ଫାର୍ମାସ୍ୟୁଟିକାଲ୍ କର୍ପୋରେସନ୍। ଏହି କମ୍ପାନୀଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ଦ୍ୱାରା କେନ୍ଦ୍ର ସରକାର ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଅନୁମାନ କରାଯାଉଛି। ▸ପୃଷ୍ଠା-୭

## ଜୀବନ ହାରିଲେ ଦିବ୍ୟାଙ୍ଗ ଛାତ୍ରୀ

- ବାହା ନ ହେଲେ ଭିଡିଓ ଭାଇରାଲ ଧମକ ଦେଇଥିଲା ଯୁବକ
- ମାନସିକ ଚାପ ସହ୍ୟ କରି ନ ପାରି ଓଢଣୀରେ ଝୁଲିପଡ଼ିଲେ
- ଅଭିଯୁକ୍ତକୁ ଗିରଫ କରିବା ପାଇଁ ପରିବାର ଲୋକଙ୍କ ଦାବି

■ **ଭୁବନେଶ୍ୱର, ୨୪।୭ (ସମିସ):** ରାଜ୍ୟରେ ମହିଳା ନିର୍ଯାତନା ଘଟଣା ପ୍ରତିଦିନ ପଦାକୁ ଆସୁଥିବା ବେଳେ ଆଜି ଭୁବନେଶ୍ୱରରୁ ଏଭଳି ଘଟଣା ଦେଖିବାକୁ ମିଳିଛି। ଜଣେ ଦିବ୍ୟାଙ୍ଗ ଛାତ୍ରୀ ବ୍ଲାକ୍‌ମେଲିଂର ଶିକାର ହୋଇ ଶେଷରେ ଓଢ଼ଣୀ ଲଗାଇ ଝୁଲି ପଡ଼ିଛନ୍ତି। ଚନ୍ଦ୍ରଶେଖରପୁର ଥାନା ଡମଣାସାହିରେ ଏଭଳି ଘଟଣା ଘଟିଛି। ମୃତ ଯୁବତୀଜଣଙ୍କ ହେଲେ ରାୟଗଡ଼ା ଜିଲ୍ଲାର ଅନୁପମା ନାୟକ। ଖବର ପାଇ ପୁଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପୁଲିସ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

ଏହି ମାମଲାରେ ପରିବାର ଲୋକ ସଂଗିନ ଅଭିଯୋଗ ଆଣି କହିଛନ୍ତି ଯେ ତାଙ୍କ ଝିଅ ଆତ୍ମହତ୍ୟା ପଛରେ ଜଣେ ଯୁବକଙ୍କ ହାତ ରହିଛି। ତୁରନ୍ତ ସେହି ଯୁବକକୁ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି। ଯୁବକଜଣଙ୍କ ୩ ମାସ ତଳେ ଜବରଦସ୍ତି ବିବାହ କରିବାକୁ ଛାତ୍ରୀଙ୍କୁ ଧମକ ଦେଇଥିଲେ। ବିବାହ ନ କଲେ ଭିଡିଓ ଭାଇରାଲ କରିବାକୁ କହିଥିଲେ। ଯେଉଁଥିପାଇଁ ଛାତ୍ରୀଜଣଙ୍କ ମାନସିକ ଚାପରେ ରହୁଥିଲେ। ଏହି କାରଣରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକ କହିଛନ୍ତି। ପୁଲିସ ତଦନ୍ତ କରି ଉକ୍ତ ଯୁବକଙ୍କୁ ଗିରଫ କଲେ ତାଙ୍କ ଝିଅକୁ ନ୍ୟାୟ ମିଳିବ ବୋଲି କହିଛନ୍ତି। ଛାତ୍ରୀଜଣଙ୍କ ଏକ ବର୍ଷ ହେବ ଭୁବନେଶ୍ୱର ଆସି ଚନ୍ଦ୍ରଶେଖରପୁର ଥାନା ଡମଣାସାହିରେ ରହୁଥିଲେ। ପ୍ରଥମେ ସେ ଏକ ▸ପୃଷ୍ଠା-୭




## ହିମାଚଳରେ ଭୂସ୍ଖଳନ, ୧୩୭ ମୃତ, ୩୪ ନିଖୋଜ୍

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ପାଣିପାଗ ବିଭାଗ ଗୁରୁବାର ଦେଶର ୮ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରିଛି । ମହାରାଷ୍ଟ୍ରରେ ରେଡ୍ ଅଲର୍ଟ ଜାରି କରାଯାଇଥିବା ବେଳେ ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଓଡ଼ିଶା, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀ, ଗୋଆ, ତେଲଙ୍ଗାନା ସହିତ ୬ଟି ରାଜ୍ୟରେ ପ୍ରବଳ ବର୍ଷା ହୋଇଛି । ପ୍ରବଳ ବର୍ଷା କାରଣରୁ ହିମାଚଳ ପ୍ରଦେଶରେ ଭୂସ୍ଖଳନ ହୋଇଛି । ଫଳରେ ଦୁଇଟି ଜାତୀୟ ରାଜପଥ ସମେତ ୩୮୫ ସଡକ ବନ୍ଦ ରହିଛି । ହିମାଚଳରେ ଜୁନ୍ ୨୨ରୁ ମୌସୁମୀ ପ୍ରବେଶ କରିଥିଲା ଓ ଏପର୍ଯ୍ୟନ୍ତ ବର୍ଷା ଜନିତ କାରଣରୁ ୧୩୭ ଜଣ ମୃତ୍ୟୁବରଣ କରିଛନ୍ତି ଓ ୩୪ ଜଣ ନିଖୋଜ ହୋଇଛନ୍ତି । ଏଥିସହ ୧୩୮୨ କୋଟି ଟଙ୍କାର ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି । ସେହିପରି ଦିଲ୍ଲୀ-ଏନ୍‌ସିଆରରେ ପ୍ରବଳ ବର୍ଷା କାରଣରୁ ସଡକ ଉପରେ ୩ ଫୁଟ ଉଚ୍ଚର ପାଣି ଜମି ରହିଛି । ନୋଏଡାରେ ୫ କିମି ଲମ୍ବର ଟ୍ରାଫିକ ଜାମ୍ ଦେଖିବାକୁ ମିଳିଛି । ନେପାଳରେ ଲଗାତର ବର୍ଷା କାରଣରୁ ବିହାରର କୋଶୀ ନଦୀର ଜଳସ୍ତର ବୃଦ୍ଧିପାଇଛି ।

## ଅମିତାଭ, ଆମୀରଙ୍କ କାରକୁ ୩୮ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ବଲିଉଡ ତାରକା ଅମିତାଭ ବଚ୍ଚନ ଓ ଆମୀର ଖାନ୍‌ଙ୍କ ନାମରେ ଥିବା ଦୁଇଟି ରୋଲ୍ସ ରୟସ ବିଳାସପୂର୍ଣ୍ଣ କାର ଉପରେ ଜରିମାନା ଧାର୍ଯ୍ୟ କରାଯାଇଛି । ବେଙ୍ଗାଲୁରୁରେ ରୋଡ ଟ୍ୟାକ୍ସ ନ ଦେବା କାରଣରୁ ଏହି ଜରିମାନା ବୃଦ୍ଧିପାଇ ୧୮ ଓ ୨୦ ଲକ୍ଷ ଟଙ୍କାରେ ପହଞ୍ଚିଛି । କିନ୍ତୁ ଏହି ଦୁଇଟି କାର ଅମିତାଭ କିମ୍ବା ଅମୀରଙ୍କ ନୁହଁ ବୋଲି ଜଣାପଡ଼ିଛି । ଦୁଇଟି ଯାକ କାର ଏବେ ଜଣେ ସ୍ଥାନୀୟ ବ୍ୟବସାୟୀ ତଥା ରାଜନେତା ୟୁସୁଫ୍ ଶରିଫ୍‌ଙ୍କ ନାମରେ ରହିଛି । ସେ ନିୟମିତ ଭାବେ ଏହି କାର ବ୍ୟବହାର କରୁଥିଲେ । ସେ କିଛି ବର୍ଷ ପୂର୍ବେ ଅମିତାଭ ଓ ଆମୀରଙ୍କଠାରୁ ଏହି କାର କ୍ରୟ କରିଥିଲେ । କିନ୍ତୁ ସେ ମାଲିକାନାକୁ ନିଜ ନାମକୁ ଟ୍ରାନ୍ସଫର କରି ନଥିଲେ । ଶରିଫ କେଜିଏଫ୍ ବାବୁ ନାମରେ ପରିଚିତ । ସେ କର୍ଣ୍ଣାଟକର ଖଣି ସହର କୋଲାର ଗୋଲ୍ଡ ଫିଲ୍ଡସ (କେଜିଏଫ୍)ର ମୂଳ ନିବାସୀ ଅଟନ୍ତି । ଏହି ସ୍ଥାନ ସୁପରହିଟ୍ ସିନେମା କେଜିଏଫ୍ ମୁକ୍ତିଲାଭ କରିବା ପରେ ବେଶ୍ ଲୋକପ୍ରିୟ ହୋଇଥିଲା ।

## ଟେକ୍‌ଅଫ୍ ପୂର୍ବରୁ ଖରାପ୍ ହେଲା ବିମାନ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଦିଲ୍ଲୀ ବିମାନ ବନ୍ଦରରେ ବୁଧବାର ମୁମ୍ବାଇ ଯିବାକୁ ଟେକ୍ ଅଫ୍ କରିବାର ପୂର୍ବରୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଖରାପ୍ ହୋଇଥିଲା । ବିମାନରେ କେତୋଟି ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା । ଫଳରେ ଏୟାର ଲାଇନ୍ସ ଯାତ୍ରୀମାନଙ୍କୁ ଅନ୍ୟଏକ ବିମାନକୁ ସିଫ୍ଟ କରିବା ପରେ ମୁମ୍ବାଇ ପଠାଇଥିଲା । ଏହି ବିମାନରେ ପାଖାପାଖି ୧୬୦ଜଣ ଯାତ୍ରୀ ଥିଲେ । କ୍ରୁ ମେମ୍ବର ବିମାନରେ ବୈଷୟିକ ତ୍ରୁଟି ଥିବା ଜାଣିପାରିଥିଲେ ବୋଲି ଏୟାର ଇଣ୍ଡିଆ ପ୍ରବକ୍ତା କହିଛନ୍ତି । ଫଳରେ ବିମାନକୁ ଟେକ୍‌ଅଫ୍ କରିବା ପୂର୍ବରୁ ହିଁ ରୋକା ଯାଇଥିଲା । ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା । କକ୍‌ପିଟ୍‌ରେ ସ୍ପିଡ୍ ଦେଖାଉଥିବା ସ୍କ୍ରିନ୍ ଖରାପ୍ ହୋଇଥିଲା । ଏହାକୁ ଦେଖି ପାଇଲଟ ଯଥାଶୀଘ୍ର ବିମାନ ଉଡାଣକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ । ପୂର୍ବରୁ ଅହମଦାବାଦ୍‌ରୁ ଡିୟୁ ଯାଉଥିବା ଇଣ୍ଡିଗୋର ଏକ ବିମାନ ଟେକ୍ ଅଫ୍ କରିବା ପୂର୍ବରୁ ଇଞ୍ଜିନରେ ନିଆଁ ଲାଗିଯାଇଥିଲା । ଏହାପରେ ତୁରନ୍ତ ସବୁ ଯାତ୍ରୀଙ୍କୁ ବିମାନରୁ ବାହାର କରାଯାଇଥିଲା । ଏହି ବିମାନରେ ୬୦ ଯାତ୍ରୀ ଥିଲେ ।

## ଅଷ୍ଟମ ଶ୍ରେଣୀ ପାଇଁ ଏନ୍‌ସିଇଆରଟିର ନୂଆ ଗଣିତ ବହି

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ନ୍ୟାସନାଲ କାଉନସିଲ ଅଫ୍ ଏଜୁକେସନାଲ ରିସର୍ଚ୍ଚ (ଏନ୍‌ସିଇଆରଟି) କ୍ଲାସ ୮ ପାଇଁ ନୂଆ ଗଣିତ ବହି ଲଞ୍ଚ୍ କରିଛି । ଏହାର ନାମ ଗଣିତ ପ୍ରକାଶ ରଖାଯାଇଛି । ଏବେ ଏହି ବହି ଏନ୍‌ସିଇଆରଟିର ୱେବପୋର୍ଟାଲରେ ଉପଲବ୍ଧ ବୋଲି କୁହାଯାଇଛି । ଏହି ବହି ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଓ ଜାତୀୟ ପାଠ୍ୟ ଚର୍ଚ୍ଚାର ରୂପରେଖର ଠିକ୍ ଅନୁରୂପ । ଭାରତୀୟ ଗାଣିତିକ ପରମ୍ପରା ଓ ତତ୍ତ୍ୱକୁ ଭିତ୍ତି କରି ଏହି ପୁସ୍ତକ ଲେଖା ହୋଇଛି ଓ ଏହା ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାରେ ସମର୍ଥ ହେବ ବୋଲି ଆଶା କରାଯାଉଛି । କ୍ରୀଡ଼ା ଆଧାରିତ ଏହି ପୁସ୍ତକ ପିଲାମାନଙ୍କୁ ଗଣିତ ଶିକ୍ଷା ଦେବାରେ ନୂଆ ଦିଶା ପ୍ରଦାନ କରିବ । ବାସ୍ତବିକ ଦୈନନ୍ଦିନ ଜୀବନ ସହ ଏହ ବହିର ପ୍ରାସଙ୍ଗିକତା ରହିବ ବୋଲି ଆଶା କରାଯାଉଛି । ଏହି ନୂଆ ଗଣିତ ପୁସ୍ତକ ପିଲାମାନଙ୍କୁ ପଢ଼ିବାକୁ ଉତ୍ସାହିତ କରିବ । ଏନ୍‌ସିଇଆରଟି ମଧ୍ୟ ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ ଓ ହିନ୍ଦୀ ବହି ଲଞ୍ଚ୍ କରିଛି ।

## ଗୁରୁଗ୍ରାମରେ ୮ ବାଂଲାଦେଶୀ ନାଗରିକ ଗିରଫ

ଗୁରୁଗ୍ରାମ, ୨୪।୭(ଏଜେନ୍ସି): ଗୁରୁଗ୍ରାମରେ ଅବୈଧ ଭାବେ ରହୁଥିବା ୮ ଜଣ ବାଂଲାଦେଶ ନାଗରିକଙ୍କୁ ପୁଲିସ ଗିରଫ୍ କରିଛି । ଅବୈଧ ଭାବେ ରହୁଥିବା ବିଦେଶୀଙ୍କୁ ଯାଞ୍ଚ୍ କରାଯିବା ବେଳେ ଏମାନଙ୍କୁ ଗିରଫ କରାଯାଇଛି । ଏବେ ଏହି ୮ଜଣ ବ୍ୟକ୍ତିଙ୍କୁ ବାଂଲାଦେଶକୁ ଫେରାଇବା ଅର୍ଥାତ ଡିପୋର୍ଟ କରିବା ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏବେ ଆହୁରି ୨୦୦ଜଣ ସନ୍ଦିଗ୍ଧଙ୍କୁ ନେଇ ଯାଞ୍ଚ୍ ଚାଲୁ ରହିଛି । ଏମାନଙ୍କ ମଧ୍ୟରେ ଆହୁରି କେତେଜଣ ବାଂଲାଦେଶ ନାଗରିକ ଥିବା ଆଶଙ୍କା କରାଯାଉଛି । କେନ୍ଦ୍ର ଗୃହମନ୍ତ୍ରାଣାଳୟର ନିର୍ଦ୍ଦେଶ କ୍ରମେ ଏହି ଯାଞ୍ଚ୍ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏହିକ୍ରମରେ ପୁଲିସ ଗତ ଏକମାସ ହେବ କାଗଜପତ୍ର ଯାଞ୍ଚ୍ କରିଆସୁଛି । ସନ୍ଦିଗ୍ଧଙ୍କୁ ଧରି ହୋଲ୍ଡିଂ ସେଣ୍ଟରକୁ ପଠାଯାଉଛି ଓ ସେମାନଙ୍କ କାଗଜ ସମ୍ବନ୍ଧିତ ଜିଲ୍ଲାର ଡିଏମ୍ ଓ ଏସପିଙ୍କ ସହ ସମ୍ପର୍କ କରାଯାଇ ଭେରିଫାଏ କରାଯାଉଛି । ଯେଉଁମାନଙ୍କର କାଗଜପତ୍ର ଠିକ ବୋଲି ପ୍ରମାଣ ମିଳୁଛି ସେମାନଙ୍କୁ ଛାଡି ଦିଆଯାଉଛି ।

## ଅହମଦାବାଦ ବିମାନ ଦୁର୍ଘଟଣା ପରେ ଛୁଟି ନେଇଥିଲେ ୧୧୨ ଏୟାର ଇଣ୍ଡିଆ ପାଇଲଟ୍



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଅହମଦାବାଦ୍ ବିମାନ ଦୁର୍ଘଟଣାର ୪ ଦିନପରେ ଏୟାର ଇଣ୍ଡିଆର ୧୧୨ ଜଣ ପାଇଲଟ୍ ଛୁଟି ନେଇଥିଲେ । ଅସୁସ୍ଥତା କାରଣ ଦର୍ଶାଇ ପାଇଲଟ୍‌ମାନେ ଛୁଟି ନେଇଥିଲେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାୟୁଡୁ ସଂସଦରେ କହିଛନ୍ତି । ଜୁନ୍ ୧୬ରେ ୬୧ ଜଣ ସିନିଅର ପାଇଲଟ୍ ଓ ୫୧ ଜଣ ଫ୍ଲାଇଟ୍ ଅଫିସର ଛୁଟି ପାଇଁ ଆବେଦନ କରିଥିଲେ । ତେଣୁ ବିମାନ ଦୁର୍ଘଟଣା ପରେ ପାଇଲଟମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ ଓ ଏହାକୁ ଠିକ୍ କରିବା ପାଇଁ ବ୍ୟବସ୍ଥା କରିବା ଜରୁରୀ ବୋଲି ସେ କହିଛନ୍ତି । ପାଇଲଟମାନଙ୍କ ପାଇଁ ସପୋର୍ଟ ଗ୍ରୁପ୍ ଗଠନ କରିବାକୁ ପରାମର୍ଶ ଦିଆଯାଇଛି । ସେପଟେ ଡିଜିସିଏ (ଡାଇରେକ୍ଟୋରେଟ ଜେନେରାଲ ଅଫ୍ ସିଭିଲ ଆଭିଏସନ) ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଛି । କେବିନ କ୍ରୁ ମେମ୍ବରଙ୍କ ଆରମ ଓ ଡ୍ୟୁଟି ନିୟମ, ଟ୍ରେନିଂ ରୁଲ, ଅପରେସନ ପ୍ରସିଡ୍ୟୁଅରର ଉଲ୍ଲଂଘନକୁ ନେଇ ଏହି ନୋଟିସ ଜାରି କରାଯାଇଛି । ଜୁନ୍ ୧୨ରେ ଅହମଦାବାଦ୍‌ରେ ବିମାନ ଦୁର୍ଘଟଣାରେ ମୋଟ ୨୬୦ଜଣ ପ୍ରାଣ ହରାଇଥିବା ବେଳେ ୬୮ ଜଣ ଆହତ ହୋଇଥିଲେ ।

# ମନ୍ଦିର ପାଇଁ ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ



## ୧୨ ଥାଇ ନାଗରିକ ମୃତ; ଥାଇଲାଣ୍ଡର ପାଲଟା ଆକ୍ରମଣ, ଶତାଧିକ ଆହତ

ବ୍ୟାଙ୍କକ୍/ନୋମ ପେହ୍ନ, ୨୪।୭(ଏଜେନ୍ସି): ଗୁରୁବାର ସକାଳେ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଛି । ଦୁଇଦେଶର ସୀମାର ଗୁଳିଗୋଳା ବର୍ଷଣ ହୋଇଛି । କାମ୍ବୋଡିଆ ସୈନିକଙ୍କ ଗୁଳିରେ ୧୨ ଜଣ ଥାଇଲାଣ୍ଡ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି । ଜବାବରେ ଥାଇଲାଣ୍ଡ ମଧ୍ୟ କାମ୍ବୋଡିଆର ସାମରିକ ଠିକଣା ଉପରେ ବିମାନରୁ ବୋମାମାଡ଼ କରିଛି । ଏକ ପୁରୁଣା ମନ୍ଦିର ବିବାଦକୁ ନେଇ ଦୁଇ ଦେଶ ମଧ୍ୟରେ ଏହି ସଂଘର୍ଷ ହୋଇଥିବା କୁହାଯାଉଛି ।

ସୀମାରେ ଥାଇଲାଣ୍ଡ ସେନା ପ୍ରଥମେ ଗୁଳି ଚଳାଇଥିଲେ ବୋଲି କାମ୍ବୋଡିଆ ବୈଦେଶିକ ମନ୍ତ୍ରଣାଳୟ ଅଭିଯୋଗ କରିଛି । ଅପରପକ୍ଷରେ କାମ୍ବୋଡିଆ ପ୍ରଥମେ ଡ୍ରୋନ୍ ଆକ୍ରମଣ କରିଛି  ସହିତ ତୋପ ଓ ରକେଟ ଦ୍ୱାରା ଆକ୍ରମଣ କରିଛି ବୋଲି ଥାଲଇାଣ୍ଡ ପାଲଟା ଅଭିଯୋଗ କରିଛି । ଗତ ମେ ୨୮ ରେ ଦୁଇଦେଶର ସୈନିକଙ୍କ ମଧ୍ୟରେ ପ୍ରଥମ ସଂଘର୍ଷ ହୋଇଥିଲା ଓ ଏଥିରେ ଜଣେ କାମ୍ବୋଡିଆ ସୈନିକ ମୃତ୍ୟୁବରଣ କରିଥିଲେ । ଏହାପରଠାରୁ ଦୁଇଦେଶ ମଧ୍ୟରେ ବିବାଦ ଓ ଉତ୍ତେଜନା ଜାରି ରହିଛି । ଥାଇଲାଣ୍ଡ ଇତିମଧ୍ୟରେ ତା'ର ସୀମାକୁ ଲାଗି ୮୬ଟି ଗାଁରୁ ୪୦ ହଜାର ନାଗରିକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି । ସେହିପରି କାମ୍ବୋଡିଆରେ ରହୁଥିବା ଥାଇ ନାଗରିକଙ୍କୁ ଦେଶକୁ ଫେରିବାକୁ କୁହାଯାଇଛି ।

ଉଲ୍ଲେଖଥାଉ କି, ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ବିବାଦ ୧୧୮ ବର୍ଷ ପୁରୁଣା । ପ୍ରିହ ବିହାରର ପୁରୁଣା ଶିବ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ଅଧିକାରକୁ ନେଇ ଏହି ବିବାଦ ଚାଲୁ ରହିଛି । ଏହି ମନ୍ଦିରକୁ ଦୁଇ ଦେଶ ନିଜର ବୋଲି ଦାବି କରୁଛନ୍ତି ଓ ସେବେଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଏହି ମନ୍ଦିର ବିବାଦରେ ଆନ୍ତର୍ଜାତିକ ନ୍ୟାୟାଳୟ ୧୯୬୨ରେ କାମ୍ବୋଡିଆ ସପକ୍ଷରେ ରାୟ ଦେଇଥିବା ବେଳେ ଥାଇଲାଣ୍ଡ ଏହାକୁ ମାନିବାକୁ ନାରାଜ । ତେବେ ୨୦୧୩ ପରେ ଦୁଇ ଦେଶ ମଧ୍ୟରେ ଏହାକୁ ନେଇ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି । ଇତିମଧ୍ୟରେ ସାନି ଉତ୍ତେଜନା ପରେ ଦୁଇ ଦେଶ ପରସ୍ପର ସହ କୂଟନୈତିକ ସଂପର୍କ ଛିନ୍ନ କରିଛନ୍ତି ।

### ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା

## ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲାରେ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ଗୁରୁବାର ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି । ହାଇକୋର୍ଟ ଜୁଲାଇ ୨୧ରେ ସବୁ ୧୨ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ । ଏହାପରେ ମହାରାଷ୍ଟ୍ର ସରକାର ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ ବୁଧବାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । କିନ୍ତୁ ଏହି ନିଷ୍ପତ୍ତି ଅଭିଯୁକ୍ତଙ୍କୁ ଖଲାସ କରିବା ପ୍ରକ୍ରିୟା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଜଷ୍ଟିସ ଏମ୍‌ଏମ୍ ସୁନ୍ଦ୍ରେଶ ଓ ଏନ୍ କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି । ଅର୍ଥାତ ଅଭିଯୁକ୍ତମାନଙ୍କୁ ପୁଣି ଥରେ ଗିରଫ କରାଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ସବୁ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟଙ୍କ ତରଫରୁ ନୋଟିସ ଦିଆଯାଇଛି ।

### ପୁଣି ଗିରଫ ହେବେନାହିଁ ମୁକ୍ତ ହୋଇଥିବା ବ୍ୟକ୍ତି

୧୯ ବର୍ଷ ତଳେ ୨୦୦୬ ଜୁଲାଇ ୧୧ରେ ହୋଇଥିବା ଏହି ଟ୍ରେନ୍ ବିସ୍ଫୋରଣରେ ୧୮୯ ଲୋକ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ । ଏହି ଘଟଣାରେ ମୋଟ୍ ୧୩ ଜଣ ଅଭିଯୁକ୍ତ ଥିଲେ ଓ ଜଣେ ଅଭିଯୁକ୍ତ ମୃତ୍ୟୁବରଣ କରିଛନ୍ତି । ସବୁ ବିସ୍ଫୋରଣ ଫାଷ୍ଟକ୍ଲାସ୍ ବଗିରେ ହିଁ ହୋଇଥିଲା । ଦୀର୍ଘ ୧୯ ବର୍ଷ ପରେ ରାୟ ଦେଇ ହାଇକୋର୍ଟ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ । ଦୋଷ ପ୍ରମାଣ କରିବାକୁ ସରକାରୀ ଓକିଲ ବିଫଳ ହୋଇଛନ୍ତି ବୋଲି ହାଇକୋର୍ଟ କହିଥିଲେ । ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ଦିନ ୨ ଜଣ ଅଭିଯୁକ୍ତଙ୍କୁ ଜେଲ୍‌ରୁ ଖଲାସ କରାଯାଇଥିଲା ।

## ଘରୋଇ ହିଂସାରେ ଦୁଇମାସ ପର୍ଯ୍ୟନ୍ତ ହେବନି ଗିରଫଦାରୀ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଘରୋଇ ହିଂସା ତଥା ଯୌତୁକ ନିର୍ଯାତନା ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ମାମଲା ରୁଜୁ ହେବାପରେ ଏବେ ଅଭିଯୁକ୍ତଙ୍କୁ ତୁରନ୍ତ ଗରିଫ କରାଯାଇପାରିବ ନାହିଁ । ମାମଲା ରୁଜୁ ହେବାର ଦୁଇମାସ ମଧ୍ୟରେ ଆବଶ୍ୟକୀୟ ତଦନ୍ତ କରିବା ପରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଥିବା ଆଇନ୍ ବିଏନ୍‌ଏସ୍ (ଭାରତୀୟ ଦଣ୍ଡ ସଂହିତା)ର ଧାରା ୪୯୮ (କ)ର ବ୍ୟାପକ ଭାବେ ଦୁରୁପଯୋଗ କରାଯାଉଛି ବୋଲି କୋର୍ଟ ହୃଦୟଙ୍ଗମ କରିଛନ୍ତି । ଏବେ ଅଭିଯୋଗ ପରେ ଓ ମାମଲା ରୁଜୁ ପରେ ପୁଲିସ ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରୁଛି । ଫଳରେ ପାରିବାରିକ ଜୀବନରେ ଝଡ଼ଝଞ୍ଜା ସୃଷ୍ଟି ହେଉଛି । ପୁଣି ଏ ନେଇ ସମାଧାନର ପନ୍ଥା ମଧ୍ୟ ବହାରିବା ମୁସ୍କିଲ ହୋଇପଡୁଛି । ତେଣୁ ଏବେକାର ସ୍ଥିତିରେ ଏହି ରାୟର ପ୍ରାସଙ୍ଗିକତା ରହିଛି । ଏହିକ୍ରମରେ ଦୁଇବର୍ଷ ତଳେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ମାର୍ଗଦର୍ଶିକାକୁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି । ଦୁଇମାସ ମଧ୍ୟରେ ପୁଲିସ ମାମଲାକୁ ପରିବାର କଲ୍ୟାଣ କମିଟି (ଏଫ୍‌ଡବ୍ଲ୍ୟୁସି)କୁ ସୁପାରିସ କରିବ । ଏଫ୍‌ଡବ୍ଲ୍ୟୁସି ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କୁହାଯାଇଛି । ଏହାକୁ ସାରା ଦେଶରେ ଲାଗୁ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଦେଶର ପ୍ରତ୍ୟେକ ଜିଲ୍ଲାରେ ଅତିକମ୍‌ରେ ଗୋଟିଏ ଲେଖାଏ ଏଫ୍‌ଡବ୍ଲ୍ୟୁସି ରହିବା ଜରୁରୀ ବୋଲି କୋର୍ଟ କହିଛନ୍ତି ।

## ଜଷ୍ଟିସ ବର୍ମା ମାମଲା: ଯାଞ୍ଚ କମିଟି ଗଠନ କରିବ ସଂସଦ



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ନଗଦ ଟଙ୍କା ଜବତ ମାମଲାରେ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ତଦନ୍ତ ପାଇଁ ସଂସଦ ନୂଆ କମିଟି ଗଠନ କରିବା ନେଇ ପ୍ରସ୍ତୁତି ଆରମ୍ଭ କରିଛି । ଏହି କମିଟିରେ ସୁପ୍ରିମକୋର୍ଟର ଜଣେ ବିଚାରପତି, କୌଣସି ହାଇକୋର୍ଟର ଜଣେ ମୁଖ୍ୟ ବିଚାରପତି ଓ ଜଣେ ପ୍ରତିଷ୍ଠିତ ଆଇନଜ୍ଞଙ୍କୁ ସାମିଲ କରାଯିବ । ଏହି କମିଟି ଯଷ୍ଟିସ ବର୍ମାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ନେଇ ତଦନ୍ତ କରି ତା'ର ରିପୋର୍ଟ ପ୍ରଦାନ କରିବ । ପୂର୍ବରୁ ସୁପ୍ରିମକୋର୍ଟଙ୍କ ତରଫରୁ ହୋଇଥିବା ଇନ୍ ହାଉସ୍ ଯାଞ୍ଚରେ ଜଷ୍ଟିସ ବର୍ମାଙ୍କୁ ନଗଦ ଟଙ୍କାର ଜବତ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ।

ପୂର୍ବରୁ ବୁଧବାର ସୁପ୍ରିମକୋର୍ଟରେ ବହୁ ଚର୍ଚ୍ଚିତ ଜଷ୍ଟିସ୍ ଯଶୋବନ୍ତ ବର୍ମା କ୍ୟାସ ମାମଲାର ଶୁଣାଣି ହୋଇଥିଲା । କିନ୍ତୁ ମୁଖ୍ୟ ବିଚାରପତି (ସିଜେଆଇ) ବିଆର ଗଭାଇ ଏହି ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି । ଏହି ମାମଲାର ଶୁଣାଣିରେ ସାମିଲ ହେବା ମୋ ପାଇଁ ଉଚିତ ହେବ ନାହିଁ । ପୂର୍ବରୁ ଏହି ମାମଲାର ଶୁଣାଣିରେ ରହିଥିବାରୁ ଏଥିରେ ସାମିଲ ହେବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଜୁଲାଇ ୧୯ରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଏ ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ । ସେ ଇନ୍ ହାଉସ୍ କମିଟି ରିପୋର୍ଟ ଓ ମହାଅଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବା ନେଇ ଆବେଦନ କରିଥିଲେ । ଘରେ ଅଧାଜଳା ନଗଦ ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ସୁପ୍ରିମିକୋର୍ଟରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ ଓକିଲ କପିଲ ସିବଲ ଦଲିଲ ଉପାସ୍ଥାପନା କରିଥିଲେ ।

## ୟୁକ୍ରେନ୍‌ରେ ଜେଲେନସ୍କିଙ୍କ ବିରୋଧରେ ପ୍ରଦର୍ଶନ

କିଭ୍, ୨୪।୭(ଏଜେନ୍ସି): ରୁଷ ଓ ୟୁକ୍ରେନ୍ ମଧ୍ୟ ଚାଲିଥିବା ଯୁଦ୍ଧ ୩ ବର୍ଷ ଅତିକ୍ରାନ୍ତ ହେଲାଣି ଓ ଯୁଦ୍ଧ ଥମିବାର କୌଣସି ସମ୍ଭାବନା ସୃଷ୍ଟି ହୋଇନାହିଁ । ଏପରି ସ୍ଥଳେ ପ୍ରଥମ ଥର ପାଇଁ ୟୁକ୍ରେନ୍‌ରେ ରାଷ୍ଟ୍ରପତି ଭୋଲୋଡିମୀର ଜେଲେନସ୍କିଙ୍କ ବିରୋଧରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି । ଜେଲେନସ୍କିଙ୍କୁ ବିରୋଧ କରି ରାଜଧାନୀ କିଭ୍ ସମେତ ଦେଶର ଏକାଧିକ ବଡ଼ ସହରରେ ବିରୋଧ ପ୍ରଦର୍ଶନ କରାଯାଇଛି । ନିକଟରେ ୟୁକ୍ରେନ ସଂସଦରେ ଏକ ବିଲ୍ ପାସ ହୋଇଥିଲା । ଏହି ବିଲ ବଳରେ ଦେଶରୁ ଦୁଇଟି ଦୁର୍ନୀତି ବିରୋଧି ସଂସ୍ଥା ନ୍ୟାସନାଲ ଆଣ୍ଟି କରପସନ ବ୍ୟୁରୋ ଅଫ୍ ୟୁକ୍ରେନ୍ ଓ ସ୍ପେଶାଲାଇଜଡ୍ ଆଣ୍ଟି କରପସନ ପ୍ରସିକ୍ୟୁଟର ଅଫିସ ଉପରେ ନଜର ତଥା ଯାଞ୍ଚ୍‌କୁ ବୃଦ୍ଧି କରାଯାଇଛି । ଏହା ଦ୍ୱାରା ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଉଛି ବୋଲି ଅଭିଯୋଗ ହେଉଛି ।

# ବିହାରରୁ ଦିଲ୍ଲୀ ଯାଏଁ ଭୋଟର ତାଲିକା ସଂଶୋଧନ କମ୍ପନ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ବିହାରରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୈତିକ କମ୍ପନ ଜାରି ରହିଛି । ବିହାରରେ ୬୦ ଲକ୍ଷ ମତଦାତାଙ୍କ ନାମ ଭୋଟର ତାଲିକାରୁ କଟିବ ବୋଲି ନିର୍ବାଚନ କମିସନ ସୂଚନା ଦେବା ପରେ ପରିସ୍ଥିତି ସଙ୍ଗିନ ହୋଇପଡ଼ିଛି । ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ସହ ସଲାସୁତରା କରି କମିସନ ଏଭଳି ପଦକ୍ଷେପ ।।ନେଉଛନ୍ତି । ଏଭଳି ଭୋଟର ତାଲିକା ସଂଶୋଧନକୁ ତୁରନ୍ତ ବାତିଲ କରିବା ପାଇଁ ସେମାନେ ଦାବି କରିଛନ୍ତି । ଭୋଟର ତାଲିକା ସଂଶୋଧନ ବେଳେ ଆଧାର କାର୍ଡକୁ ପରିଚୟପତ୍ର ରୂପେ ଗ୍ରହଣ କରିବା ଲାଗି ସୁପ୍ରିମ କୋର୍ଟଙ୍କ ପରାମର୍ଶକୁ କମିସନ ପ୍ରତ୍ୟାଖ୍ୟାନ କରିଥିବାରୁ ଏହା ଏକ ବଡ଼ ଧରଣର ଷଡ଼ଯନ୍ତ୍ର ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । କମିସନଙ୍କ ଏଭଳି ପଦକ୍ଷେପ ବିରୋଧରେ ବିହାର ରାଜଧାନୀ ପାଟନାରେ ଆଜି ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଦିଲ୍ଲୀରେ ମଧ୍ୟ ସଂସଦ ଅଚଳ ରହିଛି ।

ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନକୁ ନେଇ ଶାସକ ଜେଡିୟୁରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି । ଏନେଇ ଦଳୀୟ ସାଂସଦ ଗିରିଧାରୀ ଯାଦବ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ କମିସନଙ୍କ ଏଭଳି ପ୍ରକ୍ରିୟା ଯୋଗୁଁ




ଲକ୍ଷ ଲକ୍ଷ ବୈଧ ଭୋଟର ସେମାନଙ୍କ ମତାଧିକାରରୁ ବଞ୍ଚିତ ହେଇଯିବେ । ତେବେ ତାଙ୍କର ଏଭଳି ମନ୍ତବ୍ୟ ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଜେଡିୟୁ । ଏହାସତ୍ତ୍ୱେ ସେ କମିସନ ବିରୋଧରେ ସ୍ୱର ଉତ୍ତୋଳନ ଜାରି ରଖିବେ ବୋଲି କହିଛନ୍ତି ଯାଦବ ।

ଆଜି ସଂସଦ ବାହାରେ ବି।।କ୍ଷୋଭ ଓ ଧାରଣା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଭୋଟ ଲୁଟ୍ ପାଇଁ ଏହା ଆଉ ଏକ ଚାଲ୍ । ସେ ଅଭିଯୋଗ କରିଛନ୍ତି ଯେ କମିସନ କର୍ଣ୍ଣାଟକରେ ମଧ୍ୟ ଭୋଟ ଚୋରି କରିବା ସହ ଅନୈତିକ ଉପାୟ ଅବଲମ୍ବନ କରିଥିଲେ । ଭୋଟର ତାଲିକା ରିଭିଜନ ନାମରେ ହଜାର ହଜାର ନକଲି ଭୋଟରଙ୍କୁ ସାମିଲ କରାଯାଇଛି । କର୍ଣ୍ଣାଟକରେ ଗୋଟିଏ ଆସନରେ ଜାଲିଆତି କରିଛନ୍ତି କମିସନ । ଆମ ପାଖରେ ଏ ନେଇ ୧୦୦ ପ୍ରତିଶତ ପ୍ରମାଣ ରହିଛି । ଗୋଟିଏ ନିର୍ବାଚନ ମଣ୍ଡଳୀରେ ୫୦, ୬୦ ଓ ୬୫ ବର୍ଷର ହଜାର ହଜାର ଭୋଟରଙ୍କୁ ସୂଚୀରେ ସାମିଲ କରାଯାଇଛି ଓ ୧୮ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କୁ ସୂଚୀରୁ ଅନୈତିକ ଉପାୟରେ ବାଦ୍ ଦିଆଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି । ଗୋଟିଏ ନିର୍ବାଚନମଣ୍ଡଳୀ।।ରେ ଏଭଳି ଜାଲିଆତି ହୋଇଥିବାର ଆମେ ପ୍ରମାଣ ପାଇଛୁ । ତେଣୁ ପ୍ରତ୍ୟେକ ଆସନରେ ଏଭଳି ଜାଲିଆତି କରାଯାଇଥିବ ବୋଲି ମୋର ବିଶ୍ୱାସ ହେଉଛି । ମହାରାଷ୍ଟ୍ର ଓ ହରିଆଣାରେ ମଧ୍ୟ ଏଭଳି ଜାଲିଆତି କରାଯାଇଥିବା ସେ କହିଛନ୍ତି ।

## ରାଜ୍ୟରେ ବଢ଼ିଚାଲିଛି ନାରୀ ହିଂସା ଓ ନିର୍ଯାତନା

# କୋରାପୁଟ ଡିଆଇଜିଙ୍କ ଅଫିସ ଆଗରେ ଗର୍ଜିବ ବିଜେଡି

■ ନାରୀଙ୍କୁ ସୁରକ୍ଷା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ
■ ଆଉ ଜଣେ ପୀଡ଼ିତା ମୁମୂର୍ଷୁ ଅବସ୍ଥାରେ ଏମ୍ସରେ ଭର୍ତ୍ତି

ଭୁବନେଶ୍ୱର,୨୪।୭ (ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାରେ ନିକଟରେ ଦୁଇ ଦୁଇଟି ଦୁଷ୍କର୍ମ ଘଟଣା ସହ ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏହା ବିରୋଧରେ ଆସନ୍ତା୨୬ ତାରିଖ ଦିନ କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଫିସ ସମ୍ମୁଖରେ ବିକ୍ଷୋଭ କରିବ ବିଜେଡି । ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ପ୍ରଦୀପ ମାଝୀ ଏ ନେଇ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯ୍ୟାତନା ଅହେତୁକ ବୃଦ୍ଧି ପାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ମାଲକାନଗିରି ଜିଲ୍ଲାରେ ପୁଣି ଥରେ ଛାତି ଥରେଇ ଦେଲା ଭଳି ଖବର ଆସିଛି। ପନ୍ଦର ବର୍ଷର ଜଣେ ଅନୁସୂଚିତ ଜାତିର ନାବାଳିକାକୁ କିଛି ଘଣ୍ଟାର ବ୍ୟବଧାନରେ ଦୁଇ ଦୁଇ ଥର ଦୁଷ୍କର୍ମର ଶିକାର ହୋଇଛି। ପ୍ରଥମେ ତାକୁ ୩ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରୁଛନ୍ତି। ସେଇ ଯୌନ ପିଶାଚଙ୍କ ଠାରୁ ମୁକ୍ତି ପାଇ ଫେରିବା ବେଳେ ପୁଣି ଜଣେ ଟ୍ରକ୍ ଡ୍ରାଇଭର ତାକୁ ଦୁଷ୍କର୍ମ କରିଛି। ଡବଲ ଇଂଜିନ ସରକାରରେ ଡବଲ ଦୁଷ୍କର୍ମ ଭଳି ଏକ ଅଭାବନୀୟ କାଣ୍ଡ ଘଟୁଛି। ସେହିପରି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ଜଣେ ନର୍ସିଂ ଛାତ୍ରୀ ମୁମୂର୍ଷୁ ଅବସ୍ଥାରେ ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ଥାନାରେ ଏଫଆଇଆର ଦେବା ପରେ ଥାନା ଅଧିକାରୀଙ୍କ ଦ୍ୱାରା ଅଭିଯୁକ୍ତକୁ ଥାନାକୁ ଅଣାଯାଇ କିଛି ପଚରାଉଚରା ପରେ ଛାଡି ଦିଆ ଯାଇଥିଲା। ଏହା ପରେ ଦୁର୍ବୃତ୍ତ ପୀଡିତା ଛାତ୍ରୀଙ୍କ ଗାଁରେ ପହଞ୍ଚି ତା ସହିତ କୁକର୍ମ କରିବା ସହ ଏହାର ଭିଡିଓ ଭାଇରାଲ କରିଛି। ପୀଡିତାଙ୍କ ଦାଦା ଥାନାରେ ଏ ସଂକ୍ରାନ୍ତରେ ଆଉ ଏକ ଏଫଆଇଆର ଦେଇଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ଅମଳରେ ଡବଲ ଏଫଆଇଆର ଦେବାକୁ ପଡୁଛି, କିନ୍ତୁ ନ୍ୟାୟ ମିଳୁନାହିଁ। ପୀଡିତା ଛାତ୍ରୀ ଜଣକ ନ୍ୟାୟ ନ ପାଇବାରୁ ହତାଶ ହୋଇ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି। ସର୍ବୋଚ୍ଚ ନ୍ୟାୟାଳୟ ଦୁଇ ଦିନ ତଳେ ଏଫଏମ କଲେଜ ଛାତ୍ରୀ ଆତହୁତି ଘଟଣା ଓ ବଲଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ ଘଟଣାରେ ପ୍ରତିକ୍ରିୟା ଦେଇ ଏହା ଲଜ୍ଜା ବୋଲି କହିବା ସହିତ ଏଥିପାଇଁ ବ୍ୟବସ୍ଥାଗତ ବିଫଳତା ଦାୟୀ ବୋଲି ଶ୍ରୀ ମାଝୀ କହିଛନ୍ତି। ଆସନ୍ତାକାଲି ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଅବିଭକ୍ତ କୋରାପୁଟ ଜିଲ୍ଲା ଗସ୍ତ କରି ଡବଲ ଦୁଷ୍କର୍ମ ଶିକାର ହୋଇଥିବା ପୀଡ଼ିତାଙ୍କୁ ଓ ତାଙ୍କ ପରିବାରକୁ ଭେଟିବ। ଜୁଲାଇ ୨୬ ତାରିଖ ଦିନ ବିଜେଡି ପକ୍ଷରୁ କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

# ଲଘୁଚାପ ଘନୀଭୂତ, ସାରା ରାଜ୍ୟରେ ବର୍ଷା

ଭୁବନେଶ୍ୱର,୨୪।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ବୁଧବାର ଅପରାହ୍ଣଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଗୁରୁବାର ଦିନ ତମାମ ଅନେକ ସ୍ଥାନରେ ବର୍ଷା ହୋଇଛି। ନବରଙ୍ଗପୁର ଝରିଗାଁରେ ସର୍ବାଧିକ ୧୩୧.୪ ମିମି ବର୍ଷା ହୋଇଥିବା ବେଳେ ଅନୁଗୋଳ ଆଠମଲ୍ଲିକରେ୧୧୦.୯, ଦେଓଗାଁର ରେମାଳ ୧୦୬.୦ ଓ କଟକର ବାଙ୍କିରେ ୧୦୨.୦ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବା ସହ ଅବପାତରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର ଓଡିଶା ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଆଡକୁ ଗତି କରିବାର ସମ୍ଭାବନା ରହିଛି। ତେଣୁ ଧୀରେ ଧୀରେ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିବା ସହ ରାଜ୍ୟରେ ପ୍ରାୟ ୨୮ ତାରିଖ ଯାଏ ବର୍ଷା ସମ୍ଭାବନା ନେଇ ଆକଳନ କରାଯାଇଛି। ଏମିତି କି ଏହି ସମୟରେ ରାଜ୍ୟର କିଛି ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର କହିଛି। ୨୫ ତାରିଖରେ ମୟୂରଭଞ୍ଜ, କେନ୍ଦୁଝରରେ ପ୍ରବଳରୁ ଅତିପ୍ରବଳ ଓ ସ୍ଥାନେ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ରେଡ୍ ଆଲର୍ଟ ଜାରି ହୋଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାକି ୧୮ ଜିଲ୍ଲାକୁ ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

ବର୍ଷାର ପ୍ରଭାବ ଅଧିକ ରହିବାକୁ ଥିବାରୁ ସହରାଞ୍ଚଳଗୁଡ଼ିକରେ ଅନେକ ସ୍ଥାନରେ ଆକସ୍ମିକ ବନ୍ୟା ସ୍ଥିତି ସହ ଅଚାନକ ଟ୍ରାଫିକ ପରିସ୍ଥିତି ସୃଷ୍ଟି ହୋଇପାରେ। ଏହା ସହ ସାରା ରାଜ୍ୟରେ୨୮ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ବର୍ଷା ସମୟରେ ଓଦା କାନ୍ଥ ପଡ଼ିଯିବା, ତଳିଆ ଅଞ୍ଚଳ ବୁଡ଼ିବା, ଅଣ୍ଡରଗ୍ରାଉଣ୍ଡ ରାସ୍ତାରେ ପାଣି ଜମିବା ଭଳି ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଏହାସହ ରାଜ୍ୟରେ ପ୍ରବଳ ବର୍ଷା ସହ ଉପର ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଲଘୁଚାପ ଯୋଗୁଁ ଓଡ଼ିଶା, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ସମୁଦ୍ର ମଧ୍ୟରେ ପବନର ବେଗ ୪୦ ରୁ ୫୦ କିମି ରହିବାର ଆଶଙ୍କା ରହିଛି। ସେହିପରି ୨୬ ତାରିଖରେ ସୁନ୍ଦରଗଡରେ ପ୍ରବଳରୁ ଅତି ପ୍ରବଳବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ପୁଲିସ ଏସ୍ଆଇ ନିଯୁକ୍ତି ବୟସ ସୀମା ୩ବର୍ଷ କୋହଳ

କଟକ,୨୪।୭ (ସମିସ): ପୁଲିସ୍ ସବ୍-ଇନ୍ସପେକ୍ଟର(ଏସଆଇ) ନିଯୁକ୍ତିପାଇଁ ଧାର୍ଯ୍ୟ ସର୍ବୋଚ୍ଚ ବୟସ ସୀମାକୁ ୩ବର୍ଷ କୋହଳ କରାଯାଇଛି। ଏନେଇ ଆଜି ଏକ ମାମଲାର ଶୁଣାଣି ବେଳେ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଅଦାଲତରେ ମାମଲା ରୁଜୁ କରିଥିବା ଆବେଦନକାରୀମାନଙ୍କ

**ହାଇକୋର୍ଟଙ୍କୁ ଏଜି ଅବଗତ କଲା ପରେ ମାମଲାର ପୂର୍ଣ୍ଣଚ୍ଛେଦ**

ପାଇଁ ଏହା ଲାଗୁ ହେବ ବୋଲି ଶୁଣାଣି ବେଳେ ଏହା ସ୍ପଷ୍ଟ ହୋଇଥିବା ବେଳେ ଏ ସମ୍ପର୍କିତ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ପୁପୁନ ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଜାନୁଆରି ୧୭ରେ ଗୃହ ବିଭାଗ ଅଧୀନରେ ୯୩୩ଟି ପୁଲିସ ସବ୍-ଇନ୍ସପେକ୍ଟର୍, ଏସ୍ଆଇ (ଆର୍ମଡ), ଷ୍ଟେସନ୍ ଅଫିସର୍ (ଅଗ୍ନିଶମ ବିଭାଗ) ଓ ସହକାରୀ ଜେଲର୍ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ଆବେଦନର ସର୍ବନିମ୍ନ ବୟସ ସୀମା ୨୧ବର୍ଷ ଥିଲା ବେଳେ ସର୍ବୋଚ୍ଚ ବୟସସୀମା ୨୫ଧାର୍ଯ୍ୟ ହୋଇଥିଲା। ଏସ୍‌ସି-ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ଅଧିକ ୫ବର୍ଷ ବୟସସୀମା ଧାର୍ଯ୍ୟ ହୋଇଥିଲା। ତେବେ ସାଧାରଣ ବର୍ଗର ପ୍ରାର୍ଥୀମାନେ ସର୍ବୋଚ୍ଚ ବୟସ ସୀମାକୁ ନେଇ ଆପତ୍ତି ଉଠାଇଥିଲେ। ଯେହେତୁ ୨୦୧୮-୧୯ ପରଠାରୁ ଆଉ ପୁଲିସ ବିଭାଗରେ ଏସଆଇ ନିଯୁକ୍ତି ହୋଇନଥିଲା; ତେଣୁ ୭ ବର୍ଷ ଧରି ଅପେକ୍ଷା କରିଥିବା ପ୍ରାର୍ଥୀମାନେ ମାତ୍ର ୨୫ ବର୍ଷର ସର୍ବୋଚ୍ଚ ବୟସସୀମା ଧାର୍ଯ୍ୟ ପାଇଁ ନିଯୁକ୍ତି ଆବେଦନରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହୋଇଥିଲା। ଖାଲି ପଡୁଥିବା ପଦବୀରେ ସରକାର ପ୍ରତିବର୍ଷ ନିଯୁକ୍ତି ନକରି ଏକକାଳୀନ ୭ବର୍ଷ ବ୍ୟବଧାନରେ ୯୩୩ଟି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ଦ୍ୱାରା ଅନେକ ନିଯୁକ୍ତି ଆଶାୟୀ ଆବେଦନରୁ ବଞ୍ଚିତ ହେବେ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହାଇକୋର୍ଟ ମଧ୍ୟ ଆବେଦନକାରୀମାନଙ୍କୁ ଆବେଦନ ପାଇଁ ଅନୁମତି ପ୍ରଦାନ କରିବା ସହ ନିଯୁକ୍ତି ଫଳ ଅଦାଲତଙ୍କ ଅନୁମତି ବିନା ପ୍ରକାଶ କରାଯିବ ନାହିଁ ପୂର୍ବରୁ ଏକ ଅନ୍ତରୀଣ ଆଦେଶ ଜାରି କରିଥିଲେ। ଏବେ ମାମଲାରେ ପୂର୍ଣ୍ଣଚ୍ଛେଦ ପରେ ନିଯୁକ୍ତି ପାଇଁ ବାଟ ଫିଟିଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ମଦନ ମୋହନ ଦାସ ମାମଲା ପରିଚାଳନା କରୁଥିଲେ।

# ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ, ୨୪।୭ (ସମିସ): ଭିଜିଲାନ୍ସ ମାମଲାରେ ଗିରଫ ହୋଇ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ



ତାଙ୍କୁ ଜାମିନରେ ଛାଡ଼ିବେ ବୋଲି ହାଇକୋର୍ଟ କହିଛନ୍ତି। ଶ୍ରୀ ଚକମାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାମିନରେ ଛାଡ଼ ପାଇବା ପରେ ସେ ଅଦାଲତଙ୍କ ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ। ତଦନ୍ତରେ ସହଯୋଗ କରିବା ସହ ତଦନ୍ତକାରୀ ଅଧିକାରୀଙ୍କ ଆବଶ୍ୟକତା ଅନୁସାରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ମାମଲାରୁ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଚକମା ଜଣେ କ୍ରସର୍ ମାଲିକଙ୍କ ନିକଟରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଭବାନୀପାଟଣା ଭିଜିଲାନ୍ସ ଅଦାଲତରେ ତାଙ୍କର ଜାମିନ ଆବେଦନ ଖାରଜ ହେବା ପରେ ଗତ ଜୁନ ୧୯ରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ୩୪ ଜଣ ବନ ସେବା ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୨୪।୭ (ସମିସ): ଓଡ଼ିଶା ବନ ସେବା ଅଧିକାରୀ (ଓଏଫ୍ଏସ୍) ସ୍ତରରେ ଏକ ବଡ଼ଧରଣର ଅଦଳବଦଳ ହୋଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ଅଦଳ ବଦଳ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ନୟାଗଡ଼ ଟେରିଟୋରିଆଲ୍ ଡିଏଫ୍ଓ ସାମା ଷଡ଼ଙ୍ଗୀଙ୍କୁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ ଭାବେ ବଦଳି ହୋଇଛି। ସେହିପରି କୁଚିଣ୍ଡା କେନ୍ଦୁପତ୍ର ଡିଏଫ୍ଓ ଦେବରଚନ ବେହେରାଙ୍କୁ ନୟାଗଡ଼ ଟେରିଟୋରିଆଲ୍ ଡିଏଫ୍ଓ ଭାବେ ବଦଳି କରାଯାଇଛି। ଅନୁଗୁଳ ଆର୍‌ସିସିଏଫ୍ ଅଫିସ୍‌ରେ କାର୍ଯ୍ୟରତ ଉପବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତଙ୍କୁ ବୌଦ୍ଧ ଟେରିଟୋରିଆଲ୍ ଡିଏଫ୍ଓ ଓ ବୌଦ୍ଧ ଟେରିଟୋରିଆଲ୍ ଡିଏଫ୍ଓ ଦେବପ୍ରିୟ କମ୍ପଙ୍କୁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଉପ ବନ ସଂରକ୍ଷକ ଭାବେ ବଦଳି କାରଯାଇଛି। ନବରଙ୍ଗପୁର କେନ୍ଦୁପତ୍ର ଡିଏଫ୍ଓ ଘନଶ୍ୟାମ ମହନ୍ତଙ୍କୁ ବାଲିଗୁଡ଼ା ଟେରିଟୋରିଆଲ୍ ଡିଏଫ୍ଓ ଓ ସେଠାରେ କାର୍ଯ୍ୟ କରୁଥିବା ଡିଏଫ୍ଓ ଥିବା ବିଶ୍ୱରାଜ ପଣ୍ଡାଙ୍କୁ ନଗର ବନଖଣ୍ଡ ଡିଏଫ୍ଓ ଭାବେ ବଦଳି କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫ୍ଓ ଫାଲଗୁନି ସାରଥୀ ମଲ୍ଲିକଙ୍କୁ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ ଭାବେ ବଦଳି ହୋଇଛି। ସେହିପରି କଟକ ଟେରିଟୋରିଆଲ୍ ଡିଏଫ୍ଓ ମାଧବୀଲତାଙ୍କୁ ଖରିଆର୍ କେନ୍ଦୁପତ୍ର ଡିଏଫ୍ଓ ଭାବେ ବଦଳି କରାଯାଇଛି। ଭବାନୀପାଟଣା କେନ୍ଦୁପତ୍ର ଡିଏଫ୍ଓ ଜି. ପାତ୍ରଙ୍କୁ ସାତକୋଶିଆ ବନ୍ୟପ୍ରାଣୀ ଡିଏଫ୍ଓ ଭାବେ ବଦଳି କରାଯାଇଛି। ସେହିପରି ସରୋଜ ପଣ୍ଡାଙ୍କୁ ବରଗଡ଼ ଡିଏଫ୍ଓ ଭାବେ ବଦଳି କରାଯାଇଥିବା ବେଳଏ ସମୀର କୁମାର ସାହୁଙ୍କୁ ସୁନାବେଡ଼ା ଡିଏଫ୍ଓ, ବିକ୍ରମ ଦେବ ପଟ୍ଟନାୟକଙ୍କୁ ବାମରା ଡିଏଫ୍ଓ, ତେଜରାଜ ନାୟକଙ୍କୁ କୁଚିଣ୍ଡା ଡିଏଫ୍ଓ, ଦିବାକର ବେହେରାଙ୍କୁ ଓଏଫ୍‌ଡିସିର ଯାଜପୁର ରୋଡ୍ ଡିଏମ୍, ଅଶୋକ କୁମାର ବେହେରାଙ୍କୁ ଜି ଉଦୟଗିରି ସ୍ଥିତି ଫରେଷ୍ଟ ଟ୍ରେନିଂ ସ୍କୁଲ୍‌କୁ ଉପ ବନ ସଂରକ୍ଷକ, ବିନୋଦ ଆଚାର୍ଯ୍ୟଙ୍କୁ ଚନ୍ଦକା ଡିଏଫ୍ଓ, ରଜନୀକାନ୍ତ ରାଉତଙ୍କୁ ଓବିଡିଏକୁ ଉପ ବନ ସଂରକ୍ଷକ, ସୁଜାତା ରାୟଙ୍କୁ ପିସିସିଏଫ୍ କେନ୍ଦୁପତ୍ର କାର୍ଯ୍ୟାଳୟକୁ ବଦଳି ହୋଇଛି। ସେହିପରି ଆମ୍ରପଲ୍ଲି ରୟଙ୍କୁ ପିସିସିଏଫ୍ ବନ୍ୟପ୍ରାଣୀ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ଅମରେଶ ନାଥ ପ୍ରଧାନଙ୍କୁ ମହାନଦୀ ଡିଏଫ୍ଓ ଶରତ କୁମାର ସାହୁଙ୍କୁ ପିସିସିଏଫ୍ କେନ୍ଦୁପତ୍ର କାର୍ଯ୍ୟାଳୟ, ଏ ଉମା ମହେଶଙ୍କୁ ଜୟପୁର ଡିଏଫ୍ଓ, ପ୍ରଶାନ୍ତ କୁମାର ପଣ୍ଡାଙ୍କୁ କେନ୍ଦୁଝର ଡିଏଫ୍ଓ, ଅଭୟ କୁମାର ଦଳେଇଙ୍କୁ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ତପନ କୁମାର ପରିଡ଼ାଙ୍କୁ ବାଲେଶ୍ୱର ସ୍ଥିତି ଡବ୍ଲୁପିଓକୁ ଭାରପ୍ରାପ୍ତ ବନ ସଂରକ୍ଷକ, କନ୍ଦନ ସିଂଙ୍କୁ ଅନୁଗୁଳ ଆର୍‌ସିସିଏଫ୍ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ, ବୈଦନାଥ ମାଝୀଙ୍କୁ କରଞ୍ଜିଆ ଡିଏଫ୍ଓ ସୁବ୍ରତ କୁମାର ପାତ୍ରଙ୍କୁ ରାଇରଙ୍ଗପୁର ଡିଏଫ୍ଓ, ଖୀରୋଦ କୁମାର ବେହେରାଙ୍କୁ ରେଢ଼ାଖୋଲ ଡିଏଫ୍ଓ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ବାରିପଦା ଡିଏଫ୍ଓ, ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ବାଲେଶ୍ୱର ଡିଏଫ୍ଓ, ରପଚାନ୍ଦ ସୋରେନ୍‌ଙ୍କୁ ଟିଟିଲାଗଡ଼ ଡିଏଫ୍ଓ ଭାବେ ବଦଳି କରାଯାଇଛି।

■ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଆଦିବାସୀ ମହାସଂଘ

# ଆଦିବାସୀଙ୍କ ବିକାଶକୁ ସର୍ବାଧିକ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୭ (ସମିସ): ଗୁରବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା ଆଦିବାସୀ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଭେଟିଛନ୍ତି। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା ସହ ପ୍ରସ୍ତାବ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ



ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି। ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ।

■ ଆଇଏଏସସ୍ତରରେ ଅଦଳବଦଳ

# ୯ ଉପଖଣ୍ଡରେ ନୂଆ ଉପଜିଲ୍ଲାପାଳ

ଭୁବନେଶ୍ୱର,୨୪।୭ (ସମିସ): ରାଜ୍ୟ ସରକାର ଗୁରୁବାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଅଦଳବଦଳରେ ମୋଟ ୧୩ଜଣ ଆଇଏଏସଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି ଓ ତନ୍ମଧ୍ୟରେ୨୦୨୩ ବ୍ୟାଚର ୯ ଜଣ ଆଇଏଏସଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

ବିଜ୍ଞପ୍ତି ଅନୁସାରେ ଆଇଏଏସ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଥିବା ବେଳେ ରାଜ୍ୟ ପଣ୍ୟାଗାର ନିଗମର ଅଧକ୍ଷ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏଏସ ବିଜୟ କେତନ ଉପାଧ୍ୟାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ଦିଆଯାଇଛି। ସମର୍ଥ ବର୍ମାଙ୍କୁ ରାଜ୍ୟ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶକ ସହ ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଭାବେ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ତାଲିମରୁ ଫେରିଥିବା ୨୦୨୩ ବ୍ୟାଚର ୮ଜଣ ଆଇଏଏସ୍‌ଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ ଉପଜିଲ୍ଲାପାଳ, ଆଇଏଏସ୍ ପ୍ରଣୀତା ଦାଶଙ୍କୁ ବାଲିଗୁଡା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ ପଞ୍ଚପୀର-କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଆସ୍‌ନି ଏ ଏଲଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସରଭାନନଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ ଉପଜିଲ୍ଲାପାଳ, ଶିବ ମାଳବୀୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ, ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି ।

# ଅମାବାସ୍ୟା ନାରାୟଣଙ୍କ ସାଗରବିଜେ



ପୁରୀ,୨୪।୭ (ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗରବିଜେ କରିଥା'ନ୍ତି। ସୋମବାର ଶ୍ରାବଣ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗରବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ର କୂଳରେ ବିଜେ କରାଯାଇଥିଲା। ସେଠାରେ ସାଗରବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣାଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# କରଞ୍ଜିଆରୁ ଅପହୃତ ୨ ନାବାଳିକା କେନ୍ଦୁଝରରୁ ଉଦ୍ଧାର

**ମହିଳା ଅଟକ**

କରଞ୍ଜିଆ, ୨୪।୭ (ସମିସ): ବୁଧବାର ଦିନ କରଞ୍ଜିଆ ଥାନା ଅଞ୍ଚଳରୁ ଅପହୃତ ହୋଇଥିବା ୨ନାବାଳିକାଙ୍କୁ ଆଜି ପୁଲିସ୍ କେନ୍ଦୁଝର ଜିଲ୍ଲା ସସ ଥାନା ଅଞ୍ଚଳରୁ ଉଦ୍ଧାର କରିଛି। ଏହାସହ ଏହି ମାମଲାରେ ପୁଲିସ୍ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ କେଉଁ କାରଣରୁ ଓ କେଉଁମାନେ ନାବାଳିକାଦ୍ୱୟଙ୍କୁ ଅପହରଣ କରିଥିଲେ, ସେନେଇ ପୁଲିସ୍ ତନାଘନା ଚଳାଇଛି।

ସୂଚନାନୁଯାୟୀ, ବୁଧବାର ଅପରାହ୍ଣରେ ନାବାଳିକାଦ୍ୱୟ ଘର ପାଖ ଦୋକାନକୁ ମ୍ୟାଗି କିଣିବାକୁ ଯାଇଥିଲେ। ସେମାନେ ଫେରୁଥିବା ବେଳେ ଏକ ବଲେରୋରେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ସେମାନଙ୍କୁ ଅଟକାଇଥିଲେ। ନାବାଳିକାଦ୍ୱୟ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ଦୁହିଁଙ୍କୁ ବଲେରୋରେ ଟେକି ନେଇଥିଲେ। ଏନେଇ ନାବାଳିକାଦ୍ୱୟଙ୍କ ପରିବାର କରଞ୍ଜିଆ ଥାନାର ଦ୍ୱାରସ୍ଥ ହେବାରୁ ଥାନାଧିକାରୀ ଶରତ କୁମାର ମହାଳିକ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ତେବେ ଅପହରଣକାରୀମାନେ ନାବାଳିକାଦ୍ୱୟଙ୍କୁ କେନ୍ଦୁଝର ଜିଲ୍ଲାକୁ ନେଇ ଯାଇଥିବା ଖବର ପାଇ ପୁଲିସ୍ ଆଜି ସେଠାରେ ପହଞ୍ଚିଥିଲା। ବହୁ ଛାନଭିନ୍ କରିବା ପରେ ନାବାଳିକାଦ୍ୱୟଙ୍କୁ ସସ ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ଜଣେ ମହିଳାଙ୍କୁ ଅଟକ ରଖିଥିଲା। ଗୁରୁବାର ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି। ତଦନ୍ତ ପରେ ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ଶ୍ରୀ ନାଏକ ସୂଚନା ଦେଇଥିଲେ। ଅନ୍ୟ ଅଭିଯୁକ୍ତ କି ଗାଡ଼ିର କୌଣସି ପତ୍ତା ମିଳିନାହିଁ। ନାବାଳିକାଙ୍କ ପିତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଏବେ ଚାଷୀଙ୍କୁ ଇ-କେୱାଇସି ଯନ୍ତ୍ରଣା

**ପଞ୍ଜିକରଣରୁ ଆରମ୍ଭ ହେଲାଣି ଅବ୍ୟବସ୍ଥା**

ଭୁବନେଶ୍ୱର, ୨୪।୭ (ସମିସ): ଗତ ୧୯ ତାରିଖରୁ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକରଣ ଆରମ୍ଭ ହୋଇଯାଇଛି। ଚାଷୀମାନେ ପାକ୍ସ, ଲ୍ୟାମ୍ପସ୍, ସମବାୟ ସମିତି ଜରିଆରେ ପଞ୍ଜିକରଣ କରୁଛନ୍ତି। ମାତ୍ର ଚଳିତବର୍ଷ ପଞ୍ଜିକରଣ ବେଳେ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଥିବା ଯୋଗୁଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ପଞ୍ଚାୟତରେ ଇଣ୍ଟରନେଟ୍ ସମସ୍ୟା ରହୁଛି। ତେଣୁ ଇ-କେୱାଇସି କରିବାରେ ବିଳମ୍ବ ହେଉଛି। ଚାଷୀମାନେ ଚାଷବାସ ଛାଡ଼ି ପଞ୍ଜିକରଣ ପାଇଁ ଆସୁଥିବା ଯୋଗୁଁ ସେମାନଙ୍କୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଗୋଟିଏପଟେ ଅନିୟମିତ ବର୍ଷା ଯୋଗୁଁ ଧାନ ବୁଣିବା ଓ ତଳି ରୋଇବାରେ ବିଳମ୍ବ ହେଉଥିବାବେଳେ ଏବେ ପଞ୍ଜିକରଣ ପାଇଁ ଚାଷ କାର୍ଯ୍ୟ ସଂପୂର୍ଣ୍ଣ ଠପ୍ ହୋଇଯାଇଛି।

ଚଳିତବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଓ ଏହାମଧ୍ୟରୁ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥିବାବେଳେ ଆଗାମୀ ମାସେ ଧରି ଏହି ପଞ୍ଜିକରଣ ଚାଲୁ ରହିବ। ପୂର୍ବରୁ ପଞ୍ଜିକରଣ ପାଇଁ କେବଳ ଜମିର ପ୍ରମାଣ ପତ୍ର, ଆଧାର କାର୍ଡ ଆଦି ଦିଆଯାଇ କରାଯାଉଥିଲା; ତେଣୁ ସହଜରେ ହୋଇଯାଉଥିଲା। ଚଳିତଥର ଏସବୁ ସହ ଇ-କେୱାଇସି ବାଧ୍ୟତାମୂଳକ ଥିବାରୁ ପଞ୍ଜିକରଣରେ ସମସ୍ୟା ହେଉଛି। ଗ୍ରାମାଞ୍ଚଳରେ ବର୍ଷା ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଏଥିସହ ନେଟ୍‌ୱାର୍କ ଓ ଇଣ୍ଟରନେଟ୍ ସମସ୍ୟା ଲାଗି ରହିଛି। ତେଣୁ ଜଣେ ଚାଷୀଙ୍କ ପଞ୍ଜିକରଣ କରିବା ପାଇଁ ୧୫ରୁ ୨୦ ମିନିଟ୍ ସମୟ ଲାଗୁଛି। ଗୋଟିଏ ଦିନ ଭିତରେ ଅତି ବେଶୀରେ ୧୦ରୁ ୧୨ ଜଣ ଚାଷୀଙ୍କର ପଞ୍ଜିକରଣ ହୋଇପାରୁଛି। ହେଲେ ପ୍ରତିଦିନ ଶତାଧିକ ସଂଖ୍ୟାରେ ଚାଷୀ କାମଧନ୍ଦା ଛାଡ଼ି ଆସୁଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁଁ ସମବାୟ ସମିତି ଦୁଆରେ ବସି ବସି ଫେରୁଛନ୍ତି। ପୂର୍ବରୁ ଚାଷୀମାନେ ଧାନ ବିକ୍ରିବେଳେ ମଧ୍ୟ ସମସ୍ୟା ଭୋଗୁଥିଲେ। ଦିନ ଦିନ ଧରି ବିକ୍ରି କରିବା ପାଇଁ ସମବାୟ ବାରଣ୍ଡରେ ପଡ଼ି ରହୁଥିଲେ। ଏବେ ପଞ୍ଜିକରଣ ପାଇଁ ଏଭଳି ସମସ୍ୟା ହେବାରୁ ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବାକୁ ନାପସନ୍ଦ କରିବା ଆରମ୍ଭ କରିଦେଲେଣି। ଗୋଟିଏପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଥିବାବେଳେ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ସରକାର ଉଦ୍ଦେଶ୍ୟମୂଳକ ଚାଷୀ ଧାନ ବିକ୍ରି ନ କରୁ ବୋଲି ସରକାର ଚାହୁଁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି।

ଚାଷୀ ଅମରେନ୍ଦ୍ର ବରାଳ କହିଛନ୍ତି ଯେ ଚଳିତବର୍ଷ ଶୀଘ୍ର ମୌସୁମୀ ଆସିଲା; ହେଲେ ଧାନ ବିହନ ମିଳିବାରେ ବିଳମ୍ବ ହେଲା। ବିହନ ମିଳିଲାବେଳକୁ ବର୍ଷା କମିଗଲା। ଏବେ ବି ବର୍ଷାରେ ଅନିୟମିତତା ଲାଗି ରହିଛି। ତେଣୁ ଚାଷ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନି। ରୁଆ ବେଉଷଣ ବେଳେ ଯଦି ଆମେ ପଞ୍ଜିକରଣ ପାଇଁ ଧାଡ଼ିରେ ଛିଡ଼ା ହେବୁ, ତେବେ ଚାଷ କେତେବେଳେ କରିବୁ। ଆମେ ଧାନ ବିକ୍ରି କରିବା ସମୟରେ ଇ-କେୱାଇସି କରୁଛୁ। ଏବେ ଏହାର କ'ଣ ଆବଶ୍ୟକତା ଅଛି। ସରକାର ଗାଁ ଗାଁ ବୁଲି କ୍ୟାମ୍ପ କରି ବିଲ ମୁଣ୍ଡରେ ପଞ୍ଜିକରଣ କରନ୍ତୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସମବାୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଧାନର ସହାୟକ ମୂଲ୍ୟ ବୃଦ୍ଧି ହେବା ଯୋଗୁଁ କିଛି ନକଲି ଚାଷୀ ପଞ୍ଜିକରଣ କରି ବାହାର ରାଜ୍ୟରୁ ଧାନ ଆଣି ବିକ୍ରି କରୁଛନ୍ତି। ତେଣୁ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଯେଉଁଠାରେ ସମସ୍ୟା ହେଉଛି, ଆମେ ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରୁଛୁ। ଆବଶ୍ୟକ ପଡ଼ିଲେ, ପଞ୍ଜିକରଣ ଅବଧି ବୃଦ୍ଧି କରିବା ନେଇ ମଧ୍ୟ ଆଲୋଚନା କରାଯିବ।

■ ରାଜ୍ୟ ଓ ଜାତୀୟସ୍ତରରେ କିକ୍ ବକ୍ସିଂ ଚାମ୍ପିଅନସିପ୍

# ବରୁଣେଶ୍ୱର ମହାବିଦ୍ୟାଳୟର ସଫଳତା

ବିଞ୍ଝାରପୁର/ସିଂହପୁର,୨୪।୭ (ସମିସ): ରାଜ୍ୟସ୍ତରୀୟ ସ୍ପୋର୍ଟସ କିକ୍ ବକ୍ସିଂ ଆସୋସିଏସନ୍ ଷଷ୍ଠ ୱାକୋ ଓଡ଼ିଶା ରାଜ୍ୟ କିକ୍ ବକ୍ସିଂ ଚାମ୍ପିଅସିପରେ ବରୁଣେଶ୍ୱର ମହାବିଦ୍ୟାଳୟର ଦୁଇ ଛାତ୍ରୀ ଅର୍ଚ୍ଚିତା ସାହୁ ଏବଂ ବନ୍ଦନା ପ୍ରିୟଦର୍ଶିନୀ ବାରିକ ଅଂଶ ଗ୍ରହଣ କରି କେବଳ ମହାବିଦ୍ୟାଳୟ ପାଇଁ ନୁହେଁ ବିଞ୍ଝାରପୁର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବନ୍ଦନା ପ୍ରିୟଦର୍ଶିନୀ ରାଜ୍ୟସ୍ତରରେ ୩ଟି ସ୍ୱର୍ଣ୍ଣପଦକ ଏବଂ ଅର୍ଚ୍ଚିତା ସାହୁ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ଜିତିଥିଲେ। ଅନୁଗୋଳର ଟି.ଟି ଇଣ୍ଡୋର୍ ହଲ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାୟପୁର ଛତିଶଗଡ଼ ଜାତୀୟ ସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ବନ୍ଦନା ପ୍ରିୟଦର୍ଶିନୀ ବ୍ରୋଞ୍ଜ ପଦକ ଜିତି ଆନନ୍ଦର ଲହରି ଖେଳାଇ ଦେଇଥିଲେ। ପ୍ରଶିକ୍ଷକ ରୀତେନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅଧ୍ୟକ୍ଷା ବିନ୍ଦୁ ରେଖା ନାୟକଙ୍କ ପ୍ରୋତ୍ସାହନ ଅଭିନନ୍ଦନୀୟ ବୋଲି ସଫଳତା ଲାଭ କରିଥିବା ଦୁଇ ପ୍ରତିଯୋଗୀ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ପରିସରରେ ଏହି ଦୁଇ ପ୍ରତିଯୋଗୀଙ୍କୁ ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ସମାଜସେବୀ ରବୀନ୍ଦ୍ର ପରିଡ଼ା, ଅଧ୍ୟାପକ ବିନୟ କୃଷ୍ଣ ଦାଶ, ସୁବ୍ରତ ଦାସଙ୍କ ଉପସ୍ଥିତିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସଫଳ ପ୍ରତିଯୋଗୀ ଦୁହିଁଙ୍କୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇଥିଲେ।



# ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବିଞ୍ଝାରପୁର/ସିଂହପୁର,୨୪।୭ (ସମିସ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ତଥା ଏଆଇସିସି ସଭ୍ୟ ପଦ୍ମାକର ଗୁରୁଙ୍କ ନେତୃତ୍ୱରେ ବିଞ୍ଝାରପୁର ବ୍ଲକ୍ ବିତନାସ୍ଥିତ ଜୁଣଭଦ୍ରା କଲେଜ୍ ମୁଖ୍ୟ ଫାଟକ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଦିବଙ୍ଗତ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ନାବାଳିକା ଛାତ୍ରୀ ଓ ମହିଳାମାନେ ନୂଆଦିଲ୍ଲୀ ଓ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ହେଉଥିବାରୁ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ନାରାୟଣ ମଲ୍ଲିକ ସଂଯୋଜନା କରୁଥିବା ବେଳେ ସର୍ବଶ୍ରୀ ସରୋଜ କୁମାର ନାୟକ, ପ୍ରକାଶ ଦାସ, ସୁଲୋଚନା ଦାସ, ଏସ୍‌କେ ଆବୁବକର୍, ବିରେନ୍ଦ୍ର କୁମାର ଦାସ, ଶରତ ମହାଳିକ, ଜୀବନ ବଲ୍ଲଭ ଜେନା, ନାରାୟଣ ମଲ୍ଲିକ, ଭାନୁପ୍ରିୟା ବରାଳ, ଶେଖ ଜାହାଙ୍ଗୀର ଆଲାମ୍ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ନିଜର ବକ୍ତବ୍ୟ ରଖିଥିଲେ। ପୁନଶ୍ଚ ମଧ୍ୟାହ୍ନ ୧୨ଟା ବେଳେ କଂଗ୍ରେସ ନେତା ଜ୍ଞାନେନ୍ଦ୍ର ବେଉରିଆଙ୍କ ସଂଯୋଜନାରେ ଖରସ୍ରୋତା ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଆଉ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକମ ଅନୁଷ୍ଠିତ ହୋଇଥିଲା। ଖରସ୍ରୋତା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଉପସ୍ଥିତ ରହିବା ସହ ସୌମ୍ୟାଶ୍ରୀର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା, ପ୍ରଦୀପ ପ୍ରଜ୍ୱଳନ ସହ ସ୍ମୃତିଚାରଣ କରିଥିଲେ। ପ୍ରତିକୂଳ ପରିସ୍ଥିତି ଓ ଚାପଗ୍ରସ୍ତ ସମୟରେ ଭାଙ୍ଗି ନପଡ଼ି ସମସ୍ୟାକୁ ଧର୍ଯ୍ୟର ସହ ସମ୍ମୁଖିନ ହେଲେ ଯେତେ ବଡ଼ ବିପଦରୁ ବି ମୁକ୍ତି ମିଳିପାରିବ ବୋଲି ନିଜ ବକ୍ତବ୍ୟରେ ଏଆଇସିସି ସଭ୍ୟ ପଦ୍ମାକର ଗୁରୁ କହିଥିଲେ। ସର୍ବଶ୍ରୀ ବିଜୟ କୁମାର ଦାସ, ଅଶ୍ୱିନି ସାମଲ, ଦୀପକ କୁମାର ଦାସ, ବାଇନ କାଣ୍ଡି, ବାବୁରାମ ରାଉତ୍, ଫକୀର ଚରଣ ବେଉରିଆ, ଘନଶ୍ୟାମ ଥାଟୋଇ, ସରୋଜ କୁମାର ସାହୁ ଓ ବିରେନ୍ଦ୍ର କାଣ୍ଡି ପ୍ରମୁଖ ରାଜ୍ୟ ସରକାରଙ୍କ ନାରୀ ଜାତି ପ୍ରତି ବର୍ଦ୍ଧିତ ଅବହେଳାକୁ ବକ୍ତବ୍ୟରେ ରଖିଥିଲେ ବୋଲି ପିସିସି ମୁଖପାତ୍ର ତଥା ଏଆଇସିସି ସଭ୍ୟ ପଦ୍ମାକର ଗୁରୁ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।



# ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି




ଯାଜପୁର,୨୪।୭ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ସ୍ୱର୍ଗତଃ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତିର ଏକାଦଶାହ ପରିପ୍ରେକ୍ଷୀରେ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମସ୍ତ କର୍ମୀମାନେ ଫଟୋଚିତ୍ରରେ ଫୁଲ ଅର୍ପଣ କରିବା ସହ ଏକ ମିନିଟ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ। ଏହି ଘଟଣା ସମଗ୍ର ଓଡ଼ିଶାର ନାରୀ ନିର୍ଯ୍ୟାତନା ଓ ନାରୀ ସୁରକ୍ଷା କ୍ଷେତ୍ରରେ ଡବଲ ଇଞ୍ଜିନ ବିଜେପି ସରକାରର ଅପାରଗତାର ଏକ ଜ୍ୱଳନ୍ତ ନମୁନା ବୋଲି ଉପସ୍ଥିତ ସଭ୍ୟମାନେ ମତପ୍ରକାଶ କରିଥିଲେ। ସଭାରେ ସର୍ବଶ୍ରୀ ବରିଷ୍ଠ ନେତା ଦିଗମ୍ବର କର, ନାରାୟଣ ଚନ୍ଦ୍ର ସାମନ୍ତ,ଦୁର୍ଯ୍ୟୋଧନ ବେହେରା, ଆଲୋକ ବେହେରା, ଗଦାଧର ଦାସ, ଦିଲୀପ ଦାସ, ନିକୁଞ୍ଜ ସାମଲ, ହୃଷିକେଶ ପତି, ଅମୂଲ୍ୟ ବିଶ୍ୱାଳ, ବିଦ୍ୟାଧର ବାରିକ, ଅକ୍ଷୟ ଶତପଥୀ, ଅବଦୁଲ ରୌପ, ସଂଗ୍ରାମ ସାହାଣୀ, ପ୍ରତାପ ସାହୁ, ନକୁଳ ସାହୁ, ବିଜୟ ମହାପାତ୍ର, ରଘୁନାଥ ସାହୁ ଏବଂ ଯୁବ କଂଗ୍ରେସର କୁମାର ଆଶୁତୋଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯୁବପିଢ଼ିଙ୍କୁ ରୋଗାକ୍ରାନ୍ତ କରୁଛି ଫାଷ୍ଟଫୁଡ୍

## ସଚେତନତା ଜରୁରୀ

କର୍ଯାଁଗୋଲା,୨୪।୭ (ସମିସ):

ଦଶରଥପୁର ବ୍ଲକ୍‌ର ବିଭିନ୍ନ ସ୍ଥାନ ଓ ଛକରେ ଫାଷ୍ଟଫୁଡର ପସରା ମେଲିଛି। ଯୁବପିଢ଼ି ଏହାକୁ ବେଶୀ ପସନ୍ଦ କରୁଥିବା ବେଳେ ପେଟର ଚର୍ବି ବଢ଼ିବା ସହିତ ମଧୁମେହ ଓ ହୃଦରୋଗ ସମସ୍ୟା ସୃଷ୍ଟି କରି ଏହା ଜୀବନକୁ ବିପଦପନ୍ନ କରୁଥିବା କେତେକ ବିଶେଷଜ୍ଞଙ୍କ ମତରୁ ଜଣାପଡ଼ିଛି। ତଥାପି ଏହି ଖାଦ୍ୟ ସହ ଲୋକେ ଅଭ୍ୟସ୍ତ ହୋଇଯାଇଥିବାରୁ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବା ଆଶଙ୍କା ରହିଛି। ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଏହା ଠିକ୍ ଭାବେ ଯାଞ୍ଚ ହେଉନଥିବାରୁ ସମସ୍ୟା ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ତେଣୁ ଏଥିପ୍ରତି ସଚେତନ



ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ଚଟାପଟ ଖାଦ୍ୟକୁ ପସନ୍ଦ କରୁଛନ୍ତି। ଲୋକଙ୍କ ଚାହିଦା ଅନୁସାରେ ସକାଳ ୬ରୁ ରାତି ୧୨ ପର୍ଯ୍ୟନ୍ତ ଯିଏ ଯେଉଁଠି ପାରିଲା, ଯାହା ମିଳିଲା ସେଭଳି ଖାଦ୍ୟ ଖାଉଥିବାରୁ ସମ୍ପ୍ରତି ସ୍ୱାସ୍ଥ୍ୟ ସମସ୍ୟା ଦିନକୁ ଦିନ ସଙ୍ଗୀନ ହେବାରେ ଲାଗିଛି। ଅସନ୍ତୁଳିତ ଖାଦ୍ୟ ସାଙ୍ଗକୁ ଫାଷ୍ଟଫୁଡ ଏବେ ଏକ ଫେସନ ପାଲଟିଛି। ଫାଷ୍ଟଫୁଡ ଖାଦ୍ୟରୁ ଏହା ପେଟର ଚର୍ବି ବଢ଼ାଇବାର କାରଣ ହୋଇଛି। ଏହା ଦ୍ୱାରା ଶରୀରରେ କୋଲେଷ୍ଟ୍ରଲ(ଏକପ୍ରକାର ହରମୋନ) କ୍ଷରଣର ମାତ୍ରା ବଢ଼ାଉଛି। ଏହା ଏକ ହରମୋନ ଯାହା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ପେଟରେ ଚର୍ବି ଜମାଟ ବାନ୍ଧିବା ଆରମ୍ଭ ହେଉଛି। ପେଟରେ ବର୍ଦ୍ଧିତ ଚର୍ବି କେବଳ ମନୁଷ୍ୟ ଶରୀରର ଗଠନକୁ ପ୍ରଭାବିତ କରୁନି ବରଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଛି। ଉଚ୍ଚ କ୍ୟାଲୋରୀଯୁକ୍ତ ଖାଦ୍ୟ, ଉଚ୍ଚ ସର୍କରା ଓ ଚର୍ବିଯୁକ୍ତ ଖାଦ୍ୟ ପ୍ରତି ଲୋକଙ୍କ ଇଚ୍ଛା ଦିନକୁ ଦିନ ବଢ଼ିବାରେ ଲାଗିଛି। ପେଟରେ ଚର୍ବି ଜମାଟ ଯୋଗୁଁ ଟାଇପ୍-୨ ମଧୁମେହ ଓ ହୃଦରୋଗ ଭଳି ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ସେହିପରି ମାନସିକ ଚାପଗ୍ରସ୍ତ ବି ପେଟର ଚର୍ବିକୁ ପ୍ରଭାବିତ କରୁଛି।

■ ସେମାନଙ୍କ ମତରେ.............



ପ୍ରଥମତଃ ଜଙ୍କ୍ ଫୁଡ୍ ମନୁଷ୍ୟ ପାଇଁ ଏକ ଅଦୃଶ୍ୟ ରୋଗ ସୃଷ୍ଟି କରିଥାଏ। ଦ୍ୱିତୀୟତଃ ଯେଉଁମାନେ ଚାପଗ୍ରସ୍ତ ରୁହନ୍ତି ସେମାନଙ୍କ ଶରୀରରେ ହରମୋହନଜନିତ ପରିବର୍ତ୍ତନ ହୁଏ। ଯାହା ମେଟାବୋଲିକ ପ୍ରକ୍ରିୟା ଉପରେ ପ୍ରଭାବ ପକାଏ। ଏହା ପରବର୍ତ୍ତୀ ପର୍ଯ୍ୟାୟରେ ଶରୀରରେ ଚର୍ବି ବିତରଣ ପ୍ରକ୍ରିୟାକୁ ପ୍ରଭାବିତ କରେ।

ଡା. ଲଲାଟେନ୍ଦୁ ବେହେରା



ଯେ କୌଣସି କାରଣ ଯୋଗୁ ପଡୁଥିବା ଚାପ, ଅସ୍ୱାସ୍ଥ୍ୟକର ଖାଦ୍ୟାଭାସ ଯଥା ଅଧିକ ସମୟ ଧରି ଉପବାସ, ଅସମୟରେ ଜଙ୍କଫୁଡ୍ ଖାଇବାର ଇଚ୍ଛା, ନିଦ୍ରାଭାବ, ଧୂମପାନ ଓ ମାତ୍ରାଧିକ ମଦ୍ୟପାନ ହିଁ ଏହାର ଏକ କାରଣ। ତେଣୁ ଏଥିରୁ ଦୂରେଇ ରହିବା ସହ ସନ୍ତୁଳିତ ଖାଦ୍ୟ ଖାଇବା, ନିୟମିତ ବ୍ୟାୟାମ କଲେ ଏଥିରୁ ମୁକ୍ତି ମିଳିବା ସମ୍ଭାବନା ରହିଛି। ତେଣୁ ଉତ୍ତମ ନିଦ୍ରା ଓ ବିଶ୍ରାମ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି।

ଡା. ତପନ୍ୱିତ ନାୟକ



ମସଲା ଯୁକ୍ତ ଖାଦ୍ୟ ରୋଲ, ଚାଓମିନ, ଇତ୍ୟାଦି ଫାଷ୍ଟଫୁଡ୍ ଦେହ ପାଇଁ ଭଲ ନୁହେଁ। ପିଲାମାନଙ୍କୁ ଏସବୁ ଖାଦ୍ୟ ଦିଅନ୍ତୁ ନାହିଁ। ଏଭଳି ଖାଦ୍ୟ ଚର୍ବି ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ।

ବନ୍ଦିତା ଦାସ, ଶିକ୍ଷୟିତ୍ରୀ

■ ନାରୀଗାଁ ଉଚ୍ଚ ବିଦ୍ୟାଳୟ

# ଗୋବିନ୍ଦ ଗୋପାଳ ମେଧାବୃତ୍ତି ପ୍ରଦାନ ଉତ୍ସବ

କର୍ଯାଁଗୋଲା,୨୪।୭ (ସମିସ): ଦଶରଥପୁର ବ୍ଲକ୍ ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୩ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଗ୍ରାମର ୨ ଭାଇ ସ୍ୱର୍ଗତ ଗୋବିନ୍ଦ, ଗୋପାଳଙ୍କ ସ୍ମୃତିରେ ତାଙ୍କର ଉତ୍ତର ଦାୟାଦ ସରୋଜ ନାୟକ, ନିରୋଦ ନାୟକ ଏବଂ ଦିଲୀପ ନାୟକ ମେଧାବୃତ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ନିଜ ଗାଁର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ସହ ଆର୍ଥିକ ସହାୟତା ଯୋଗାଇ ନାୟକ ପରିବାର ଅନ୍ୟମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛନ୍ତି। ନାରୀଗାଁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଜ୍ୟେଷ୍ଠ ଭ୍ରାତା ସରୋଜ ନାୟକ ମେଧାବୃତ୍ତି ପ୍ରଦାନ କରାଯିବାର ଘୋଷଣା କରିଥିଲେ। କୋରାପୁଟରେ ବ୍ୟବସାୟ କରୁଥିବା ଅନ୍ୟ ଦୁଇ ଭାଇ, ଗ୍ରାମବାସୀ, ବିଦ୍ୟାଳୟ କର୍ତ୍ତୃପକ୍ଷ, ସର୍ବୋପରି ପୂରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ଏବର୍ଷ ପାଇଁ ଏହି ମହାନ କାର୍ଯ୍ୟ ଶେଷ ହୋଇଛି। ସୋନାଲି ମଲ୍ଲିକ, ଶୁଭଲକ୍ଷ୍ମୀ ସାହୁ ଓ ଜୀତେନ୍ଦ୍ର କୁମାର ଦାସ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସେମାନଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି। ମେଧା ବୃତ୍ତି ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣା, ମୁଖ୍ୟବକ୍ତା ଭାବେ ବୟୋଜ୍ୟେଷ୍ଠ ରାଜନେତା ତଥା ସମାଜ ସେବୀ ପ୍ରଫୁଲ୍ଲ କୁମାର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ପରମେଶ୍ୱର ସାମଲ, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ବେହୁରିଆ, ସମିତି ସଭ୍ୟ ସୈରେନ୍ଦ୍ର ସାମଲ ଓ ଗଗନ ଦାସ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଚନ୍ଦନ ମଲ୍ଲିକ ସଭା ପରିଚାଳନା କରିଥିଲେ। ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଟପ୍ପର ହେବାର ଅଭିଳାଷା ଚରିତାର୍ଥ ପାଇଁ ଗୋବିନ୍ଦ ଗୋପାଳ ମେଧାବୃତ୍ତି ନୂଆ ଦିଶା ଦେଖାଇବ ବୋଲି ମୁଖ୍ୟ ଅତିଥି ଶ୍ରୀ ରଣା ନିଜ ବକ୍ତବ୍ୟରେ ପ୍ରକାଶ କରିଛିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଜୟ ପ୍ରକାଶ ପରିଡ଼ା, ମୋନାଲିସା ଭୂୟାଁ, ସତ୍ୟନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




# ଯାଜପୁର-କେନ୍ଦୁଝରର ରେଳ ଷ୍ଟେସନ ଗଳିପୋଲ ନିର୍ମାଣରେ ଅନିୟମିତତା ଅଭିଯୋଗ

ବ୍ୟାସନଗର,୨୪।୭ (ସମିସ): ଦୀର୍ଘଦିନର ଆନ୍ଦୋଳନ ପରେ ଇଷ୍ଟକୋଷ୍ଟ ରେଳ ବିଭାଗ ପକ୍ଷରୁ ଯାଜପୁର ରୋଡ୍‌ସ୍ଥିତ ଗୋପବନ୍ଧୁଛକରୁ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ୫ କୋଟି ୧୬ ଲକ୍ଷ ଟଙ୍କା ଅଟକଳରେ ଏକ ଗଳି ପୋଲନିର୍ମିତ ହୋଇଛି। ଯାହା ଏକ ମରଣଯନ୍ତାରେ ପରିଣତ ହୋଇଛି ବୋଲି ଅଭିଯୋଗ ହେଉଛି। ୧ବର୍ଷ ପରେ ଠିକାଦାର ଓ ବିଭାଗ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଫଳରେ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହଉଛି। ପ୍ରକଳ୍ପକୁ ସମ୍ପୂର୍ଣ୍ଣ ନକରି ତରବରିଆ ଭାବେ ଖୋଲି ଦେଇ ଚୁପକରି ବସିବା ପ୍ରତିବାଦରେ କୋରାଇ ସଂଗ୍ରାମ ସମିତି ପକ୍ଷରୁ ପ୍ରତିବାଦ କରାଯାଇଛି। ସମିତିର ସଭାପତି ବିଦ୍ୟାଧର ମହାନ୍ତି ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର ଗତ ୨୧ ତାରିଖରେ ରେଳବିଭାଗର ଜେନେରାଲ ମ୍ୟାନେଜରଙ୍କୁ ଭିଜିଲାନ୍ସ ଦ୍ୱାରା କାର୍ଯ୍ୟଟିକୁ ତଦନ୍ତ କରିବା ସହିତ ଏହାର ଭୁଲ୍ ଡିଜାଇନ ସଂଶୋଧନ ନକଲେ ଖୁବ ଶୀଘ୍ର ଯାଜପୁରରୋଡ ରେଳ ଷ୍ଟେସନ ସମ୍ମୁଖରେ ଜନଆନ୍ଦୋଳନ କରିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି। ଏପରିକି ଏହି ଗଳି ପୋଲରେ ୨ ଫୁଟ ଡ୍ରେନ ପାଣି ରହିବା ଦ୍ୱାରା ଯାତାୟାତ କ୍ଷେତ୍ରରେ ବଡ଼କଷ୍ଟ ହେବାସହିତ ଦୈନିକ ଛୋଟ, ବଡ଼ ଦୁର୍ଘଟଣା ଦେଖାଦେଇଛି। ଯାଜପୁର ରୋଡ ପ୍ରତି ରେଳବିଭାଗର ବୈମାତୃକ ମନୋଭାବ ଯୋଗୁ ଅନେକ ଦୂରଗାମୀ ଟ୍ରେନ ରହଣି ହୋଇପାରୁନାହିଁ କିମ୍ବା ସାଇମନ୍ଦିର ପାଖ ଓଭରବ୍ରିଜ କାର୍ଯ୍ୟ ହେଉନଥିବାରୁ ଏହାକୁ ନିନ୍ଦା କରାଯାଇଛି।



# ଶ୍ରମିକ କଂଗ୍ରେସ ପକ୍ଷରୁ ନୀରବ ପ୍ରାର୍ଥନା

ବ୍ୟାସନଗର,୨୪।୭ (ସମିସ): ସ୍ଥାନୀୟ ସାପଗାଡ଼ିଆ ସ୍ଥିତ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦିବଂଗତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପାଇଁ ସଭାପତି ବିଦ୍ୟାଧର ମହାନ୍ତି ଅଧ୍ୟକ୍ଷତାରେ ନିରବ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ କଂଗ୍ରେସର ନେତୃତ୍ୱଙ୍କ ଉପସ୍ଥିତରେ ପ୍ରାର୍ଥନା ସଭାରେ ଯୋଗଦେଇ ଶୋକପ୍ରକାଶ, ନିରବ ପ୍ରାର୍ଥନା କରିବାସହ ତାଙ୍କ ଫୋଟୋରେ ପୁଷ୍ପ ଅର୍ପଣ କରିଥିଲେ। ଏଥିସହିତ ବିଜେପି ସରକାର ନାରୀମାନଙ୍କୁ ସୁରକ୍ଷା ଦେବାରେ ବିଫଳତାକୁ ଦୃଢ଼ ନିନ୍ଦା କରିଥିଲେ। ସଭାରେ ବିଶିଷ୍ଟ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡା, ପଦ୍ମନାଭ ନାୟକ, ବିଦ୍ୟାଧର ଯେନା, ପରୀକ୍ଷିତ ମଳିକ, ମହିନ୍ଦ୍ର ମହାପାତ୍ର, ସୋମନାଥ ପାତ୍ର, ପ୍ରଦୀପ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶ୍ରମିକ ନେତା ପ୍ରସନ୍ନ କୁମାର ରାଉତ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।



# ଆଦର୍ଶ ଜଳ ପରିଚାଳନାରେ ଟାଟା ଷ୍ଟିଲ୍‌ର ସଫଳତା

## ମଧୁର ଜଳ ବ୍ୟବହାରରେ ୪୦ପ୍ରତିଶତ ହ୍ରାସ

ଦାନଗଦି,୨୪।୭ (ସମିସ): ଯାଜପୁର ଜିଲ୍ଲାରେ ଅବସ୍ଥିତ ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟ ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ଷ୍ଟିଲ ଉଦ୍ୟୋଗରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏହି ପ୍ଲାଣ୍ଟ ମଧୁର ଜଳ ବ୍ୟବହାରରେ ୪୦ ପ୍ରତିଶତରୁ ଅଧିକ ହ୍ରାସ ଆଣିବା ସହିତ ଏହାର ପରିବେଶଗତ ପ୍ରଭାବ କମାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ପ୍ଲାଣ୍ଟରେ ଗତ ୭ ବର୍ଷ ଧରି ସେଣ୍ଟ୍ରାଲ୍ ଇନଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ, ହାଇ-ଏଫିସିଏନ୍ସି ରିଭର୍ସ ଅସ୍ମୋସିସ୍ ଟେକ୍ନୋଲୋଜି, ମେକାନିକାଲ୍ ଭେପର ରିକମ୍ପ୍ରେସନ୍ , ବାୟୋଲୋଜିକାଲ୍ ଅକ୍ସିଡାଏସନ ଏଣ୍ଡ ଡିଫେନଲାଇଜେସନ୍ ପ୍ଲାଣ୍ଟ ଉଚ୍ଚସ୍ତରୀୟ ଟ୍ରିଟମେଣ୍ଟ ଆଦି ପ୍ରଯୁକ୍ତି ବ୍ୟବହାର କରି ପ୍ଲାଣ୍ଟ ମଧୁର ଜଳ ଉପରେ ନିର୍ଭରତାରେ ହ୍ରାସ ଆଣିପାରିଛି। ପ୍ଲାଣ୍ଟ କଳିଙ୍ଗନଗରରେ ବର୍ଷାଜଳ ଅମଳ ପାଇଁ ଏକ "ରେନୱାଟର ହାର୍ଭେଷ୍ଟିଂ-କମ୍-ପର୍କୋଲେସନ୍ ପଣ୍ଡ' ବିକଶିତ କରିଛି। ୧୦,୫୦୦ ବର୍ଗମିଟର କ୍ଷେତ୍ରରେ ବ୍ୟାପ୍ତ ଏହି ପୋଖରୀର ଜଳ ସଂରକ୍ଷଣ କ୍ଷମତା ୪୬ହଜାର କ୍ୟୁବିକ ମିଟର ଏବଂ ଏଥିରେ ୧୦ହଜାର ବର୍ଗମିଟରରେ ସବୁଜ ବଳୟର ଆବରଣ ରହିଛି। ବର୍ଷା ଜଳ ଭୂଗର୍ଭସ୍ଥ ଜଳସ୍ତର ବୃଦ୍ଧି ପାଇଁ ବ୍ୟବହାର କରାଯାଉଛି ଏବଂ ପ୍ଲାଣ୍ଟ "ଜିରୋ ଇନଫ୍ଲୁଏଣ୍ଟ ଡିସ୍‌ଚାର୍ଜ ପ୍ଲାଣ୍ଟ' ଭାବରେ କାର୍ଯ୍ୟ କରୁଛି। ପ୍ଲାଣ୍ଟରେ ବ୍ୟବହୃତ ସମସ୍ତ ଜଳ ଉନ୍ନତ ଇନଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଶୁଦ୍ଧ କରାଯାଇ ପୁନର୍ବ୍ୟବହାର କରାଯାଏ ଏବଂ କୌଣସି ଅଶୁଦ୍ଧ ଜଳ ପ୍ଲାଣ୍ଟରୁ ବାହାରକୁ ନିଷ୍କାସିତ ହୁଏ ନାହିଁ।



# ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ଥାଣୁତା ନେଇ ଅଖିଳଚକ୍ରର ପ୍ରତିବାଦ


ପ୍ରୀତିପୁର,୨୪।୭ (ସମିସ): ଓଡ଼ିଆ ଅସ୍ମିତାର ଆହ୍ୱାନ ଦେଇ ଶାସନଗାଦୀ ଅଧିକାର କରିଥିବା ବିଜେପି ସରକାର ପୂରା ଗୋଟିଏ ବର୍ଷ ଅତିକ୍ରମ କରିଥିଲେ ହେଁ ଓଡ଼ିଶା ସାହିତ୍ୟର ଅସ୍ମିତା ପୀଠ ସାହିତ୍ୟ ଏକାଡେମୀ ଏବେ ଆସ୍ଥା ହରାଇବା ସହ ସଙ୍କଟରେ ପଡ଼ିରହିଛି। ଜୁଲାଇ ୨୦୨୩ରୁ ତାହାର କାର୍ଯ୍ୟକାଳ ପୂରି ଯାଇଥିଲେ ହେଁ ନୂଆ ପରିଷଦ ଗଠନ ନିମନ୍ତେ ସରକାର ମନୋନିବେଶ କରୁନଥିବା ବଡ଼ ଦୁଃଖର ବିଷୟ। ଏଥିପାଇଁ ଅଖିଳଚକ୍ର ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ମୁଖ୍ୟମନ୍ତ୍ରୀ, ସଂସ୍କୃତିମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୀର୍ଘ ଦୁଇ ବର୍ଷ ହେବ ଓଡ଼ିଶା ସାହିତ୍ୟ ଏକାଡେମିର କାର୍ଯ୍ୟକାରୀ ପରିଷଦ ନଥିବା ବେଳେ, ସଭାପତି ଓ ଉପସଭାପତି ପଦ ଖାଲି। ଏହା ଏକପ୍ରକାର ମୁରବୀ ଶୂନ୍ୟ ହୋଇ ପଡ଼ିରହିଥିବା ବେଳେ ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ପାଳନ କରାଯିବା ପ୍ରହସନ ବୋଲି ସେ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ୨୦୧୭-୧୮ ମସିହାରୁ ସାହିତ୍ୟ ଏକାଡେମୀ ପୁରସ୍କାର ସ୍ଥଗିତ ରହିଥିବା ଓଡ଼ିଶାର ସାହିତ୍ୟିକ ମାନଙ୍କ ମନୋବଳ ଭାଙ୍ଗିଦେଇଛି। ସମଗ୍ର ଭାରତ ବର୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ବହୁ ପଛରେ। ଶାସ୍ତ୍ରୀୟ ମାନ୍ୟତା ପାଇବା ପରଠାରୁ ସରକାର, ଏକାଡେମୀର ସ୍ଥାଣୁତା ପାଇଁ ଓଡ଼ିଆ ସାହିତ୍ୟ ଓ ଭାଷା ତଳକୁ ତଳ ଖସି ଚାଲିଛି। ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାର ସମ୍ପର୍କୀତ ତଥ୍ୟର ଗୋପନ ରଖାଯାଇ ପାରୁନାହିଁ। ତାହା ସବୁବର୍ଷ କେମିତି ପ୍ରଘଟ କରାଯାଉଛି,ଲେଖକ ମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଅଖିଳଚକ୍ର ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ଭର୍ଚୁଆଲ ବିତର୍କର ଆୟୋଜନ କରାଯାଇଥିଲା। ଏଥିରେ କବି ମୀନାକ୍ଷୀ ଦ୍ୱିବେଦୀ, ଲେଖକ ଭକ୍ତି ମହାନ୍ତି, ଲେଖିକା ନିର୍ମଳା ମିଶ୍ର, ଶିକ୍ଷାବିତ ଆଶାଲତା ପାଣ୍ଡବ, ଶିକ୍ଷୟିତ୍ରୀ ଓ ସ୍ତମ୍ଭକାର ଅନସୂୟା ମହାପାତ୍ର, ବିପ୍ଳବୀ କବି ଧନେଶ୍ୱର ରାଉତ, କବି ମନୋରମା ମିଶ୍ର, ପଣ୍ଡିତ ମହେଶ୍ୱର ନନ୍ଦ, ଡଃ ଅଶ୍ୱିନୀ କୁମାର ରାଉ, ଲେଖିକା ମମତା ନାୟକ, ସାମ୍ବିଦିକ ଓ କବି ବନମାଳୀ ସେନାପତି, କବି ଡଃ ଶ୍ରୀହରି ଧଳ, ମମତା ଶୁଶାରୀ, କବି ସୁପ୍ରିୟା ମହାପାତ୍ର, ଲେଖକ ଶରତ କୁମାର ନାୟକ, କବି ସୁବାଷ ସାହାଣୀ, କବି ସଂଗଠକ ସନ୍ତୋଷ କୁମାର ବେଉରିଆ, କବୟିତ୍ରୀ ବନଜା ସାମଲ, କବି ଅଧ୍ୟାପକ ନିଖିଳେଶ ମହାନ୍ତି, ସଂଗଠକ ସତ୍ୟରଞ୍ଜନ ସ୍ୱାଇଁ, ବରିଷ୍ଠ ସମାଜସେବୀ ପ୍ରମୋଦା ପଟ୍ଟନାୟକ, ସମ୍ପାଦିକା ବ୍ରଜେଶ୍ୱରୀ ସିଂହ, ଲେଖିକା ଶିଖା ମହାପାତ୍ର, କବୟିତ୍ରୀ ଅମ୍ରିତା ସିଂହ, ବିଶିଷ୍ଟ ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରୀପାଠୀ ପ୍ରମୁଖ ମତାମତ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଏକାଡେମୀ, ବିଜ୍ଞାନ ଏକାଡେମୀ ଓ ଭାଷା ସୁରକ୍ଷା ପରିଷଦକୁ ହସ୍ତମୁଦ ମାହାଲଠାରୁ ମୁକ୍ତକରି ଏହାକୁ ସାର୍ବଜନୀନ କରିବାକୁ ଏବଂ ଓଡ଼ିଆ ଜାତିର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ଏବେକାର ସରକାର ଯତ୍ନବାନ ହେବାକୁ ଆଶାପୋଷଣ କରିଛନ୍ତି।

## ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଉଦ୍‌ଘାଟନ ପୂର୍ବରୁ କାନ୍ଥ ଫାଟି ଆଁ; ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ

ବରୀ,୨୪।୭ (ସମିସ):

ଉଦ୍‌ଘାଟନ ପୂର୍ବରୁ ଫାଟିଗଲାଣି କାନ୍ଥ, ଛାଡ଼ିଲାଣି ପ୍ଲାଷ୍ଟର। ଲୋକଙ୍କ ସେବାରେ କେବେ ଲାଗିବ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ସେ ନେଇ ଉଠିଛି ପ୍ରଶ୍ନ। ଏକେଉଁ ଉପାନ୍ତ ଅଞ୍ଚଳର କଥା ନୁହେଁ ଏ ହେଉଛି ଉପକୂଳ ଜିଲ୍ଲା ତଥା ଯାଜପୁର ଜିଲ୍ଲା ବରୀ ବ୍ଲକରେ ଥିବା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର। ଦୀର୍ଘ ବର୍ଷ ହେବ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଯାହାକୁ ନେଇ ଅନେକ ଅଭିଯୋଗ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ନୀରବ ଦ୍ରଷ୍ଟା। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୪ କୋଟି ଟଙ୍କା ବ୍ୟୟରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ ହେଇଛି ୨ ମହଲା ବିଶିଷ୍ଟ ଗୃହ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହନିର୍ମାଣ କାର୍ଯ୍ୟ ସରିଥିଲେ ବି ଆଜି ଯାଏ ତାହା ଲୋକଙ୍କ ସେବାରେ ଲାଗିପାରିନି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବରୀବାସୀ। ସେପଟେ ଗୃହ ନଥିବା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିନାହିଁ ବୋଲି ଅଭିଯୋଗକୁ ଏଡାଇ ଦେଉଛି ସ୍ୱାସ୍ଥ୍ୟ ବିଭାଗ। ମାତ୍ର ନିର୍ମାଣ କାର୍ଯ୍ୟ ଅବଧି ୨ ବର୍ଷ ତଳୁ ସରିଥିଲେ ବି ଆଜିଯାଏ ତାହା ଲୋକଙ୍କ ସେବାରେ ଲାଗିପାରୁନି। ସବୁଠାରୁ ବଡ଼ କଥା ହେଲା ଉଦ୍‌ଘାଟନ ପୂର୍ବରୁ ନୂଆ ଘରର କାନ୍ଥ ଫାଟି ଆଁ କଲାଣି ତ କେତେକ ସ୍ଥାନରେ ପ୍ଲାଷ୍ଟର ଛାଡ଼ିଗଲାଣି। ଠିକାଦାର ଓ ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କ ଅବହେଳା ପାଇଁ ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହେଉଛି। ଏନେଇ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅନେକ ଥର ଅଭିଯୋଗ ହୋଇଥିଲେ ମଧ ଫଳ ଶୂନ। ଫଳରେ ଉତ୍ତମ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି ବରୀବାସୀ। ତେବେ କେବେ ଏହି ନୂତନ ଗୃହ ଲୋକଙ୍କ ସେବାରେ ଲାଗିବ ତାହା ଦେଖିବାକୁ ବାକି ରହିଲା।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଦ୍ମଲୋଚନ ସେଠୀ
ଆବିର୍ଭାବ - ୦୧/୦୬/୧୯୩୧
ତିରୋଧାନ - ୧୫/୦୭/୨୦୨୫
ଗ୍ରାମ - ଚମ୍ପାବଣୀ ପାଟଣା, ପଞ୍ଚାୟତ - ଅନଳିଆ, ଭୋଗରାଇ
ବାପା...
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆପଣଙ୍କ ନୀତି ଆଦର୍ଶ ଓ ଆଶୀର୍ବାଦ ସଦାସର୍ବଦା ଆମ ସହିତ ରହିଥାଉ। ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ହତଭାଗ୍ୟ ପୁତ୍ର- ପ୍ରଫୁଲ୍ଲ ସେଠୀ ପ୍ରଦୀପ ସେଠୀ ପରେଶ ସେଠୀ ପ୍ରଶାନ୍ତ ସେଠୀ ବୋହୂ- ରୀନାରାଣୀ, ଶ୍ୟାମଳୀ, ମେନକା, ଝିଅ- ଗୌରୀ,ମଙ୍ଗଳୀ, ଗୁରୁବାରୀ, ସବିତା, ମିନତୀ, ମାଳତୀ, ଜ୍ୱାଇଁ- କାଳିଚରଣ ରବିନ୍ଦ୍ର,ବଲାଇ , ରବିନ୍ଦ୍ର,ଶତୀସ, ସୁଶାନ୍ତ ଓ ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ

**ପୋଖରୀ ଖୋଳା ନାଁ ରେ ବ୍ୟାପକ ଶାଳ ଗଛ ନଷ୍ଟ**

# ବନ ବିଭାଗ ପକ୍ଷରୁ ଠିକାଦାରଙ୍କୁ ନୋଟିସ୍

ରଗଡ଼ି,୨୪।୭ (ସମିସ)



ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଅନ୍ୟପଟେ ଏସ୍ଏମ୍ସି କାର୍ଯ୍ୟ ତଥା ପୋଖରୀ ଖୋଳା ନାଁରେ ନିର୍ବିଘ୍ନରେ ଶତାଧିକ ଶାଳ ପରି ମୂଲ୍ୟବାନ ଗଛ ନଷ୍ଟ କରି ଦିଆଯାଇଛି ବୋଲି ଅଭିଯୋଗ ହେଉଛି। ଆଗକୁ ବି ଆହୁରି ଗଛ ନଷ୍ଟ ହେବାର ଆଶଙ୍କା ମଧ୍ୟ ରହିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାର୍ଚ୍ଚ ମାସ ସୁଦ୍ଧା କାର୍ଯ୍ୟ କରିବାର ଅବଧି ଥିଲେ ହେଁ ବର୍ଷା ଋତୁରେ ବି ପୋଖରୀ ଖୋଳା ଚାଲିଛି। କଟକ ବନଖଣ୍ଡ ଯାଜପୁର ରୋଡ ବନାଞ୍ଚଳ ଅଧୀନ ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ଗ୍ରାମ୍ୟ ଜଙ୍ଗଲରେ ଏପରି ଦେଖିବାକୁ ମିଳିଛି। ଜଙ୍ଗଲ ଭିତରେ ପଶୁ, ପକ୍ଷୀ ପାଣି ପିଇବା ପାଇଁ ପ୍ରାୟ ୫୦ରୁ ଅଧିକ କ୍ଷୁଦ୍ର ପୋଖରୀ ଖୋଳାଯିବା ନେଇ ଠିକାଦାର ଚୟନ ହୋଇଛି। ଏସବୁ ପୋଖରୀ ଖୋଳା ଯିବାପାଇଁ ଠିକାଦାରଙ୍କ ପକ୍ଷରୁ ଚେନପୁଲି ଗାଡ଼ି ଜଙ୍ଗଲ ମଧ୍ୟକୁ ପ୍ରବେଶ କରିବାରୁ ଏହାଦ୍ୱାରା ବହୁ ସଂଖ୍ୟାରେ ଶାଳ ଗଛ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଜଙ୍ଗଲ ମଧ୍ୟରେ ପଶୁ, ପକ୍ଷୀ ପାଣି ପିଇବା ପାଇଁ ଅନେକ ପୋଖରୀ ଥିବା ବେଳେ ପୁଣି କେଉଁ ଉଦ୍ଦେଶ୍ୟରେ ଏବଂ କାହା ସ୍ୱାର୍ଥରେ ଏତେ ସଂଖ୍ୟକ ପୋଖରୀ ଖୋଳାଯିବାର ଯୋଜନା କରାଯାଇଛି। ଯଦ୍ୱାରା ଏତେ ସଂଖ୍ୟକ ଦାମୀ ଶାଳ ଗଛ ନଷ୍ଟ ହେବାକୁ ଦିଆଗଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଖବର ପାଇ ଯାଜପୁର ରୋଡ ବନାଞ୍ଚଳ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ଏହାର ଅନୁଧ୍ୟାନ କରିଛନ୍ତି। ଗାଡ଼ି ମାର୍ଚ୍ଚି ବେଳେ ବହୁ ସଂଖ୍ୟାରେ ଶାଳ ଗଛ ନଷ୍ଟ ହୋଇଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ଡିଏଫଓଙ୍କ ସହ ପରାମର୍ଶ କରାଯିବା ପରେ ଉକ୍ତ ଠିକାଦାରଙ୍କ କାମ ବନ୍ଦ କରାଯାଇଛି। ଗଛ ନଷ୍ଟ ନେଇ ଠିକାଦାରଙ୍କୁ ନୋଟିସ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ବିଜେଡି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀଙ୍କ ନାମରେ ଏତଲା**

**ବରୀ,୨୪।୭ (ସମିସ):** ବରୀ ମାଉଣ୍ଡ ନିକଟ ନେଉଳା ଛକରେ ମଙ୍ଗଳବାର ପୂର୍ବାହ୍ନରେ ବିଜେପି କର୍ମୀଙ୍କ ଦ୍ୱାରା ବିଜେଡି କର୍ମୀଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଅବ୍ୟବସ୍ଥା ଅଭିଯୋଗ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟିବାକୁ ବିଜେଡି ଯୁବ ଜନତା ଦଳର କିଛି କର୍ମକର୍ତ୍ତା ଯାଜପୁର ଅଭିମୁଖେ ଯାଉଥିଲେ। ସେହି ସମୟରେ ନେଉଳା ଛକ ନିକଟରେ ତାଙ୍କ ଉପରେ ଅତର୍କିତ ଆର୍କମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉପରୋକ୍ତ ସ୍ଥାନରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବିଜେପି କର୍ମୀ ସଂଗ୍ରାମ ପଲାଇ, ଗତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ପ୍ରାର୍ଥି ହୋଇଥିବା ସୌଭାଗ୍ୟ ଦାସ, ସତ୍ୟବ୍ରତ ଜେନା, ପ୍ରଦୀପ ପରିଡା, ପ୍ରକାଶ ଦାସ, ନାରାୟଣ ଚନ୍ଦ୍ର ସାହୁ, ସନ୍ତୋଷ ନାୟକ, ଚନ୍ଦ୍ରକାନ୍ତ ନାୟକ, ମାନସ ଧଳ, ଶଶିକାନ୍ତ ବେହେରା, ସଦାସିବ ପଡିହାରୀଙ୍କ ସମେତ ପ୍ରାୟ ୩୦ରୁ ଅଧିକ ବିଜେପି ଯୁବମୋର୍ଚ୍ଚାର କର୍ମୀମାନେ ବିଜେପି ନେତା ଉମେଶ ଚନ୍ଦ୍ର ଜେନାଙ୍କ ଇଙ୍ଗିତରେ ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଜାତିଆଣା ଆକ୍ଷେପ କରିଥିଲେ। ଏହାର ପ୍ରତିବାଦ କରିବାରୁ ବିଜେପି କର୍ମୀମାନେ ହାତରେ ଠେଙ୍ଗାବାଡି ଧରି ଆକ୍ରମଣ କରିବା ସହ ପାଖରେ ରଖିଥିବା ଭୁଜାଲି, ଲୁହରଡ୍ ଆଦି ମାରଣାସ୍ତ୍ର ଧରି ଗୋଡ଼ାଇଥିଲେ। ସେମାନେ ବିଭିନ୍ନ ଧମକଚମକ ଦେବା ସହ ବିଧାୟକ ବିଶ୍ୱରଞ୍ଜନ ମଲିକଙ୍କ ନାମରେ ଅସାମ୍ବିଧାନିକ ଶବ୍ଦ ପ୍ରୟୋଗ କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ରାଜରାସ୍ତାଙ୍କୁ ଓହ୍ଲାଇବାକୁ ବାଧ ହେବୁ ବୋଲି ବରୀ ଯୁବ ବିଜେଡିର କର୍ମକର୍ତ୍ତା ସାଗର କାନ୍ତ ରାୟ, ଭରତ ସେଠି, ବିଭୁ ପ୍ରସାଦ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି। ସେହିପରି ରାମଚନ୍ଦ୍ରପୁର ଥାନା ସୂତ୍ରରୁ ଜଣାପଡ଼ିଛି ଯେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବରୀ ବିଡିଓ ଏବଂ ବିଧାୟକଙ୍କ ନାମରେ ପୂର୍ବାହ୍ନରେ ଲିଖିତ ଅଭିଯୋଗ ହୋଇଛି।

## ବୃଦ୍ଧାଶ୍ରମରେ କମ୍ବଳ ବଣ୍ଟନ



**ପାଣିକୋଇଲି,୨୪।୭ (ସମିସ):** ଯାଜପୁର ରୋଡ୍‌ସ୍ଥିତ ବ୍ୟାଙ୍କ ଅଫ ବରୋଦା ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ସାଜିକ କାର୍ଯ୍ୟସହ ଜଡ଼ିତ ଥିବା ବେଳେ ଆଜି ପାଣିକୋଇଲିସ୍ଥିତ ବୃଦ୍ଧାଶ୍ରମ 'ଶେଷ ପରିଚୟ'ରେ କମ୍ବଳ ବଣ୍ଟନ କରାଯାଇଛି। ବ୍ୟାଙ୍କର ପରିଚାଳକ ବେଦବ୍ରହ୍ମା ପରିଡ଼ାଙ୍କ ନେତୃତ୍ୱରେ କର୍ମଚାରୀ ପ୍ରତାପ କୁମାର ପରିଡ଼ା, ଯଶୋଦା ପ୍ରିୟଦର୍ଶିନୀ, ମିଲୁ ରାଜ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନୁଷ୍ଠାନ ପକ୍ଷରୁ ମନ୍ମଥ ପଣ୍ଡା ଓ ଗୋଲକ ବିହାରୀ ପରିଡ଼ା ସହଯୋଗ କରିଥିଲେ।

## ନଦୀପଠାରେ ଗଳିତ ମୃତଦେହ ଉଦ୍ଧାର

**ଧର୍ମଶାଳା,୨୪।୭ (ସମିସ):** ଧର୍ମଶାଳା ଥାନା ଅଧୀନ ଅରାବଳ ପଞ୍ଚାୟତ ମହନପୁର ନିକଟସ୍ଥ କେଲୁଅ ନଦୀପଠାରୁ ଗୁରୁବାର ସକାଳେ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହଟି ଭାସି ଆସି ମହାନପୁର ନିକଟରେ ଲାଖି ଯାଇଥିଲା। ଏହାକୁ ସ୍ଥାନୀୟ ଲୋକେ ଦେଖି କୋତପୁର ଫାଣ୍ଡି ପୁଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପେମାନନ୍ଦ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଗଳିତ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତଦେହଟି ଏକ ପୁରୁଷର ବୋଲି ଅନୁମାନ କରାଯାଉଛି ଏବଂ ୧୫ ଦିନରୁ ଅଧିକ ହେବ ବୋଲି ଜଣାପଡ଼ିଛି। ମୃତଦେହକୁ ସତ୍କାର କରାଯାଇଥିବା ନେଇ କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି।

## ଛାତ୍ରୀଙ୍କୁ ଅପହରଣ ନେଇ ଥାନାରେ ଅଭିଯୋଗ

**କୁନ୍ଦଲ,୨୪।୭ (ସମିସ):** ବାଲିଚନ୍ଦ୍ରପୁର ଥାନା ଅଧୀନ କୃଷ୍ଣଦାସପୁର ଗ୍ରାମରୁ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ୧୯ ତାରିଖ ରାତିରେ୧୫ ବର୍ଷିୟ ନାବାଳିକା ଝିଅକୁ କେହି ଅପହରଣ କରିନେଇଥିବା ନେଇ ଥାନାରେ ନାବାଳିକାର ମାଆ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୁଲିସ ମାମଲା ରୁଜୁ କରି ତଦନ୍ତ ଚାଲୁରଖିଛି। ଘଟଣାର ୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ନାବାଳିକାର କୌଣସି ସନ୍ଧାନ ପାଇପାରିନାହିଁ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ସହ ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ପ୍ରକାଶ।

## ସର୍ପାଘାତରେ ଯୁବକ ଗୁରୁତର

**ସୁକିନ୍ଦା,୨୪।୭ (ସମିସ):** ସୁକିନ୍ଦା ଥାନା ଅଧୀନ ଦଳକି ଗ୍ରାମ ପାଖ ଜଙ୍ଗଲରେ ବିଷଧର ସାପ କାମୁଡାରେ ଗ୍ରାମର ଚିନ୍ତାମଣି ମହାନ୍ତ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମୃତ ଦୁଇ ଯୁବକଙ୍କ ପରିବାରକୁ ଆର୍ଥିକ ସହାୟତା



**ବଡ଼ଚଣା,୨୪।୭ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଅନିଲ କୁମାର ସାହୁ ଓ ଧନେଶ୍ୱର ନାୟକଙ୍କର ଅକାଳ ବିୟୋଗ ଖବର ପାଇ ଆଜି କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭ ସୋସାଇଟ, ବାଲିଚନ୍ଦ୍ରପୁର ଶାଖା ପକ୍ଷରୁ ଉଭୟ ପରିବାରକୁ ୧୦ ହଜାର ଟଙ୍କାଏ ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସୋସାଇଟିର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ଆଜି ଉଭୟଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଅକାଳ ମୃତ୍ୟୁ ବରଣ କରିଥିବା ଉଭୟ ମୃତ ଯୁବକଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ତେବେ ଉଭୟଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ଆସିଥିବା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟର ଏଭଳି ସହାୟତା ପାଇଁ ସୋସାଇଟକୁ ସାଧୁବାଦ ଜଣାଇଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସରପଞ୍ଚ ନବଦ୍ୱୀପ ନାୟକ, ସୋସାଇଟିର ବାଲିଚନ୍ଦ୍ରପୁର ଶାଖାର ମୁଖ୍ୟ ପରିଚାଳିକା ସନ୍ତୋଷୀ ସାମଲ, ସୋସାଇଟର ଦୈନିକ ଜମା ସଂଗ୍ରହକାରୀ ଚିନ୍ମୟ କୁମାର ଜେନା ଓ ଭୂପେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଦୋଳନକୁ ଓହ୍ଲାଇଲେ ସଫେଇ କର୍ମଚାରୀ



**ସୁକିନ୍ଦା,୨୪।୭ (ସମିସ):** ନିରନ୍ତର ସେବା ପ୍ରଦାନ କରି ପାରିଶ୍ରମିକ ନପାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କର୍ମଚାରୀ। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସଫେଇ କର୍ମଚାରୀ ଦୀର୍ଘ ମାସ ଧରି ପାରିଶ୍ରମିକ ନପାଇ ଅତି ଦୁଃଖର କାଳାତିପାତ କରୁଛନ୍ତି। ଘଟଣା ସମ୍ପର୍କରେ ସଫେଇ କର୍ମଚାରୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ନିରୁପାୟ ହୋଇ ଗୁରୁବାର ଦିନ ସଫେଇ କର୍ମଚାରୀ ମାନେ କଳା ବ୍ୟାଚ ପିନ୍ଧି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବସିରହିଥିବା ଦେଖିବାକୁ ମିଳିଛି। ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଫେଇ କର୍ମଚାରୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କ ପାରିଶ୍ରମିକ ଦେବାକୁ ସଂପୃକ୍ତ ଠିକାଦାରକୁ ତାଗିଦ୍ କରିବା ପରେ ସଫେଇ କର୍ମଚାରୀ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି।

## ବିପୁଳ ପରିମାଣରେ ଗଞ୍ଜେଇ ସହ କାର୍ ଜବତ

**ଦାନଗଦି/ସୁକିନ୍ଦା,୨୪।୭ (ସମିସ):** ଡୁବୁରୀ -ସୁକିନ୍ଦା ୫୩ ନମ୍ବର ଜାତୀୟ ରାଜପଥ ସିଆରିଆ ଛକ ନିକଟରୁ କଳିଙ୍ଗନଗର ଥାନା ପୁଲିସ ଚାରିବସ୍ତା ଗଞ୍ଜେଇ ସହ ଏକ ଓଡି. ୩୩. ଏପି. ୯୩୯୫ ବିଶିଷ୍ଟ ଗାଡିକୁ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୁଲିସ କହିଛି। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତ୍ରୀରେ ଗାଡ଼ିଟି ଢେଙ୍କାନାଳ ପଟୁ ସୁକିନ୍ଦା ଡୁବୁରୀ ଦେଇ କେନ୍ଦୁଝର ଆଡ଼କୁ ଯାଉଥିଲା। ରାସ୍ତାରେ ଡୁବୁରି ସିଆରିଆ ନିକଟରେ ଗାଡିଟି ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ତଳକୁ ପଲଟି ଯାଇଥିଲା। ଖବର ପାଇ କଳିଙ୍ଗନଗର ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲା ଏବଂ ସିଆରିଆ ସ୍କୁଲ ନିକଟରୁ ଗାଡିଟିକୁ ଜବତ କରିଥିଲା। ତଦନ୍ତ ସମୟରେ ଗାଡି ଭିତରୁ ଚାରି ବସ୍ତା ଗଞ୍ଜେଇ ବାହାରିଥିଲା। ତେବେ ଡ୍ରାଇଭର ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଏହାକୁ ନେଇ କଳିଙ୍ଗନଗର ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ସଡ଼କ ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

**ବାଲିଚନ୍ଦ୍ରପୁର,୨୪।୭ (ସମିସ):** ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର ଥାନା ସେହି ଗ୍ରାମର ବନମାଳୀ ସେଠୀ (୫୫) ସଡ଼କ ଦୁର୍ଘଟଣାରେ ଗୁରୁତର ଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ପରଲୋକ ଘଟିଛି। ଗତ ୧୯ ତାରିଖ ସକାଳେ ସେ କୌଣସି କାମରେ ୫୩ନଂ ଜାତୀୟ ରାଜପଥରେ ଅନ୍ୟତ୍ର ଯିବା ପାଇଁ ଛିଡ଼ା ହୋଇଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କଟକ ବଡ଼ ମେଡିକାଲ ଓ ପରେ କଟକର ଏକ ଘରୋଇ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ଘଟିଛି। ମୃତ୍ୟୁ ସମୟରେ ପରିବାର ଲୋକେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଛି। ତାଙ୍କ ସାନ ଭାଇ ଚୈତନ୍ୟ ଚରଣ ସେଠୀ ମୁଖାଗ୍ନି ଦେଇଥିଲେ। ବାଲିଚନ୍ଦ୍ରପୁର ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡିଛି। ବନମାଳୀ ଜଣେ ସରଳ, ନିରୀହ ଓ ମେଳାପୀ ବ୍ୟକ୍ତି ବିଶେଷ ହୋଇଥିବାରୁ ବାଲିଚନ୍ଦ୍ରପୁର ଗ୍ରାମ ବଜାର ଓ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

## ଏଫ୍ଏମ୍ କଲେଜ ଛାତ୍ରୀଙ୍କ ପାଇଁ ଧର୍ମଶାଳା କଂଗ୍ରେସର ନୀରବ ପ୍ରାର୍ଥନା



**ଧର୍ମଶାଳା,୨୪।୭ (ସମିସ):** ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ସୋମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ଧର୍ମଶାଳା ନିର୍ବାଚନମଣ୍ଡଳୀ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା କରାଯାଇଛି। ତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଧର୍ମଶାଳା କଂଗ୍ରେସ ନେତା ତଥା ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ ଦଳର କର୍ମୀ କୃଷକ ନେତା ବସନ୍ତ କୁମାର ପରିଡା, ପ୍ରଫୁଲ୍ଲ କୁମାର ରାୟ, ପୂର୍ଣ୍ଣଚନ୍ଦ୍ର ତରାଇ, ନକୁଳ ନାୟକ, ଅମରେନ୍ଦ୍ର ସାମଲ, ଗଗନା ବିହାରୀ ରାଉତ, କେଶବ ମଳିକ, ଶୁଶିଲ ଡୋରା, କାର୍ତ୍ତୀକ ସାହୁ, ଦେବାଶିଷ ପରିଡା, ବାବୁ ଖାଁ, ନାରାୟଣ ରାଉତ, ସନ୍ତୋଷ ଜେନା, ଦୀପକ ମଳିକ ପ୍ରମୁଖ ବହୁ କଂଗ୍ରେସ କର୍ମୀ ନିରବ ପ୍ରାର୍ଥନାରେ ସାମିଲ ହୋଇଥିଲେ। ପରେ ଏମାନେ ନିକଟସ୍ଥ କଲେଜ ଗୁଡିକରେ ଚାରାରୋପଣ କରିଥିଲେ।

## ବଡ଼ଚଣା କଂଗ୍ରେସର ଶ୍ରଦ୍ଧାଞ୍ଜଳି ସଭା



**କୁନ୍ଦଲ,୨୪।୭ (ସମିସ):** ଫକୀରମୋହନ ମହାବିଦ୍ୟାଳୟର ଦିବଂଗତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ଓଡ଼ିଶାର ନାରୀ ସମାଜକୁ ନ୍ୟାୟ ପ୍ରଦାନ ନିମନ୍ତେ ବଡ଼ଚଣା କଂଗ୍ରେସ ଦଳ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ତଥା ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ପ୍ରାକ୍ତନ ବଡ଼ଚଣା ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱପ୍ରକାଶ ସାମଲ, ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ଅଜୟ ଜେନା, ବଟକୃଷ୍ଣ ଦାସ, ଅଶୋକ ବେହେରା, ସରୋଜ ଜେନା, ଶରତ ଚନ୍ଦ୍ର ସାହୁ, ଖଗେଶ୍ୱର ବେହେରା, ଶ୍ରୀକାନ୍ତ ମଲ୍ଲିକ, ଚର୍ଚ୍ଚିତ ମାହାଲା, ଚାନ୍ଦ ଖାଁ, ସନ୍ତୋଷ ପରିଡ଼ା ଜୟ ପ୍ରକାଶ ବିଶ୍ୱାଳ, ଅଚ୍ୟୁତାନନ୍ଦ ପଣ୍ଡା, ମହନି ମହାନ୍ତି, ସେକ୍ ଇକ୍‌ବାଲ ହୁସେନ୍, ଅଶୋକ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ପ୍ରାରମ୍ଭରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ କଂଗ୍ରେସ କର୍ମୀ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ

ବିରିପଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ୨୦୨୫-୨୬ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ଶିକ୍ଷାବର୍ଷର ଆଡ଼ମିସନ ନେଇଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ରାମମୋହନ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ଅଧ୍ୟାପିକା କାନ୍ତିଲତା ତ୍ରିପାଠୀ, ଅଧ୍ୟାପକ ପ୍ରତାପ କୁମାର ତ୍ରିପାଠୀ, କୈବଲ୍ୟ କୁମାର ଯେନା, ଶଶିଭୂଷଣ ମହାଳିକ, ପ୍ରଶାନ୍ତ କୁମାର ନନ୍ଦ, ଅଜୟ କୁମାର ବେହେରା, ସନ୍ତୋଷ କୁମାର ଦାସ, ତୁଷାର ରଞ୍ଜନ ସାମଲ, ସନ୍ତୋଷ କୁମାର ରାଉତ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରକାସ କୁମାର ଧଳ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ।

**ଧର୍ମଶାଳା ପୂର୍ବତନ ବିଧାୟକଙ୍କ ବୈଠକ**

# ମହିଳା ପୁଲିସଙ୍କୁ ନ୍ୟାୟ ମିଳୁନଥିବା ଅଭିଯୋଗ

ଯାଜପୁର,୨୪।୭ (ସମିସ)



**ପୁଲିସ ବିରୋଧରେ ବର୍ଷିଲେ**

ଯାଜପୁର ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଆଇନଶୃଙ୍ଖଳା। ଯାଜପୁର ପୁଲିସ ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି। କୌଣସି ଅଭିଯୋଗ ନ ଥାଇ ମନଇଚ୍ଛା ବିଜେଡି ସମର୍ଥକଙ୍କୁ ଗିରଫ କରୁଛି ଏବଂ ରାତି ଅଧିଆ ଉଠାଇ ନେଉଛି। ଅନ୍ୟପଟେ ମାଫିଆମାନେ ଥାନା ଭିତରେ ପଶି ମହିଳା ଏଏସଆଇଙ୍କୁ ଧମକ ଦେଇ ଦିନ ଦ୍ୱିପ୍ରହରରେ ଘୁରି ବୁଲୁଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଧରୁନାହିଁ ବୋଲି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଯେଉଁମାନଙ୍କ ନାଁରେ କୌଣସି ଅଭିଯୋଗ ନଥାଇ ମଧ୍ୟ ଶାସକ ଦଳର ଇଙ୍ଗିତରେ ପୁଲିସ ରାତିଅଧିଆ ବିଜେଡି କର୍ମୀଙ୍କୁ ଉଠାଇନେଉଛି ବୋଲି ଅଭିଯୋଗ କରିଛନ୍ତି। ପୁଲିସର ଧର୍ମଶାଳାରେ ଗୋଟିଏ ଆଇନ ବଡ଼ଚଣାରେ ଆଉ ଏକ ଆଇନ କହି କଟାକ୍ଷ କରିଛନ୍ତି। ଆଜି ଅପରାହ୍ଣରେ ଧର୍ମଶାଳା ବ୍ଲକ ଜାରକା ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ମିଳନୀରେ ଯାଜପୁର ପୁଲିସର କାର୍ଯ୍ୟକଳାପକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। କିଛି ମାସ ତଳେ ଧର୍ମଶାଳା ଥାନାର ଜଣେ ଏଏସଆଇ ଅରୁଣିମା ମହାପାତ୍ରଙ୍କୁ ଥାନା ଭିତରେ ପଶି ଅସାମାଜିକ ଯୁବକ ଗାଳି ଗୁଲଜ କରିଥିଲେ। ଯେଉଁଥିପାଇଁ ଥାନା ପରିସରରେ ମହିଳା ଏଏସଆଇ ଅସୁରକ୍ଷିତ ମଣିବା ସହ ଏତଲା ଦେଇ ନ୍ୟାୟ ଭିକ୍ଷା କରିଥିଲେ। ଘଟଣାରେ ପୁଲିସ କୌଣସି ପଦକ୍ଷେପ ନେଇ ନଥିବା ବେଳେ ଆଜି ପର୍ଯ୍ୟନ୍ତ ଖୋଲା ଆକାଶରେ ଅଭିଯୁକ୍ତ ବୁଲୁଛନ୍ତି। ସେହି ଅଭିଯୁକ୍ତମାନଙ୍କୁ କାହିଁକି ଧରୁନାହିଁ ଧର୍ମଶାଳା ପୁଲିସ। ମହିଳା ପୁଲିସ ଦେଇଥିବା ଅଭିଯୋଗରେ କଣ ସତ୍ୟତା ନାହିଁ ନାଁ ପୁଲିସ ସେହି ଅସାମାଜିକ ବ୍ୟକ୍ତି ମାନଙ୍କୁ ଧରିବା ପାଇଁ ଭୟ କରୁଛି ବୋଲି ପୂର୍ବତନ ବିଧାୟକ ପ୍ରଶ୍ନ କରିଛନ୍ତି। ଗତକାଲି ରାତିରେ ଧର୍ମଶାଳା ଅଞ୍ଚଳର ଜଣେ ଯୁବକକୁ ବେଆଇନ ଭାବେ ବଡ଼ଚଣା ପୁଲିସ ଏକ ଘଟଣାରେ ଉଠାଇ ନେଇଥିଲା। ଗତ ଏକ ମାସ ତଳେ ଘଟିଥିବା ଏକ ଘଟଣାରେ କୌଣସି ସମ୍ପୃକ୍ତି ନଥାଇ ଯୁବକକୁ ଉଠାଇ ନେଇଥିବାରୁ ବିଳମ୍ବିତ ରାତିରେ ପୂର୍ବତନ ବିଧାୟକ ସେଠାରେ ପହଞ୍ଚିବାରୁ ପୁଲିସ ତାକୁ ଛାଡି ଦେଇଥିଲା। ଏହି ଘଟଣାକୁ ନେଇ ପ୍ରଣବ ଯାଜପୁର ପୁଲିସର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଥିବା ଅଭିଯୋଗ କରିଛନ୍ତି। ତେବେ ଆଗକୁ ପୁଲିସର ଆଭିମୁଖ୍ୟରେ ପରିବର୍ତ୍ତନ ନ ଆସିଲେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।


## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




**ମଙ୍ଗଳପୁର,୨୪।୭ (ସମିସ):** ମଙ୍ଗଳପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ରଶ୍ମି ସାମଲଙ୍କ ସଭାପତିତ୍ୱରେ ଉତ୍ସବରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଉତ୍କଳିକା ଦାସ, ଅର୍ଥନୀତି ବିଭାଗର ଅଧ୍ୟାପିକା ଅରୂପା ପ୍ରଧାନ, ସାଇକୋଲୋଜି ବିଭାଗର ଅଧ୍ୟାପିକା ଅନନ୍ୟା ଜାଲି, ଇତିହାସ ବିଭାଗର ଅଧ୍ୟାପକ ଚିନ୍ମୟ ମେହେର, ଓଡ଼ିଆ ବିଭାଗର ଅଧ୍ୟାପକ ବିଶ୍ୱରଂଜନ ମିଶ୍ର ପ୍ରମୁଖ ଯୋଗଦେଇ +୩ ପ୍ରଥମ ବର୍ଷର ମୋଟ ୧୨୮ ଜଣ ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ପ୍ରବେଶ ଉତ୍ସବ ସମ୍ପର୍କରେ ଅବଗତ କରେଇଥିଲେ। ଅଧକ୍ଷା ରଶ୍ମି ସାମଲ ସମସ୍ତ ଛାତ୍ରୀଙ୍କୁ ଭଲ ପାଠ ପଢି ମହାବିଦ୍ୟାଳୟର ସୁନାମ ଅର୍ଜନ କରିବା ସହ ଉତ୍ତମ ଚରିତ୍ରବାନ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଗ୍ରନ୍ଥାଗାରକ ସୁଧାଂଶୁ ମୋହନ ଦାସ, କର୍ମଚାରୀ ଗୋପାଳ ଚନ୍ଦ୍ର ବେହେରା, ଉର୍ମିଳା ସାହୁ, ମିନତି ପଲେଇ, ରବିନାରାୟଣ ଦାସ, ଶରତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବଜଗତର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ତାହା ଜଣେ ମଧ ଲୋଭୀର ଚାହିଦା ପୂରଣ କରିପାରିବ ନାହିଁ।
-ମହାତ୍ମା ଗାନ୍ଧୀ

## ଏନ୍‌ସିଇଆରଟି ବିବାଦ

ଶିକ୍ଷାର ମୂଳାଧାର ରୂପେ ପରିଚିତ ଓ ବିବେଚିତ ବିଦ୍ୟାଳୟ ଶିକ୍ଷା ପାଇଁ ସର୍ବଭାରତୀୟସ୍ତରରେ ପ୍ରଚଳିତ ଏନ୍‌ସିଇଆରଟି ପାଠ୍ୟପୁସ୍ତକର ବିଷୟବସ୍ତୁକୁ ନେଇ ପୁଣି ଥରେ ବିବାଦ ଉଠିଛି। ସଦ୍ୟତମ ଅଭିଯୋଗ ଅନୁଯାୟୀ ଅଷ୍ଟମଶ୍ରେଣୀ ସାମାଜିକ ବିଜ୍ଞାନ ବହିର ପ୍ରଥମ ଭାଗରେ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଥିବା ବେଳେ ଓଡ଼ିଶାର ପାଇକ ବିଦ୍ରୋହ ବାଦ୍ ପଡ଼ିଛି। ଏହାକୁ ନେଇ ବିବାଦ ଉଠିବା ପରେ ଦ୍ୱିତୀୟ ଭାଗରେ ସ୍ଥାନିତ କରାଯିବ ବୋଲି ଏନ୍‌ସିଇଆରଟି ଘୋଷଣା କରିଛି। ବିବାଦ ଉଠିବା ପରେ କିମ୍ବା ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଓଡ଼ିଶାର ପାଇକ ବିଦ୍ରୋହକୁ ସାମାଜିକ ବିଜ୍ଞାନର ଦ୍ୱିତୀୟ ଭାଗରେ ସ୍ଥାନିତ କରାଯାଇଛି ତାହା ଅବଶ୍ୟ ଜଣାପଡ଼ିନାହିଁ। ତା'ସହିତ ମୋଗଲ୍ ସାମ୍ରାଜ୍ୟର କେତେକ ଚରିତ୍ର ଓ ଘଟଣାକ୍ରମର ଉପସ୍ଥାପନା ମଧ୍ୟ ବିତର୍କିତ ହୋଇପଡ଼ିଛି। ଏଭଳି ବାରମ୍ବାର ପାଠ୍ୟକ୍ରମର ବିଷୟବସ୍ତୁ ପରିବର୍ତ୍ତନ ଦ୍ୱାରା ଦେଶର ସ୍ୱନାମଧନ୍ୟ ଅନୁଷ୍ଠାନ ଅଯଥା ଅପବାଦ ମୁଣ୍ଡାଉଛି।

ଏହାପୂର୍ବରୁ ମଧ୍ୟ ବିଗତ ବର୍ଷମାନଙ୍କରେ ଏନ୍‌ସିଇଆରଟି ଦଶମଶ୍ରେଣୀ ପାଠ୍ୟପୁସ୍ତକରୁ ଡାରୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱକୁ ବାଦ୍ ଦିଆଯାଇଥିବାରୁ ଆପତ୍ତି ଉଠିଥିଲା। ଇଂରାଜୀ ମାଧ୍ୟମ ଶିକ୍ଷାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଇଂରାଜୀ ଓ ଗଣିତ ପାଠ୍ୟପୁସ୍ତକର ନାମକରଣ ଭାରତୀୟ ନୃତ୍ୟ, ସଙ୍ଗୀତ, ସଂସ୍କୃତି ଓ ପରମ୍ପରା ଆଧାରିତ ହେବାରୁ କେତେକ ମହଲ ଆପତ୍ତି ଉଠାଇଥିଲେ। ସେହିପରି ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ସପ୍ତମ ଶ୍ରେଣୀର ସାମାଜିକ ବିଜ୍ଞାନ ଓ ଇତିହାସ ବହିରୁ କେତେକ ନାମ ଓ ବିଷୟକୁ ବାଛି ବାଛି ବାଦ୍ ଦିଆଯାଇଥିବା ଏବଂ ନୂଆ ନାମ ଓ ଅଧ୍ୟାୟ ସାମିଲ୍ କରାଯାଇଥିବା ଅଭିଯୋଗ ମଧ୍ୟ ଆସିଥିଲା। ବିଶେଷକରି ମୋଗଲ୍ ଶାସନ କାଳର କେତେକ ନାମ ଓ ଘଟଣାବଳୀର ବର୍ଣ୍ଣନା ଶୈଳୀ ଓ ଉପସ୍ଥାପନାକୁ ନେଇ କେତେକ ମହଲ ଆପତ୍ତି ଉଠାଇଥିଲେ।

କେତେକ ଶିକ୍ଷାବିତ୍‌ଙ୍କ ମତରେ ପାଠ୍ୟକ୍ରମ ବିଷୟବସ୍ତୁ ଚୟନ ସମୟରେ ସେ କ୍ଷେତ୍ରରେ ଅଭିଜ୍ଞତା, ଦକ୍ଷତା ଓ ଦୂରଦର୍ଶିତା ଥିବା ବିଶେଷଜ୍ଞ କିମ୍ବା ଶିକ୍ଷାବିତ୍‌ମାନଙ୍କ ପରାମର୍ଶ ଲୋଡ଼ାଯାଉନାହିଁ। ଯାହାଫଳରେ ଏଭଳି ବିବାଦ ଉଠୁଛି। ବର୍ତ୍ତମାନ ଭାରତ ବିଶ୍ୱଗୁରୁ ଦୌଡ଼ରେ ଅଛି। ତେଣୁ ଦେଶର ଛାତ୍ରଛାତ୍ରୀମାନେ ଯୁଗୋପଯୋଗୀ ଶିକ୍ଷା ସହିତ ଭାରତୀୟ ସଂସ୍କୃତିର ମୂଳଧାରକୁ ଆହରଣ କରିବା ଉଚିତ। ଏ କ୍ଷେତ୍ରରେ ଜ୍ଞାନ-ବିଜ୍ଞାନ ସନ୍ନିବେଶିତ ଶିକ୍ଷା ହିଁ ବିଶ୍ୱ ଦରବାରରେ ଭାରତକୁ ଯଥାଯଥ ଉପସ୍ଥାପନ କରିବାରେ ସହାୟକ ହେବ। ତେଣୁ ଇତିହାସକୁ ଅବିକଳ ଉପସ୍ଥାପନା ବଦଳରେ ତର୍ଜମା ଭିତ୍ତିକ ହେବା ଆବଶ୍ୟକ।

କେତେକାଂଶରେ ଶିକ୍ଷାବିତ୍‌ମାନଙ୍କ ମତ ଓ ମନ୍ତବ୍ୟ ଗ୍ରହଣଯୋଗ୍ୟ। କିନ୍ତୁ ପାଠ୍ୟକ୍ରମ ଦୀର୍ଘ ବର୍ଷ ଧରି ଅପରିବର୍ତ୍ତିତ ରହିଲେ ସେଥିରେ ଅଭିନବତା ଓ ଗତିଶୀଳତା ହ୍ରାସ ପାଏ। ତେଣୁ ପାଠ୍ୟପୁସ୍ତକର ପାଠ୍ୟକ୍ରମ ପରିବର୍ତ୍ତନ ଜରୁରୀ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁଗୁଡ଼ିକ ଯେପରି ସମ୍ପୂର୍ଣ୍ଣ ରୂପେ ପିଲାମାନଙ୍କର ଜ୍ଞାନକୋଷରୁ ବାଦ୍ ନ ପଡ଼େ ସେଥିପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ଆଜିର ଶିକ୍ଷା ହେଉଛି ନିଯୁକ୍ତି ଭିତ୍ତିକ। ତେଣୁ ଅଯଥା ପିଲାମାନଙ୍କୁ ଭାରାକ୍ରାନ୍ତ ନ କରି ଆବଶ୍ୟକ ଓ ଉଚିତ ପାଠ୍ୟକ୍ରମ ସାମିଲ୍ ହେବା ଜରୁରୀ। ଏହାସହିତ ଜାତୀୟସ୍ତର ପ୍ରବେଶିକା ପରୀକ୍ଷାଗୁଡ଼ିକ ମଧ୍ୟ ପାଠ୍ୟକ୍ରମ ଆଧାରିତ ନ ହେଲେ ବିଦ୍ୟାଳୟ ପାଠ୍ୟ ବା ଶିକ୍ଷା ପ୍ରୟୋଗାତ୍ମକ ବା ଉପକାରୀ ହୋଇପାରିବ ନାହିଁ।

ପାଠ୍ୟକ୍ରମରେ ଯଦି ବାରମ୍ବାର ପରିବର୍ତ୍ତନ ହୁଏ ତେବେ ଶିକ୍ଷାଦାନରେ ମଧ୍ୟ ବାଧା ସୃଷ୍ଟି ହେବା ନିଶ୍ଚିତ। କାରଣ ଆମ ବିଦ୍ୟାଳୟମାନଙ୍କରେ ଶିକ୍ଷକ ତାଲିମ୍ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଏ ନାହିଁ। ଶିକ୍ଷକ/ଶିକ୍ଷୟିତ୍ରୀମାନେ ପାଠ ପଢ଼ି ପିଲାଙ୍କୁ ପଢ଼ାଇବା ପାଇଁ ପ୍ରସ୍ତୁତ ହେବା ବେଳକୁ ବର୍ଷର ଅଧେ ସମୟ ଚାଲିଯାଇଥିବ। ତେଣୁ ପିଲାମାନଙ୍କୁ ମଧ୍ୟ ଅଧୁରା ଶିକ୍ଷା ମିଳିବ। ସାଧାରଣତଃ ଖରାଛୁଟିରେ ନିଷ୍ଠାପର ଶିକ୍ଷକ/ଶିକ୍ଷୟିତ୍ରୀମାନେ ନିଜେ ପାଠ ସହିତ ଅଭ୍ୟସ୍ତ ହୁଅନ୍ତି, ଯାହା ସ୍କୁଲ୍ ଖୋଲିବା ମାତ୍ରକେ ସାବଲୀଳ ଭାବେ ଶିକ୍ଷାଦାନ ସହଜ ହୁଏ। ଏବେ ସରକାର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଲାଗୁ ହେଉଥିବା ନୋ ଡିଟେନସନ୍ ପଲିସି ଉଠାଇବାକୁ ଯୋଜନା କରୁଛନ୍ତି। ସେଥିରେ ପୁଣି ନୂଆ ଶିକ୍ଷାନୀତି ଲାଗୁ ହୋଇଛି। ଏଭଳି ସମୟରେ ପାଠ୍ୟକ୍ରମରେ ବାରମ୍ବାର ପରିବର୍ତ୍ତନ ହେଲେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ପ୍ରଭାବିତ ହେବେ।

ଆଜିର ସମୟର ଆବଶ୍ୟକତା ହେଉଛି ବିଜ୍ଞାନଭିତ୍ତିକ ଦୃଷ୍ଟିକୋଣ ଓ ବୈଷୟିକ ଆଭିମୁଖ୍ୟକୁ ଅଗ୍ରାଧିକାର ଦେଇ ଆମ ପିଲାଙ୍କୁ ଉପଯୁକ୍ତ ଭାବେ ଗଢ଼ିତୋଳିବା। ଏଥିରେ ସଂସ୍କୃତି, ଐତିହ୍ୟ, ଇତିହାସ, ଧର୍ମଧାରଣା, ସଂସ୍କାର ଓ ଦେଶପ୍ରେମ ତଥ୍ୟ ରହିଲେ ଅପରାଧ ହେବ ନାହିଁ। କିନ୍ତୁ ସମାନ୍ତରାଳ ଭାବେ ଭାରତର ଧର୍ମନିରପେକ୍ଷତା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ଏହା ହିଁ ହେବ ବିଶ୍ୱଗୁରୁ ହେବାର ଦକ୍ଷତା ଓ ଯୋଗ୍ୟତା।

## ଅନ୍ଧବିଶ୍ୱାସର ନୂଆ ଏନ୍ତୁଡ଼ିଶାଳ

ଡକ୍ଟର ଅବଶ ପରିଡ଼ା

ପ୍ରତିଦିନ ଆମେ ସାମାଜିକ ଗଣମାଧ୍ୟମରେ ଅନେକ ଦେବଦେବୀଙ୍କ ଫଟୋ ସହ କିଛି ବାର୍ତ୍ତା ପାଇବା ଏକ ସାଧାରଣ ଘଟଣା ହୋଇଗଲାଣି। ସେହିସବୁ ବାର୍ତ୍ତାରେ ଲେଖାଥାଏ ଯେ ଏହି ଫୋଟୋକୁ ତୁରନ୍ତ ସେୟାର କରନ୍ତୁ, ଦିନଟି ଭଲରେ କଟିବ, ଭାଗ୍ୟ ବଦଳିବ ଏବଂ ଧନର ବର୍ଷା ହେବ। ଏପରିକି ସୋମବାର, ମଙ୍ଗଳବାର ଓ ଶନିବାର ଦିନମାନଙ୍କରେ କିଛି ନିର୍ଦ୍ଦିଷ୍ଟ ଫଟୋ ପ୍ରାୟ ସମସ୍ତ ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର ହେଉଛି। ସେଥିରେ ଦାବି କରାଯାଉଛି ଯେ ଏହି ଫଟୋ ସବୁ ବିରଳ, ଅନେକ ବର୍ଷ ପୂର୍ବର ଏବଂ ଏହାକୁ ଅଣଦେଖା ଆମ ଉପରେ ବିପତ୍ତି ଆଣିପାରେ।

ଏବେ ସାମାଜିକ ଗଣମାଧ୍ୟମ ବା ଡିଜିଟାଲ୍ ପ୍ଲାଟ୍‌ଫର୍ମ ପାଲଟିଛି ଆଧୁନିକ ଅନ୍ଧବିଶ୍ୱାସର ନୂଆ ଠିକଣା। ପରମ୍ପରା ସହିତ ପ୍ରଯୁକ୍ତିବିଦ୍ୟାର ମିଶ୍ରଣ ସୃଷ୍ଟି କରିଛି ଏହି ନୂତନ ଭାବଧାରା। ଏଠାରେ ଭାରତୀୟ ସାମାଜିକ ଗଣମାଧ୍ୟମର କିଛି ଲୋକପ୍ରିୟ ଅନ୍ଧବିଶ୍ୱାସର ଉଦାହରଣ ନେବା। 'ଆଜି ରାତିରେ ରାହୁ-କେତୁ ଛାଇ ଯୋଗୁଁ ଚନ୍ଦ୍ର ଲାଲ ହୋଇଯିବ। ରାତି ୮ଟା ପରେ ଖାଆନ୍ତୁ ନାହିଁ। ପ୍ରିୟଜନଙ୍କ ସହିତ ସେୟାର କରନ୍ତୁ।' ଏହାବ୍ୟତୀତ 'ଯଦି ରାତି ତିନିଟା ରୁ ଚାରିଟା ଭିତରେ ନିଦ ଭାଙ୍ଗୁଛି ତେବେ ଦୈବୀଶକ୍ତି ଆପଣଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଛନ୍ତି କିମ୍ବା ଯଦି ଆପଣଙ୍କ ଛାଇ ଆଜି ବିକୃତ ଲାଗୁଛି ତେବେ ଘରୁ ବାହାରନ୍ତୁ ନାହିଁ।' ଆଶ୍ଚର୍ଯ୍ୟର କଥା ଯେ ଏଭଳି ବ୍ୟାଖ୍ୟାନ ଯୁବବର୍ଗ ମଧ୍ୟରେ ବେଶ୍ ଲୋକପ୍ରିୟ। ଜାଣତରେ କିମ୍ବା ଅଜାଣତରେ ଏସବୁ ଆମର ଅବଚେତନ ମନକୁ ବିଶ୍ଳେଷଣ ଓ ଆତ୍ମନିରୀକ୍ଷଣ କରିବାକୁ ବାଧ୍ୟ କରୁଛି।

ଏଠାରେ ଜାଣି ରଖିବାକୁ ହେବ ଯେ ସାମାଜିକ ଗଣମାଧ୍ୟମ ଉଭୟ ଅନ୍ଧବିଶ୍ୱାସର ପ୍ରସାର ଏବଂ ସୁଦୃଢ଼ୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିସାରିଲାଣି। ସତ୍ୟ, ପରମ୍ପରା, ପୌରାଣିକ କାହାଣୀ ଏବଂ ସୂଚନା ଆଢୁଆଳରେ ଫେସବୁକ ଓ ହ୍ୱାଟ୍ସଆପରେ ଅନ୍ଧବିଶ୍ୱାସର ବ୍ୟାପକ ପ୍ରସାର ହେଉଛି। ଏହି ଧାରା ବିଶ୍ୱବ୍ୟାପୀ ଏବଂ ସମାଜଶାସ୍ତ୍ରୀଙ୍କ ପାଇଁ ଏକ ଚିନ୍ତାର ବିଷୟ। ସାମାଜିକ ଗଣମାଧ୍ୟମ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଜନସାଧାରଣଙ୍କ ମଧ୍ୟରେ କିପରି ପାରମ୍ପରିକ ଏବଂ ନୂତନ ଅନ୍ଧବିଶ୍ୱାସ ବୃଦ୍ଧି କରୁଛି ସେ ସମ୍ବନ୍ଧୀୟ ଅନେକ ଅଧ୍ୟୟନ ହେଉଛି। ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ସାମାଜିକ ଗଣମାଧ୍ୟମ ଅନ୍ଧବିଶ୍ୱାସକୁ ବହୁସଂଖ୍ୟକଙ୍କ ପାଖରେ ଶୀଘ୍ର ପହଞ୍ଚାଇବାରେ ସକ୍ଷମ। ସୌଭାଗ୍ୟ କିମ୍ବା ଅଶୁଭ ଲକ୍ଷଣ ଭଳି ଅନ୍ଧବିଶ୍ୱାସ ସମ୍ବନ୍ଧୀୟ ବ୍ୟାଖ୍ୟାନଗୁଡ଼ିକୁ ବାରମ୍ବାର ପୁନଃପ୍ରେରଣ ବା ପୁନଃପ୍ରଚାର ଏବଂ ପସନ୍ଦ(ଲାଇକ୍) ଦ୍ୱାରା ଅସ୍ୱଷ୍ଟ କିମ୍ବା ଆଞ୍ଚଳିକ ଅନ୍ଧବିଶ୍ୱାସ ମଧ୍ୟ କିଛି ଘଣ୍ଟା ଭିତରେ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିପାରୁଛି। ଏଠାରେ ଏକ ଉଦାହରଣ ନେବା। 'ସଂଖ୍ୟା ତେର ଅଶୁଭ। ଏହାକୁ ଏଡ଼ାଇବାକୁ ଚେଷ୍ଟା କର' ହେଉଛି କୌଣସି ସଂସ୍କୃତିରେ ଉତ୍ପନ୍ନ ଏକ ଅନ୍ଧବିଶ୍ୱାସ। କିନ୍ତୁ ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ଅନୁମୋଦନ ଏବଂ ପ୍ରଚାର ଦ୍ୱାରା ବିଶ୍ୱସ୍ତରର ତେର ସଂଖ୍ୟା ଅଶୁଭ ପାଲଟିଛି।

ସାମାଜିକ ଗଣମାଧ୍ୟମ ପରସ୍ପର ସହିତ ଜଡ଼ିତ। ତେଣୁ ଅନ୍ଧବିଶ୍ୱାସର ପାରସ୍ପରିକ ସାଂସ୍କୃତିକ ଆଦାନପ୍ରଦାନକୁ ଏବେ ସହଜ କରିଦେଉଛି। ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ଥିବା ଅଭ୍ୟାସଗୁଡ଼ିକ ବର୍ତ୍ତମାନ ସାରା ବିଶ୍ୱରେ ଉପଲବ୍ଧ, ଯାହା ନୂତନ ଅନ୍ଧବିଶ୍ୱାସୀ ଆଚରଣର ସଂକରୀକରଣ ବୋଲି କୁହାଯାଇପାରେ। ବିଶ୍ୱାସ ଓ ଅଭ୍ୟାସ ଦ୍ୱାରା ଇଣ୍ଟରନେଟ୍‌ରେ ସକ୍ରିୟ ଥିବା କିଛି ଉତ୍ସର୍ଗୀକୃତ ଗୋଷ୍ଠୀ ପ୍ରରୋଚିତ। ସେହିସବୁ ଗୋଷ୍ଠୀ ଦ୍ୱାରା ପ୍ରଚାରିତ ଅନ୍ଧବିଶ୍ୱାସର ବୈଧତା ଏବଂ ସମର୍ଥନ ପାଇବା ନିମନ୍ତେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନଙ୍କ ସାହାଯ୍ୟ ନିତାନ୍ତ ଜରୁରୀ। ବ୍ୟବହାରକାରୀଙ୍କ ବୈଧତା ପରେ ଅନ୍ଧବିଶ୍ୱାସ ଆମ ବିଶ୍ୱାସ ସହ ଧୀରେ ଧୀରେ ଯୋଡ଼ି ହୋଇଯାଉଛି।

ଆରମ୍ଭରୁ ଆମେ ଶୃଙ୍ଖଳ ବାର୍ତ୍ତା ବା ଚେନ୍ ମେସେଜ୍ କଥା ହୋଇଥିଲେ, ଯେଉଁଠି ଆଶୀର୍ବାଦ ପାଇଁ 'ପୋଷ୍ଟକୁ ଶେୟାର'(ବ୍ୟାଖ୍ୟାନର ପୁନଃପ୍ରେରଣ) କରିବା ପାଇଁ କୁହାଯାଏ। ଏବେ ଡିଜିଟାଲ୍ ଲକ୍ଷଣ ଓ ସ୍ୱାସ୍ଥ୍ୟଜନିତ ମିଥ୍ୟା କାହାଣୀ କଥା ଆଲୋଚନା କରିବା। ପୁନରାବୃତ୍ତି ସଂଖ୍ୟା, ଯଥା, ୧୧: ୧୧ ମିନିଟ କିମ୍ବା ୭୭୭୭ ସଂଖ୍ୟା ଇତ୍ୟାଦି ସାମାଜିକ ଗଣମାଧ୍ୟମରେ ବେଶ ଲୋକପ୍ରିୟ। ଏହି ସଂଖ୍ୟା ସହିତ ଆମର ଜୀବନର ସମସ୍ୟା ଓ ସମାଧାନ ଯୋଡ଼ି ହୋଇଛି ବୋଲି ଡିଜିଟାଲ ଲୋକକଥା ସୂଚନା ଦିଏ। ସେହିପରି ସ୍ୱାସ୍ଥ୍ୟଜନିତ ମିଥ୍ୟା କାହାଣୀ ହେଉଛି ବୈଜ୍ଞାନିକ ଆଧାରର ଘୋର ଅଭାବ ଥିବା 'ଭାଇରାଲ୍ ସ୍ୱାସ୍ଥ୍ୟ ଟିପ୍ସ'। ଏଠାରେ ରୋଗରୁ ରକ୍ଷା ପାଇବା ପାଇଁ ଅପ୍ରମାଣିତ ପ୍ରତିକାର କିମ୍ବା ପୂଜାପାଠର ଗୁରୁତ୍ୱକୁ ଉଲ୍ଲେଖ କରାଯାଏ। ଭାରତରେ କିଛି ପ୍ରଚଳିତ ସ୍ୱାସ୍ଥ୍ୟ ଟିପ୍ସ ହେଉଛି 'ଲେମ୍ବୁକୁ ଫୁଟାଇ ପିଅନ୍ତୁ, କର୍କଟ ରୋଗ ଭଲ ହେବ' ଏବଂ 'ରସୁଣ ଓ ହଳଦୀକୁ ୭ ଦିନ ପର୍ଯ୍ୟନ୍ତ ପାଦରେ ଘଷନ୍ତୁ, ମଧୁମେହ ଭଲ ହୋଇଯିବ।' 'ଜୀବନ ବଞ୍ଚାଇବା ପାଇଁ ଏହାକୁ ଫରୱାର୍ଡ଼(ବାରମ୍ବାର ପ୍ରସାର) କରିଚାଲନ୍ତୁ।'

ସାମାଜିକ ଗଣମାଧ୍ୟମରେ କ୍ରମବର୍ଦ୍ଧିଷ୍ଣୁ ଅନ୍ଧବିଶ୍ୱାସ ପାଇଁ ଅନେକ କାରଣ ଦାୟୀ। ପ୍ରଥମଟି ହେଉଛି ସୂଚନା ପ୍ରସାରର ଶୀଘ୍ରତା। ସତ ମିଛର ଯାଞ୍ଚ ସାମାଜିକ ଗଣମାଧ୍ୟମରେ ନଥାଏ। ତେଣୁ ଅନ୍ଧବିଶ୍ୱାସର ପ୍ରଚଳନ ଏବଂ ଦୃଶ୍ୟମାନତା ଏଠି ଆପେ ଆପେ ବଢ଼େ। ଭୁଲ ସୂଚନା ଓ ଅନ୍ଧବିଶ୍ୱାସ ଦ୍ୱାରା ସାମାଜିକ ଗଣମାଧ୍ୟରେ ଭଲ ବ୍ୟବସାୟ ହୁଏ ବୋଲି ଅନେକ ବିଶେଷଜ୍ଞ ମତ ରଖନ୍ତି। ଅନ୍ୟ ଏକ ଦିଗରେ ଲୋକପ୍ରିୟତା ବୃଦ୍ଧି ନିର୍ଣ୍ଣୟ କରିବାରେ ସାମାଜିକ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେଣୁ ଆମେ ଯେଉଁ ଅନ୍ଧବିଶ୍ୱାସପୂର୍ଣ୍ଣ ଧାରା ଦେଖୁଛେ ସେସବୁ ସାମାଜିକ ଗଣମାଧ୍ୟମର ପ୍ରାୟୋଜିତ ଲୋକପ୍ରିୟ ସଂସ୍କୃତି କହିଲେ କିଛି ଭୁଲ ହେବନାହିଁ। ଗଣମାଧ୍ୟମ, ଟେଲିଭିଜନ ଚ୍ୟାନେଲ ଓ ଓଟିଟି ରେ ପ୍ରାୟତଃ ଅନ୍ଧବିଶ୍ୱାସ ଉପରେ କେନ୍ଦ୍ରିତ ଅନେକ କାର୍ଯ୍ୟକ୍ରମ ପ୍ରସାରଣ ହେଉଛି। ଏସବୁ କାର୍ଯ୍ୟକ୍ରମ ଦ୍ୱାରା ଦର୍ଶକଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ପ୍ରତି ବିଶ୍ୱାସ ଓ ବୈଧତା ମଧ୍ୟ ବୃଦ୍ଧି ପାଉଛି।


ଭାରତରେ ଅନ୍ଧବିଶ୍ୱାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା ଭାବରେ ବିବେଚନା କରାଯାଏ। ତେଣୁ ଆଶଙ୍କା ହେଉଛି ଯେ ସାମାଜିକ ଗଣମାଧ୍ୟମରେ ଏସବୁର ପ୍ରସାର ଆମ ଭବିଷ୍ୟତ ପାଇଁ ବିପଦ ନହେଉ। ଗଣମାଧ୍ୟମ ଦ୍ୱାରା ବୃଦ୍ଧି ପାଉଥିବା ବ୍ୟାପକ ଅନ୍ଧବିଶ୍ୱାସ ଜନସାଧାରଣଙ୍କ ପାଇଁ ସାମାଜିକ କ୍ଷତି, ସାମାଜିକ କଳଙ୍କ, ଶୋଷଣ ଓ ହିଂସାର ପ୍ରମୁଖ କାରଣ। ସଠିକ ସୂଚନା ପ୍ରଦାନ କରିବା ହେଉଛି ଉଭୟ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଦାୟିତ୍ୱ। କିନ୍ତୁ ନୈତିକ ତ୍ରୁଟି ଏବଂ ଅନ୍ଧବିଶ୍ୱାସର ନିୟନ୍ତ୍ରଣହୀନ ପ୍ରଚାର ଏକ ବୃହତ ସାମାଜିକ ଅବ୍ୟବସ୍ଥା କାରଣ ହୋଇପାରେ ବୋଲି କେହି ଚିନ୍ତା କରୁନାହାନ୍ତି। ସଠିକତା ଅପେକ୍ଷା ମନୋରଞ୍ଜନକୁ ପ୍ରାଥମିକତା ଏବଂ ଅଯୌକ୍ତିକ ବିଶ୍ୱାସର ପ୍ରୋତ୍ସାହନ ଅନେକ ସାମାଜିକ କୁଅଭ୍ୟାସ ଓ ହତ୍ୟାକାଣ୍ଡରେ ପ୍ରତିଫଳିତ।

ଅନ୍ୟ ଏକ ମହଲର ଦାବି ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ଅନ୍ଧବିଶ୍ୱାସ ବଜାୟ ରହିବାର କାରଣ ହେଉଛି ଯେ ଏହା ବ୍ୟକ୍ତିର ମାନସିକ ଏବଂ ସାମାଜିକ ଆବଶ୍ୟକତା ପୂରଣ କରେ। ଅନ୍ଧବିଶ୍ୱାସ ହେଉଛି ଏକ ପ୍ରକାରର ଭାବନା। ବ୍ୟକ୍ତିର ଅପ୍ରତ୍ୟାଶିତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଏକ ଉପାୟ। ସେଭଳି ଅନେକ ଯୁକ୍ତି କରନ୍ତି ଯେ ଏସବୁ ଅନ୍ଧବିଶ୍ୱାସ ନୁହେଁ, ବରଂ ସାମାଜିକ ଗଣମାଧ୍ୟମରେ ଏକପ୍ରକାରର ସାମାଜିକ ବନ୍ଧନ ଓ ଲୋକକଥା। ସମସାମୟିକ ସମାଜରେ ଅନ୍ଧବିଶ୍ୱାସର ପ୍ରସାର ଏବଂ ସ୍ୱାଭାବିକୀକରଣ ପାଇଁ ସାମାଜିକ ଗଣମାଧ୍ୟମ ଏକ ଉତ୍‌ପ୍ରେରକ ଭାବରେ କାର୍ଯ୍ୟ କରୁଛି। ଏହାର ସମାଧାନ ପାଇଁ ସାମାଜିକ ବହିଷ୍କାର ଭୟ ଏବଂ 'ଯଦି ଏହା ସତ୍ୟ ହୁଏ ତେବେ କ'ଣ ହେବ?' ମାନସିକତାରୁ ଦୂରତା ସହିତ ଗଣମାଧ୍ୟମ ସାକ୍ଷରତା, ନୈତିକତା ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଅତ୍ୟନ୍ତ ଆବଶ୍ୟକ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଅକ୍ଷୁଣ୍ଣ ରହୁ ବଞ୍ଚିବାର ଅଧିକାର

ରାକେଶ ପଣ୍ଡା



ଭାରତର ଭୌଗୋଳିକ ସ୍ଥିତି ବିବିଧ ବନ୍ୟପ୍ରାଣୀମାନଙ୍କୁ ଏକ ପ୍ରାକୃତିକ, ସୁନ୍ଦର ଓ ନିରାପଦ ଆଶ୍ରୟ ବା ବାସସ୍ଥାନ ପ୍ରଦାନ କରିଥାଏ। ପଶ୍ଚିମବଙ୍ଗର ଶକ୍ତିଶାଳୀ ବାଘଠାରୁ ଆରମ୍ଭ କରି ଆସାମର ଏକଶୃଙ୍ଗୀ ଗଣ୍ଡା ପର୍ଯ୍ୟନ୍ତ, ଭାରତର ଜଙ୍ଗଲ ଜୀବନର ତାଳ ସହିତ ଗୁଞ୍ଜରିତ ହୁଏ। କିନ୍ତୁ ଏହି ଜଙ୍ଗଲ ସ୍ୱରର ତାଳ ଆଜି ବିପଦରେ ରହିଛି। ନିକଟରେ ପୂର୍ବ-ମଧ୍ୟ ରେଳବାଇ ଅନ୍ତର୍ଗତ ରାଞ୍ଚି କୋରଡମା ମାର୍ଗର ବରକାକାନା ଓ ହଜାରିବାଗ ଷ୍ଟେସନ ମଧ୍ୟରେ ରେଳଲାଇନ ଉପରେ ଏକ ହାତୀ ପ୍ରସବ କରିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିପାଇଁ ଉକ୍ତ ମାର୍ଗ ଦେଇ ଯାଉଥିବା ଗୋଟିଏ ମାଲବାହୀ ଟ୍ରେନ ଦୁଇ ଘଣ୍ଟା ଧରି ଅଟକି ରହିଥିଲା। ପ୍ରଶ୍ନ ହେଉଛି ଗୋଟିଏ ଜଙ୍ଗଲୀ ହାତୀର ଚଳାଚଳ ଏବଂ ପ୍ରସବ ନିମନ୍ତେ ଏକ ମାନବବସତି ତଥା ଗ୍ରାମ ନିକଟରେ ରହିଥିବା ରେଳଧାରଣା ଏକ ବାସ୍ତବ ଓ ସୁରକ୍ଷିତ ସ୍ଥାନ କି ? କେଉଁ କାରଣରୁ ଗୋଟିଏ ଗର୍ଭଣୀ ହାତୀ ନିଜର ପ୍ରାକୃତିକ ପରିବେଶ ଛାଡ଼ି ଜନବସତି ମୁହାଁ ହୋଇଥିଲା ? ବିଶ୍ୱସ୍ତରରେ ଜଙ୍ଗଲ କ୍ଷୟ ଧୀରେ ଧୀରେ ଏହି ମୂଲ୍ୟବାନ ବାସସ୍ଥାନଗୁଡ଼ିକୁ ଲୋପ କରୁଛି, ଯାହାକୁ ପ୍ରାୟତଃ ନିରବତାର ଶବ୍ଦ କୁହାଯାଏ। ଜଙ୍ଗଲ କାଟିବା ହେଉଛି ବର୍ତ୍ତମାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସମସ୍ୟା ମଧ୍ୟରୁ ଗୋଟିଏ। ଯେତେବେଳେ ପ୍ରାକୃତିକ ଭାବରେ ଗଛ ଥିବା ଜମିକୁ ମାନବ ଚାହିଦା ଅନୁଯାୟୀ କିଛି ସେବା ପ୍ରଦାନ କରିବା ନିମନ୍ତେ ପରିବର୍ତ୍ତନ କରାଯାଏ, ସେତେବେଳେ ଗଛ କାଟିବାକୁ ପଡ଼େ ଏବଂ ଜଙ୍ଗଲ କ୍ଷୟ ଘଟେ। ଏହାର ମୁଖ୍ୟ କାରକଗୁଡ଼ିକ ହେଲା ଶିଳ୍ପ ପ୍ରତିଷ୍ଠା, ରାସ୍ତା ନିର୍ମାଣ, ଡ୍ୟାମ୍ ଏବଂ ସହରାଞ୍ଚଳ ପ୍ରସାରଣ ଭଳି ଭିତ୍ତିଭୂମିର ବିକାଶ, କୃଷି ପ୍ରସାରଣ ନିମନ୍ତେ ଜମିକୁ କୃଷି କ୍ଷେତ୍ରରେ ଏକୀକୃତ କରିବା, କାଠ କାଟିବା, ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ସମାୟୋଜନ କରିବା ପାଇଁ ଭିତ୍ତିଭୂମି ବିକାଶ, ଖଣି ଖନନ, ଜଳବାୟୁ ପରିବର୍ତ୍ତନ। ଏହାଛଡ଼ା ଝଡ଼, ଘୂର୍ଣ୍ଣିବାତ୍ୟା କିମ୍ବା କୀଟପତଙ୍ଗ ଆକ୍ରମଣ ଭଳି ପ୍ରାକୃତିକ ବିଭ୍ରାଟ ମଧ୍ୟ ଜଙ୍ଗଲ କ୍ଷୟର ଅନ୍ୟତମ କାରକ ଅଟନ୍ତି। ଦୁର୍ଭାଗ୍ୟବଶତଃ, ଉକ୍ତ କାରକଗୁଡ଼ିକ ଜଙ୍ଗଲ ଜୀବମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିପଦର ସମ୍ମୁଖୀନ କରାଉଛି।

ଅବାଧରେ ଗଛ କାଟିବା ଫଳରେ ୧୯୯୦ ରୁ ୨୦୧୫ ପର୍ଯ୍ୟନ୍ତ ବିଶ୍ୱ ଜଙ୍ଗଲ ପରିସରର ୩.୧୬ ପ୍ରତିଶତ ହ୍ରାସ ଘଟିଛି। ଏକ ରିପୋର୍ଟ ଅନୁସାରେ, ୨୦୧୫ ରୁ ୨୦୨୦ ମଧ୍ୟରେ ଭାରତ ପ୍ରାୟ ୬,୬୮, ୪୦୦ ହେକ୍ଟର ଜଙ୍ଗଲ ହରାଇଛି, ଯାହା ସେହି ସମୟ ମଧ୍ୟରେ ବିଶ୍ୱସ୍ତରରେ ଦ୍ୱିତୀୟ ସର୍ବାଧିକ ଜଙ୍ଗଲ କ୍ଷୟ। ବିଶ୍ୱସ୍ତରରେ ପ୍ରତିବର୍ଷ ପ୍ରାୟ ୧୦ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଏକ ରିପୋର୍ଟରେ କୁହାଯାଇଛି ଯେ ମଣିଷ ପ୍ରତିବର୍ଷ ଦେଢ଼ କୋଟିରୁ ଅଧିକ ଗଛ କାଟିଥାଏ। ଜାତିସଂଘର 'ଖାଦ୍ୟ ଓ କୃଷି ସଂଗଠନ' ଆକଳନ କରିଛି ଯେ ମଣିଷ ନିଜର ବିଭିନ୍ନ ଅବଶ୍ୟକତାକୁ ପୂରଣ କରିବା ନିମନ୍ତେ ୧୯୯୦ ମସିହା ପରଠାରୁ ୪୨୦ ନିୟୁତ ହେକ୍ଟର ଜଙ୍ଗଲ ଜମିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପରିବର୍ତ୍ତନ କରିଛି। ଭାରତରେ ବନ କ୍ଷୟ ଯୋଗୁଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଜଙ୍ଗଲୀ ଜୀବ ପ୍ରାଣ ହରାଉଛନ୍ତି ଏବଂ ଅନେକ ବିସ୍ଥାପିତ ହେଉଛନ୍ତି। ଏହାଫଳରେ ଦେଶରେ ବାଘ, ଗଣ୍ଡା, ହାତୀ, ହରିଣ, ବାରହା, ଠେକୁଆ ଆଦି ଅନ୍ୟ ବିଭିନ୍ନ ପ୍ରକାରର ପ୍ରାଣୀ ପ୍ରଜାତିକୁ ନକରାତ୍ମକ ଭାବରେ ପ୍ରଭାବିତ କରୁଛି। ଏହାଛଡ଼ା, ବାଦୁଡ଼ି, କପୋତ ଓ କାଉ ଭଳି ପକ୍ଷୀ ବିରଳ ହେବାରେ ଲାଗିଛନ୍ତି। ବିଭିନ୍ନ ପକ୍ଷୀ ଓ ସରୀସୃପ ଭଳି କିଛି ପ୍ରଜାତି ମଧ୍ୟ ବାସସ୍ଥାନ କ୍ଷତି ଯୋଗୁଁ ବିପଦରେ ଅଛନ୍ତି।

ବନ୍ୟପ୍ରାଣୀମାନଙ୍କର ପ୍ରାକୃତିକ ବାସସ୍ଥାନ ସଙ୍କୁଚିତ ହେବା ଫଳରେ ବନ୍ୟପ୍ରାଣୀ ଦୈନନ୍ଦିନ ଖାଦ୍ୟର ଅଭାବକୁ ମେଣ୍ଟାଇବାକୁ ଏବଂ ଆଶ୍ରୟ ପାଇଁ ମାନବ ବସତି ମଧ୍ୟକୁ ପ୍ରବେଶ କରିବା ସହ କେତେକ କ୍ଷେତ୍ରରେ ଆକ୍ରମଣ ମଧ୍ୟ କରିଥା'ନ୍ତି। ଏପରିକି କେତେକ ସମୟରେ ସେମାନେ ସହର ଭିତରକୁ ପ୍ରବେଶ କରିବାର ନଜରକୁ ଆସୁଛି। ଯାହାକି ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି କରିଥାଏ। ପ୍ରତିଶୋଧ ସ୍ୱରୂପ, ମଣିଷ ଶିକାର କିମ୍ବା ବନ୍ୟପ୍ରାଣୀଙ୍କୁ ଧରିବାକୁ ଚେଷ୍ଟା କରିଥାଏ, ଯାହା ଏହି ପ୍ରଜାତିମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଆହୁରି ତୀବ୍ର କରିଥାଏ। ଉଭୟଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି ସଂଘର୍ଷ ବିଭିନ୍ନ ରୂପରେ ପ୍ରକାଶିତ ହୁଏ। ଯେପରିକି ଫସଲ କ୍ଷତି, ପଶୁ ଶିକାର, ସମ୍ପତ୍ତି କ୍ଷତି। ଏପରିକି ଉଭୟ ଜଙ୍ଗଲୀ ପଶୁ ଓ ମଣିଷଙ୍କ ସାମାଜିକ ଓ ପ୍ରାକୃତିକ ଅଧିକାର ବିପଦରେ ପଡ଼ିବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ଥାଏ। କେନ୍ଦ୍ର ସରକାରଙ୍କ ଦ୍ୱାରା ଡିସେମ୍ବର, ୨୦୨୩ ରେ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୨ରେ ଦେଶରେ ପଶୁ ଆକ୍ରମଣ ଯୋଗୁଁ ୧, ୫୧୦ ଜଣଙ୍କ ମୃତ୍ୟୁ ହୋଇଛି।

ଏ ଧରାପୃଷ୍ଠରେ, ଈଶ୍ୱର ପ୍ରଦାନ କରିଥିବା ପ୍ରତିଟି ଜୀବର ବଞ୍ଚିବାର ସ୍ୱତନ୍ତ୍ର ଅଧିକାର କେବେ, କୌଣସି ପରିସ୍ଥିତିରେ ମଧ୍ୟ କ୍ଷୁଣ୍ଣ ହେବା ଉଚିତ ନୁହେଁ। ଏହା କେବଳ ସରକାର ନୁହେଁ, ସମାଜରେ ବାସ କରୁଥିବା ପ୍ରତ୍ୟେକ ମଣିଷଙ୍କ ପାଇଁ ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ଓ ଆହ୍ୱାନ। କିପରି ଦେଶରେ ବାକିଥିବା ଜଙ୍ଗଲ ଆଉ ନଷ୍ଟ ନହୁଏ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ। ଏହାଛଡ଼ା ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ବନ୍ୟ ପ୍ରାଣୀଙ୍କ ଜୀବନ ନିର୍ବାହ ନିମନ୍ତେ ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରାଯିବା ଜରୁରୀ, ଯେପରି ଉଭୟ ମଣିଷ ଓ ବନ୍ୟପ୍ରାଣୀ କେହି କାହାର ଜୀବନ ଶୈଳୀ, ଜୀବନ ନିର୍ବାହ ଓ ବଞ୍ଚିବାର ଅଧିକାର ଆଦିରେ ହସ୍ତକ୍ଷେପ କରିବେ ନାହିଁ। ଉଭୟଙ୍କ ନିମନ୍ତେ ଉଦ୍ଦିଷ୍ଟ ପରିବେଶ ଓ ସ୍ଥାନରେ ସେମାନେ ଶାନ୍ତି, ଖୁସି ଓ ନିରାପଦର ସହ ଜୀବନ ଯାପନ କରିବେ। ଏଥିଲାଗି କିନ୍ତୁ ସରକାର ଓ ଜନତା ସଚେତନ ହେବା ସହ ଜରୁରୀ ପଦକ୍ଷେପ ମାନ ନିଷ୍ଠା ଓ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ।

ବନ୍ଧାଲୋ(କଟକ), ମୋ: ୯୩୩୭୮୯୭୬୫୦

## ରାବଣ ମନ୍ଦିର

ଓଜସ୍ୱିନୀ

**ବିଚିତ୍ର ବିଶ୍ୱାସ**

ଦେବଭୂମି ଭାରତରେ ତେତ୍ରିଶକୋଟି ଦେବଦେବୀଙ୍କ ଅନେକ ଭବ୍ୟ ମନ୍ଦିର ରହିଛି। ପ୍ରତ୍ୟେକ ମନ୍ଦିର ନିଜସ୍ୱ ନିର୍ମାଣ ଶୈଳୀ, ସ୍ଥାନୀୟ ପରମ୍ପରା, ସଂସ୍କୃତି, ଧର୍ମୀୟ ବିଶ୍ୱାସ, ଅଲୌକିକତା, ପୂଜାବିଧି, ପୌରାଣିକ ଆଖ୍ୟାନ, କିମ୍ବଦନ୍ତୀ ଓ ଲୋକକଥା ଆଧାରରେ ସ୍ୱତନ୍ତ୍ର। କିନ୍ତୁ ସବୁରି ମୂଳରେ ରହିଛି ବିଶ୍ୱାସ। ଏହା ସକାରାତ୍ମକ କିମ୍ବା ନକାରାତ୍ମକ ହୋଇପାରେ। ଏହିକ୍ରମରେ ଭାରତରେ ଏମିତି କିଛି ମନ୍ଦିର ଅଛି, ଯେଉଁଠି ଅସୁର, ଦାନବ, ରାକ୍ଷସ-ରାକ୍ଷସୀଙ୍କୁ ମଧ୍ୟ ପୂଜା କରାଯାଉଛି। ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ଏମାନେ ଈଶ୍ୱର ଭାବେ ପୂଜା ପାଉଛନ୍ତି। ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ସମାଜ, ସଂସ୍କୃତି ଓ ପରମ୍ପରାରେ ଖଳନାୟକ ଭାବମୂର୍ତ୍ତି ସମ୍ପନ୍ନ ଚରିତ୍ରମାନଙ୍କୁ ଈଶ୍ୱର ଆସନ ଦେବା ପଛରେ ରହିଛି ଏକ ତୀବ୍ର ବିରୋଧାଭାସ। ଯେଉଁମାନେ ଭାଗ୍ୟ ଓ ଭଗବାନଙ୍କ ଉପରୁ ସମ୍ପୂର୍ଣ୍ଣ ଆସ୍ଥା ହରାଇଥା'ନ୍ତି ସେମାନଙ୍କ ଚେତନାରେ କାଳକ୍ରମେ ଖଳନାୟକ ଚରିତ୍ରମାନଙ୍କ ପ୍ରତି ଅନୁରକ୍ତି ସୃଷ୍ଟି ହୁଏ। ହେତୁବାଦୀମାନଙ୍କ ମତରେ ଗୋଟିଏ ଚରିତ୍ରକୁ ନାୟକ ଭାବେ ଉପସ୍ଥାପନା କରିବା ପାଇଁ ଅନ୍ୟଜଣଙ୍କୁ ଖଳନାୟକ ଭାବେ ଚିତ୍ରଣ କରାଯାଏ। କିନ୍ତୁ ସେହି ଖଳନାୟକ ଚରିତ୍ର ଭିତରେ ମଧ୍ୟ ଅନେକ ଐଶ୍ୱରୀୟ ଗୁଣ ରହିଛି। ସେହି ଗୁଣଗୁଡ଼ିକୁ ଆବିଷ୍କାର କରିପାରିଥିବା ବ୍ୟକ୍ତିମାନେ ମଧ୍ୟ ପ୍ରଶଂସାର ପାତ୍ର। ଆଉ କିଛି ମତବାଦୀଙ୍କ ମତରେ ଯଦି ତୁମେ ଈଶ୍ୱରଙ୍କୁ ବିଶ୍ୱାସ କରୁଛ ତେବେ ନକାରାତ୍ମକ ଶକ୍ତିର ଅବସ୍ଥିତିକୁ ସ୍ୱୀକାର କରିବାକୁ ବାଧ୍ୟ। କାରଣ ଦୁଇ ବିପରୀତ ଧର୍ମୀ ଚରିତ୍ରର ସମ୍ମିଶ୍ରଣରେ ହିଁ ସଂସାରର ସମତୁଲତା ରକ୍ଷା ହୁଏ। ଏଭଳି କେତେକ ସ୍ୱତନ୍ତ୍ର ବା ଭିନ୍ନ ବିଚାର ଆଧାରରେ ଗଢ଼ି ଉଠିଛି ଅନେକ ମନ୍ଦିର ଓ ଉପାସନା, ଯାହା ଈଶ୍ୱରବିଶ୍ୱାସୀଙ୍କ ଦୃଷ୍ଟିରେ ବିଚିତ୍ର ଲାଗେ। ଏହି ସ୍ତମ୍ଭରେ ଆମେ ଭାରତରେ ପ୍ରତିଷ୍ଠିତ ସେଭଳି କିଛି 'ବିଚିତ୍ର ବିଶ୍ୱାସ' ଆଧାରିତ ମନ୍ଦିର ସମ୍ପର୍କରେ ଆଲୋଚନା କରିବା।

ରାମାୟଣରେ ମୁଖ୍ୟ ଖଳନାୟକ ରୂପେ ଚିତ୍ରିତ ଅସୁରରାଜା ରାବଣର କୁଶପୁତ୍ତଳିକା ପ୍ରତିବର୍ଷ ଦଶହରାରେ ପୋଡ଼ିବାର ଅଲିଖିତ ପରମ୍ପରା ଅନେକ ବର୍ଷ ଧରି ଜାରି ରହିଛି, ଯାହା ରାବଣପୋଡ଼ି ନାମରେ ବିଦିତ। କିନ୍ତୁ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ସତ ଯେ ଭାରତର ଅନେକ ସ୍ଥାନରେ ଅସୁରରାଜ ରାବଣଙ୍କ ଏକାଧିକ ମନ୍ଦିର ରହିଛି, ଯାହା ମଧ୍ୟରୁ ମୁଖ୍ୟତଃ ଦୁଇଟି ମନ୍ଦିର ପ୍ରସିଦ୍ଧ। ଗୋଟିଏ ହେଉଛି ରାଜସ୍ଥାନର ଯୋଧପୁରସ୍ଥିତ ମେହରାନଗଡ଼ କିଲ୍ଲା ନିକଟରେ ଥିବା ରାବଣ-ମନ୍ଦୋଦରୀ ମନ୍ଦିର ଏବଂ ଅନ୍ୟଟି ସେହି ରାଜ୍ୟର ଉଦୟପୁରଠାରେ ଥିବା କମଳନାଥ ମହାଦେବ ମନ୍ଦିର।

ଯୋଧପୁରର ମନ୍ଦୋର୍‌ଠାରେ ଥିବା ରାବଣ-ମନ୍ଦୋଦରୀ ମନ୍ଦିରରେ ରାବଣ ଓ ମନ୍ଦୋଦରୀଙ୍କର ଶିବଙ୍କୁ ଆରାଧନା କରୁଥିବା ମୁଦ୍ରାରେ ଦୁଇଟି ବିଶାଳକାୟ ପ୍ରତିମା ରହିଛି। ମନ୍ଦୋଦରୀଙ୍କ ପିତା ମୟାସୁର ଏହି ସ୍ଥାନର ନିର୍ମାଣ କରିଥିବାରୁ ସ୍ଥାନର ନାମାନୁସାରେ ରାବଣଙ୍କ ପତ୍ନୀଙ୍କ ନାମ ମନ୍ଦୋଦରୀ ହୋଇଛି। ମନ୍ଦୋର ର ନିର୍ମାଣ କାହିଁକି ଓ କିପରି ହେଲା, ତାହାକୁ ନେଇ ପୌରାଣିକ କାହାଣୀ ମଧ୍ୟ ଅଛି। ମନ୍ଦୋର୍ ରାବଣଙ୍କ ଶ୍ୱଶୁରାଳୟ ଭାବେ ପରିଚିତ। ଯେଉଁ ସ୍ଥାନରେ ରାବଣ ଓ ମନ୍ଦୋଦରୀଙ୍କ ବିବାହ ସମ୍ପନ୍ନ ହୋଇଥିଲା, ତାହା ଆଜି ମଧ୍ୟ ସେଠାରେ ଅଛି, ଯାହାକୁ ସ୍ଥାନୀୟ ଭାଷାରେ 'ରାବଣ କି ଚମ୍ବରି' ବୋଲି କୁହାଯାଉଛି। ଏଠାରେ ଗୋଧା ଗୋତ୍ରର ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥା'ନ୍ତି। ଏହି ବ୍ରାହ୍ମଣମାନେ ନିଜକୁ ରାବଣଙ୍କ ବଂଶଜ ବୋଲି ମାନନ୍ତି ଏବଂ ବିବାହ ସମୟରେ ସେମାନେ ଏଠାକୁ ଆସି ସ୍ଥାୟୀ ବସତି ସ୍ଥାପନା କରିଥିଲେ ବୋଲି କିମ୍ବଦନ୍ତୀ ଅଛି। ତେଣୁ ସେମାନେ ଦଶହରା ଦିନ ରାବଣଙ୍କ ଦହନ ଦେଖିବାକୁ ଯାଆନ୍ତି ନାହିଁ, ବରଂ ସେହିଦିନ ସେମାନେ ରାବଣଙ୍କ ପାଇଁ ଶୋକପାଳନ ପୂର୍ବକ ଅନ୍ନପାକ ତ୍ୟାଗ କରିବା ସହିତ ସନ୍ଧ୍ୟା ସମୟରେ ସ୍ନାନ କରି ନିଜର ଉପବୀତ ପରିବର୍ତ୍ତନ କରିବା ପରେ ରାବଣଙ୍କ ଦର୍ଶନ କରିଥା'ନ୍ତି। ଏହାପରେ ରାବଣଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କରି ଭୋଗ ଅର୍ପଣ କରାଯାଏ। ଏହାକୁ ସେମାନେ ପ୍ରସାଦ ଭାବେ ସେବନ କରିଥା'ନ୍ତି। ଅସୁରରାଜ ରାବଣ ମହାନ ସଙ୍ଗୀତଜ୍ଞ ଓ ବେଦଜ୍ଞ ପଣ୍ଡିତ ଥିଲେ। ତେଣୁ ସଙ୍ଗୀତ ଓ ବେଦ ଶିକ୍ଷା କରୁଥିବା ଛାତ୍ରଛାତ୍ରୀମାନେ ଏହି ମନ୍ଦିରକୁ ଆସି ରାବଣଙ୍କ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ମାଓବାଦୀ ସଂଗଠନକୁ ବଡ଼ ଝଟ୍କା

# ୪ ଜିଲ୍ଲାରେ ୫୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୪ ।୭ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟରେ ମାଓବାଦୀ ସଂଗଠନକୁ ବଡ଼ ଝଟକା ଲାଗିଛି । ସୀମାନ୍ତ ସୁକୁମା, ବିଜାପୁର, ଦାନ୍ତେୱାଡ଼ା ସମେତ ୪ଟି ଜିଲ୍ଲାରେ ୫୩ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆସନ୍ତା ୨୮ ତାରିଖଠାରୁ ମାଓବାଦୀଙ୍କ ସହିଦ ସପ୍ତାହ ଆରମ୍ଭ ହେଉଥିବା ବେଳେ ମାଓବାଦୀଙ୍କ ଆତ୍ମସମର୍ପଣ ସଂଗଠନ ପାଇଁ ଶକ୍ତ ଧକ୍କା ବୋଲି କୁହାଯାଉଛି । ଆଜି ପଡ଼ୋଶୀ ସୁକୁମା ଜିଲ୍ଲାରେ ୫ ଜଣ ଓ ନାରାୟଣପୁର ଜିଲ୍ଲାରେ ୮ ଜଣ ମାଓବାଦୀ, ବିଜାପୁର ଜିଲ୍ଲାରେ୨୫ ଜଣ ଏବଂ ଦନ୍ତେୱାଡ଼ା ଜିଲ୍ଲାରେ ୧୫ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ୫ଜଣଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୧୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚୀନ୍ ସୀମାରେ...

ହୋଇଥିଲା । ଟିଣ୍ଡା ରୁଷ ରାଜଧାନୀ ମସ୍କୋରୁ ୬,୦୦୦ କିମି ଦୂରରେ ଅବସ୍ଥିତ । ବିମାନରେ ୫ ଶିଶୁଙ୍କ ସମେତ ୪୩ ଜଣ ଯାତ୍ରୀ ଓ ୬ ବିମାନ କର୍ମଚାରୀ ଥିଲେ । ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ । ୧୯୬୭ରେ ସେତେବେଳର ସୋଭିଏତ ୟୁନିୟନ ଛୋଟ ଅଞ୍ଚଳରେ ଉଡାଇବା ପାଇଁ ଏହି ବିମାନ (ଏଏନ୍-୨୪) ତିଆରି କରିଥିଲା । ସେତେବେଳେ ଏଥିରେ ୩୨ଟି ସିଟ୍ ଥିଲା । ଗତବର୍ଷ ମଧ୍ୟ ଅମୁର ଅଞ୍ଚଳରେ ବିମାନ ଦୁର୍ଘଟଣା ହୋଇଥିଲା ।

### ଅନୀଲ ଅମ୍ବାନୀଙ୍କ...

ପ୍ରତିଷ୍ଠାନଗୁଡ଼ିକରେ ଠକେଇ କରାଯାଇଥିଲା । ଏମିତିକି ୟସ୍ ବ୍ୟାଙ୍କରୁ ପ୍ରାପ୍ତ ଟଙ୍କା ବେଆଇନ ଭାବରେ କମ୍ପାନୀର ପ୍ରମୋଟର ଏବଂ ଅନ୍ୟ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା । ୨୦୧୭ରୁ ୨୦୧୯ ମଧ୍ୟରେ ଋଣ ନିୟମକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ଆର୍ଏଏଜିଏ କମ୍ପାନୀଗୁଡ଼ିକୁ ଋଣ ମଞ୍ଜୁର କରାଯାଇଥିଲା ।

### ସ୍ପଷ୍ଟ କରନ୍ତୁ...

ନବୀନ ପୁଣି କହିଛନ୍ତି ଯେ ମହାନଦୀ କେବଳ ଏକ ନଦୀ ନୁହେଁ, ଏହା ଓଡ଼ିଶାର ଆତ୍ମା । ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରହିବାର ଆବଶ୍ୟକତା ରହିଛି । ୨୦୧୮ ମସିହା ଜାନୁଆରୀ ୨୩ ତାରିଖରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଆବେଦନକୁ ଗ୍ରହଣ କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଜେଡିର ନିରନ୍ତର ପ୍ରୟାସ ଏବଂ ପ୍ରବଳ ଜନସାଧାରଣଙ୍କ ଚାପ କାରଣରୁ ସେତେବେଳେ କେନ୍ଦ୍ର କ୍ୟାବିନେଟ ଟ୍ରିବ୍ୟୁନାଲ ଗଠନ କରିବାକୁ ଅନୁମୋଦନ ଦେଇଥିଲେ । ଏହାପରେ ୨୦୧୮ ମାର୍ଚ୍ଚ ୧୨ ତାରିଖରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିବାକୁ ଯାଇ ସରକାରୀ ଭାବେ ଟ୍ରିବ୍ୟୁନାଲର ଗଠନ କରିଥିଲେ । ଏତେ ପରିଶ୍ରମରେ ଓଡ଼ିଶା ଜାରି ରଖିଥିବା ଏହି ଆଇନଗତ ଲଢ଼େଇ ଏବେ ଯେ ଦୁର୍ବଳ ହେବାରେ ଲାଗିଛି, ସେନେଇ ଏବେ ସାଧାରଣରେ ଚିନ୍ତା ବୃଦ୍ଧି ପାଇଲାଣି । ଛତିଶଗଡ଼ ସହ କେଉଁ ପ୍ରକାର ପାରସ୍ପରିକ ବୁଝାମଣା ହେବାକୁ ଯାଉଛି ସେନେଇ ରାଜ୍ୟ ସରକାର ସ୍ପଷ୍ଟ କରୁନାହାନ୍ତି କିମ୍ବା ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି । ରାଜ୍ୟ ସରକାର କଣ ଆଇନଗତ ଦିଗକୁ ପରିତ୍ୟାଗ କରିଛନ୍ତି? ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାୟ ଦାବିକୁ କଣ ବନ୍ଦ ଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ପ୍ରଶ୍ନ କରିବା ସହ ରାଜ୍ୟ ସରକାରଙ୍କଠାରୁ ଏହାର ତତ୍କାଳ ଏବଂ ପାରଦର୍ଶୀ ଉତ୍ତର ଆଶା କରିଛନ୍ତି ।

### ବିହାର ଭୋଟର ତାଲିକା...

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ପକ୍ଷରୁ ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରାଯାଇଥିଲା । ସମସ୍ତ କାର୍ଯ୍ୟ ବନ୍ଦ କରି ବିହାର ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସଂଜୟ ସିଂହ, ରଣଜିତ ରଞ୍ଜନ ଓ ଅଖିଳେଶ ପ୍ରସାଦ ସିଂହ ପ୍ରମୁଖ ମୁଲତବୀ ନୋଟିସ ଦେଇଥିଲେ । ମାତ୍ର ନିୟମ ୨୬୭ ଅନୁଯାୟୀ ଏହିସବୁ ନୋଟିସକୁ ଅଧ୍ୟକ୍ଷ ଖାରଜ କରିଦେବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଥିଲା । ଲୋକସଭାରେ ପ୍ରଥମେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା । ବିରୋଧୀ ସଭ୍ୟମାନେ ଗୃହ ମଧ୍ୟଭାଗକୁ ଯାଇ ହୋହାଲ୍ଲା କରିଥିଲେ । ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ଦୁଇଟା ପର୍ଯ୍ୟନ୍ତ ଏବଂ ଶେଷରେ ଆଜି ଦିନକ ପାଇଁ ମୁଲତବୀ କରାଯାଇଥିଲା । ସେହିଭଳି ରାଜ୍ୟସଭାକୁ ପ୍ରଥମେ ଦୁଇଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । ଦୁଇଟା ପରେ ଗୃହ କାର୍ଯ୍ୟ ଚାଲିଥିବା ବେଳେ କଂଗ୍ରେସ ଓ ଟିଏମ୍ସି ସାଂସଦ ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିବା ସହିତ ଅଧ୍ୟକ୍ଷଙ୍କ ଆସନକୁ ଯାଇ କାର୍ଯ୍ୟରେ ବାଧା ଦେଇଥିଲେ । ଶେଷରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା ।

ଏହାପରେ ସଂସଦ ବାହାରେ ବିରୋଧୀ ସଭ୍ୟମାନେ ପ୍ଲାକାର୍ଡ ଧରି ସରକାର ଓ ନିର୍ବାଚନ କମିସନ ବିରୋଧରେ ସ୍ଲୋଗାନ ଦେଇଥିଲେ । ।।ସେମାନେ ଦୀର୍ଘ ସମୟ ଧରି ଧାରଣା ଦେଇଥିବା ଦେଖାଯାଇଥିଲା ।

ଇତିମଧ୍ୟରେ ଜଣାପଡ଼ିଛି ଯେ ସରକାର ବିହାର ପ୍ରସଙ୍ଗରେ ଆଲୋଚନା କରିବାକୁ ନାରାଜ । ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ବିହାରରେ ଭୋଟର ତାଲିକା ସଂଶୋଧନ ଦାୟିତ୍ୱ ହେଉଛି ନିର୍ବାଚନ କମିସନଙ୍କର । ଏହି କାମରେ କେନ୍ଦ୍ର ସରକାର ହସ୍ତକ୍ଷେପ କରିପାରିବେ ନାହିଁ ।

### ନିରାଶ ଫେରିଲେ...

ମାରାଣ୍ଡି ବୁଧବାର ଦିନ ପ୍ରାୟ ସାଢ଼େ ୧୧ଟାରେ ବଡ଼ ମେଡିକାଲ ଆସିଥିଲେ । ସୁରକ୍ଷାବଳୟ ଭିତରେ ତାଙ୍କୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅଣାଯାଇଥିଲା । ପ୍ରିୟଙ୍କାଙ୍କ ସର୍ଜରୀ ଜନିତ କେତେକ ସ୍ୱାସ୍ଥ୍ୟ ସମସ୍ୟା ଥିବା କୁହାଯାଉଛି । ଏଠାରେ ବଡ଼ ମେଡିକାଲର ବରିଷ୍ଠ ଡାକ୍ତର ପ୍ରିୟଙ୍କାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ । ପରେ ଏମ୍ଆରଆଇ ଆବଶ୍ୟକ ବୋଲି ପରାମର୍ଶ ଦିଆଯାଇଥିଲା । ହେଲେ ବଡ଼ ମେଡିକାଲର ଏମ୍ଆର୍ଆଇ ମେସିନ ଅଚଳ ଥିବା ହେତୁ ତାଙ୍କୁ ଏଏଚ୍ପିଜିଆଇସିକୁ ନେବାକୁ ପଡ଼ିଥିଲା । ପୁଲିସର ସୁରକ୍ଷାବଳୟ ଭିତରେ ଏଏଚ୍ପିଜିଆଇସିରେ ପିପିପି ମୋଡ୍ରେ ଚାଲିଥିବା ଏମଆରଆଇ କେନ୍ଦ୍ରରେ ପ୍ରିୟଙ୍କାଙ୍କ ପରୀକ୍ଷା କରାଯାଇଥିଲା । ତେବେ ଏହି ଘଟଣାକୁ ନେଇ ବଡ଼ ମେଡିକାଲ କର୍ତ୍ତୃପକ୍ଷ ଭିନ୍ନ ମତ ଦେଇଛନ୍ତି ।

ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏମ୍ଆର୍ଆଇ ମେସିନ ଅଚଳ ଥିବା କଥା ପୂର୍ବରୁ ଅବଗତ ଥିଲୁ । ଏଣୁ, ଏଏଚପିଜିଆଇସିରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପୂର୍ବରୁ ପ୍ରସ୍ତୁତି ଗ୍ରହଣ କରାଯାଇଥିଲା । ହେଲେ ପ୍ରିୟଙ୍କାଙ୍କୁ ତରିବରିଆ ଭାବେ ଏଏଚ୍ପିଜିଆଇସି ନିଆଯାଇଥିଲା ବୋଲି କିଛି କର୍ମଚାରୀ ଆଲୋଚନା ପ୍ରସଙ୍ଗରେ ଜଣାଇଛନ୍ତି ।

ପ୍ରକାଶଯୋଗ୍ୟ, ଏସ୍ସିବି ମେଡ଼ିକାଲରେ ସିଟିସ୍କାନ୍ ଏବଂ ଏମଆରଆଇ ମେସିନ୍ ଖରାପ ହେବାକୁ ନେଇ ଅନେକ ସମୟରେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ଭିତରେ ଉତ୍ତେଜନା ଦେଖାଦେଇଥାଏ । ପ୍ରାୟ ସମୟ ଏସ୍ସିବିରେ ସିଟି ସ୍କାନ ମେସିନ ଅଚଳ ହୋଇପଡ଼େ । ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଥିବା ବେଳେ ମେସିନ୍ ବାରମ୍ବାର ଅଚଳ ହେବା ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ଏଭଳି ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ ଚଳାଇଛି । ଏପରିକି, ନୂତନ ସିଟିସ୍କାନ ଏବଂ ଏମଆରଆଇ ମେସିନ ବଡ଼ ମେଡିକାଲକୁ ଅଣାଯାଇଛି । ଅଗଷ୍ଟ ପହିଲା ପୂର୍ବରୁ ଏହା ସ୍ୱାସ୍ଥ୍ୟସେବାରେ ଲାଗିବ ବୋଲି ସହର ସମସ୍ୟା ମାମଲାର ଶୁଣାଣି ସମୟରେ ଏସ୍ସିବି କର୍ତ୍ତୃପକ୍ଷ ହାଇକୋର୍ଟରେ ଜଣାଇଛନ୍ତି ।

### ଦୁଷ୍କର୍ମପୀଡ଼ିତା ନାବାଳିକା...

ନାବାଳିକାଙ୍କ ଉପରେ ଗ୍ରାମର ଦୁଇ ଭାଇଙ୍କ ଖରାପ ନଜର ଥିଲା । ସେମାନେ ନାବାଳିକାକୁ ଦୁଷ୍କର୍ମ କରିଛନ୍ତି । ଫଳରେ ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ହୋଇଥିବା ନେଇ ପରିବାର ପକ୍ଷରୁ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି । ପୁଲିସ୍ ଅଭିଯୁକ୍ତ ଦୁଇ ଭାଇ ଭାଗ୍ୟଧର ଦାସ ଓ ଗୁଲିଆ ଦାସଙ୍କୁ ଗିରଫ କରି ତନାଘନା ଚଳାଇଛି । ଏହାସହ ନାବାଳିକାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅଭିଯୁକ୍ତଦ୍ୱୟଙ୍କର ମଧ୍ୟ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଛି । ତେବେ, ଏହି ଘଟଣାରେ ଏହି ଦୁଇ ଭାଇ ସମ୍ପୃକ୍ତ ନା ଆଉ କିଏ ଅଛନ୍ତି, ପୁଲିସ ତଦନ୍ତ ଚଳାଇଛି ।

### ଜୀବନ ହାରିଲେ...

ହୋଟେଲରେ କାମ କରି ଚଳୁଥିବା ବେଳେ ୬ମାସ ହେବ ସେ ଆଇଟିଆଇ ନାମ ଲେଖାଇ ପାଠ ପଢୁଥିଲେ । ଏହି ସମୟରେ ସଂପୃକ୍ତ ଯୁବକଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ଉକ୍ତ ଯୁବକ ଜଣଙ୍କ କିଛି ଭିଡିଓ ଏବଂ ଫଟୋ ଉଠାଇ ନିଜ ମୋବାଇଲ୍ରେ ରଖିଥିଲେ । ଏହାପରେ ଛାତ୍ରୀଙ୍କୁ ସେ ବିବାହ କରିବା ପାଇଁ କହିଥିଲେ । ଛାତ୍ରୀ ଜଣଙ୍କ ମନା କରିବାରୁ ତାଙ୍କୁ ବ୍ଲାକ୍ମେଲିଂ କରିଥିଲେ । ଶେଷରେ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇଥିଲେ । ହେଲେ ଯୁବକଙ୍କ ନିର୍ଯାତନା ବଢ଼ିବା ପରେ ଯୁବତୀ ଜଣଙ୍କ ସହ୍ୟ କରିପାରିଲେ ନାହିଁ । ଗତକାଲି ରାତିରେ ନିଜେ ରହୁଥିବା ଭଡ଼ା ଘରେ ଓଢଣୀ ଲଗାଇ ଝୁଲି ପଡ଼ିଥିଲେ । ସବୁଦିନ ପରି ସେ ସକାଳେ ନ ଉଠିବାରୁ ଘର ମାଲିକ ସନ୍ଦେହରେ କବାଟ ବାଡ଼େଇ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ । ଏନେଇ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି କବାଟ ଲକ୍ତାଡ଼ି ମୃତଦେହ ଉଦ୍ଧାର କରିଥିଲେ । ଛାତ୍ରୀଜଣଙ୍କ ଦିବ୍ୟାଙ୍ଗ ହୋଇଥିବାରୁ ଅନେକ କଥା ପରିବାର ଲୋକଙ୍କୁ କହିପାରୁ ନ ଥିଲେ । ଯେଉଁଥିପାଇଁ ଯୁବକଜଣଙ୍କ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ପୁଲିସ ଏହି ମାମଲାରେ ତଦନ୍ତ କରୁଛି । ଛାତ୍ରୀଙ୍କ ମୋବାଇଲ ଫୋନ୍ ଏବଂ ରହୁଥିବା ଭଡ଼ାଘରୁ ପୁଲିସ କିଛି କାଗଜପତ୍ର ଜବତ କରିଥିବା ଜଣାପଡିଛି ।

### ବିକ୍ରିହେବ ୮...

ସେହିପରି କେନ୍ଦ୍ର ସରକାର ୫ଟି ବ୍ୟାଙ୍କରେ ଅଂଶଧନ ହ୍ରାସ କରିବାକୁ ବିଚାର କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଡିସେମ୍ବର ସୁଦ୍ଧା ଆଇଡିବିଆଇ ବ୍ୟାଙ୍କ ବିକ୍ରି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି), ୟୁକୋ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କରୁ ମଧ୍ୟ ସରକାର ନିଜର ଅଂଶଧନ ପ୍ରତ୍ୟାହାର କରିବେ ବୋଲି ସୂଚନା ମିଳିଛି । ଏହି ବ୍ୟାଙ୍କଗୁଡ଼ିକରୁ ସରକାରୀ ଅଂଶଧନ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯିବ ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଓ ଏଲ୍ଆଇସିକୁ ୫୦,୦୦୦ କୋଟି ଟଙ୍କା ମିଳିବ । ଏହି ବ୍ୟାଙ୍କରେ ସରକାର ଓ ଏଲ୍ଆଇସିର ମୋଟ ୯୪ ପ୍ରତିଶତ ଅଂଶଧନ ରହିଛି । ଏବେ ଆଇଡିବିଆଇ ବ୍ୟାଙ୍କରୁ ସରକାର ନିଜର ୬୦.୭୨ ପ୍ରତିଶତ ଅଂଶଧନ ବିକ୍ରି କରିବେ । ସରକାର ବର୍ତ୍ତମାନ ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ଚୂଡ଼ାନ୍ତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଫେୟାରଫ୍ୟାକ୍ସ ଇଣ୍ଡିଆ ହୋଲ୍ଡିଂସ୍, ଏମିରେଟ୍ସ ଏନ୍ବିଡି ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏହି ବ୍ୟାଙ୍କକୁ କ୍ରୟ କରିବାକୁ ଆଶାବାଦୀ ଅଛନ୍ତି ବୋଲି କୁହାଯାଉଛି ।

● ଏଫ୍ଏମ୍ ଛାତ୍ରୀ ଆତ୍ମଦାହ ଘଟଣା

## ସିସିଟିଭି ଫୁଟେଜ୍ ନେଇ କ୍ରାଇମବ୍ରାଞ୍ଚର ତନାଘନା



ବାଲେଶ୍ୱର, ୨୪ ।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ର ତନାଘନା ଜାରି ରହିଛି । ଗୁରୁବାର ଅଷ୍ଟମ ଦିନରେ କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ କଲେଜରେ ପହଞ୍ଚି ଛାନଭିନ୍ କରିଛନ୍ତି । ଘଟଣା ଦିନ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ସୌମ୍ୟାଶ୍ରୀ ବସିଥିବା ସ୍ଥାନ, ନିଆଁ ଲଗାଇଥିବା ସ୍ଥାନ ସାଙ୍ଗକୁ ନିଆଁ ଲାଗିବା ପରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଦୌଡ଼ିବା ଆଦି କଲେଜ ଭିତର ଏବଂ କଲେଜ ବାହାରେ ଲାଗିଥିବା ସିସିଟିଭି ଫୁଟେଜକୁ କ୍ରାଇମବ୍ରାଞ୍ଚ ଟିମ୍ ଯାଞ୍ଚ କରିଛି । ଏଥିସହ ଆଜି ମଧ୍ୟ ବହୁ ଛାତ୍ରଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି । ଗତକାଲି ବିଏନଏସ ଧାରା ୧୮୩ ଅନୁସାରେ ଦୁଇ ଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଘଟଣାର ବିଭିନ୍ନ ଦିଗକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି ।

**AFFIDAVIT**
By virtue of an affidavit Sl. No. 378, dtd. 24.06.2025 before the Notary, Bhubaneswar, I, Bijoy Kumar Beura resident of At/Po-Kusupangi, Ps-Dampara, Dist,-Cuttack, Pin-754007, Odisha I have changed my name from Bijay Kumar Beura to Bijoy Kumar Beura for all purposes.
Sd/- Bijoy Kumar Beura

**AFFIDAVIT**
By virtue of an affidavit Sl. No. 379, dtd. 24.06.2025 before the Notary, Bhubaneswar, I, Dhiren kumar Nayak Resident of At-Karnadandi, Po-Mangalpur, Ps-Dasarathpur, Dist-Jajpur, Pin-755011, Odisha have changed my name from Diran Kumar Nayak to Dhiren Kumar Nayak for all purposes.
Sd/- Dhiren Kumar Nayak

**AFFIDAVIT**
By virtue of an affidavit Sl. No. 547, dtd. 17.03.2025 before the Notary, Bhubaneswar, I Srabana Kumar Naik Resident of At-Ganikumpa, Po-Podasahi, Ps- Banigochha, Dist-Nayagarh, Pin-752089, Odisha I have changed my name from Mana Sahu to Srabana Kumar Naik for all purposes.
Sd/- Srabana Kumar Naik

**AFFIDAVIT**
By virtue of an affidavit Sl. No. 780, dtd. 24.06.2025 before the Notary, Bhubaneswar, I Brajabandhu Das Resident of At/Po- Badaninigoan Ps.Balanga, Dist.- Puri, Pin-752121, Odisha have changed my name from Khuka Das to Brajabandhu Das for all purposes.
Sd/- Brajabandhu Das

**NOTICE FOR MINOR**
By virtue of an affidavit sworn before Executive Magistrate, Bhadrak, affidavit No - 5786, Dated - 06.06.2025, I, Sudam Bhuin, Vill - Jalanga (Canal Road), Po - Jalanga, Ps - Bhadrak (R), Dist - Bhadrak, Pin -756181 declare that I have Changed the name of my daughter from Sukanya Bhuin to SUSHREE SUKANYA. Henceforth, She shall be known as **SUSHREE SUKANYA** for all purpose.
Sudam Bhuin

**AFFIDAVIT**
I, Amit Mishra, H/o Lipika Dewangan, Resident of Plot No.: 3257/1, Chakeisihani, PO.: Rasulgarh, P.S.: Mancheswar, Dist.: Khorda, Bhubaneswar, Odisha, PIN-751010, declare by this affidavit No.: 1407 dated 23.07.2025 that now onwards I shall be known as **AMIT KUMAR MISHRA** for all future purposes.

**AFFIDAVIT**
I Aischarya Rajlaxmi Mahananda (40), residence of Mandal,ps.Belpara Dist.Balangir,hereby declare that I have changed my name from **Aischarya Rajlaxmi Mahananda** to **Aischarya Rajlaxmi Nanda** vide affidavit no.2375 dated 21.07.2025 before Executive Magistrate Balangir. Hence i will known as **Aischarya Rajlaxmi Nanda** for all purposes.

**AFFIDAVIT**
By virtue of an affidavit sworn before Notary Public, Bhubaneswar on Dt-23/07/2025 I, mahalaxmi Madil,W/o- Narasingh Madil, At- Tulasi Basti, Near Delta UP School, Unit-8, Baramunda Colony PO- Baramunda, PS-Khandagiri, Bhubaneswar, Dist.- Khordha, Pin- 751003 declare that I have changed my minor daughter's name from Madil Sakshi to M Sai Vaishnavi. Henceforth, she will be known as **M SAI VAISHNAVI** for all purposes.
MAHALAXMI MADIL

**AFFIDAVIT**
By virtue of an affidavit sworn before The Executive Magistrate, Padampur, on dated- 24/07/2025. I, **Rupadhar Bag**, S/o- Kadam Bag, permanent & current resident of At- Menakamunda, Po- Chhindeikela, Dist- Bargarh, PIN- 768050, Odisha declare that I have changed my minor son's name from **Khageswar Bag** (old name) To **Khudaraj Bag** (new name). Henceforth, he shall be known as **Khudaraj Bag** (new name) for all future purposes.
Rupadhar Bag

OFFICE OF THE MUNICIPAL COUNCIL: KEONJHARGARH — C-740
email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-12/2025-26
Letter No. 5281/KGM/Date 23.07.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- **Civil Work & Electrical Work.**
2- No of Work- 14 **Nos**
3-Value of works: Rs. **4,65,877 /- to 38,10,600/-**
4-Date & Time of availability of Bid document in the portal:
From. **25.07.2025** at 11.00 A.M. up to **05.08.2025** at 5.30 P.M.
5-Date of Opening of bid in portal. **06.08.2025** at 11.00 A.M.
6- Name & address of the officer in Inviting Bid– EO, Keonjhargarh Municipality

Further details can be seen from Website: www.tendersorissa.gov.in

Executive Officer
Keonjhargarh Municipality
OIPR-13115/11/0044/2526

OFFICE OF THE PANCHAYAT SAMITI: RAMNAGUDA — i-236
DIST- RAYAGADA
INVITATION FOR BIDS (I.F.B)
e-Procurement Notice
IDENTIFICATION No. PS- RAM No. 01 of 2025-26

1) The Block Development Officer, Ramnaguda, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice( D.T.C.N) from the eligible class of contractors.
2) Estimated Cost: Rs.12.28 lakhs to Rs.15.52 lakhs
3) No. of works: 06(Six) No.
4) Cost of Tender paper: Rs. 6000/-(Rupees Six Thousand)only for each work
5) Class of Contractor: " D & C" Class
6) Date of Time of available in web site & receipt online: 11:00 Hrs. of 28.07.2025 to 17.00 Hrs. of 11.08.2025
7) Date of opening of Technical Bid: 11:30 Hrs. of 13.08.2025
8) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
9) Any Corrigendum/Addendum will be displayed in the website https://tendersodisha.gov.in only

Block Development Officer
Ramnaguda
OIPR-19043/11/0003/2526

GOVERNMENT OF ODISHA — O-478
OFFICE OF THE EXECUTIVE ENGINEER,
RWS&S DIVISION, MALKANGIRI
E-mail - eerwss_mal@nic.in, eerwssmlkg@gmail.com
INVITATION FOR BIDS
NATIONAL COMPETITIVE BIDDING

**Bid Identification No: RWSS_MKG_ONLINE_02/2025-26 DATED: - 21.07.2025**

The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways/ Registered Firm for the works detailed in the table below to be eventually drawn up in P-1 contract.

1 Name of the Work: Supply, installation, testing and commissioning of Solar energy based PWS with 5000 litter capacity HDPE storage tank with a staging height of 3 mts including 5 years O&M at different Schools & AWC in Malkangiri District (As detailed in TCN)
2 No. of Works: **07 Nos.**
3 Estimated Cost: **₹.20.39 Lakhs to ₹.30.59 Lakhs**
4 Tender Paper Cost: ₹.6000/- each
5 Class of Contractor: C / B / Registered Firm
6 Period of Completion: 03 (Three) calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ONLINE_02 of 2025-26** | **28.07.2025 at 09.00 Hours** | **06.08.2025 up to 17.00 Hours** | **04.08.2025** | **07.08.2025 At 11.00 Hours** |

- Further details can be seen in the bidding documents, which is available in the e-procurement portal **https://www.tendersodisha.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Superintending Engineer
RWS&S Division, Malkangiri
OIPR-25044/11/0017/2526

**AFFIDAVIT**
By virtue of an affidavit sworn before Executive Magistrate, Gop, dated 21/07/2025, I Sanjay Kumar Sahoo, At- Kharagaon, Po-Junei, Ps- Konark, Dist- Puri, Pin- 752111 declare that, I have changed the name of my son from Sahikrishana Sahoo to Sai Krishna Sahoo. Henceforth, he shall be known as **Sai Krishna Sahoo** for all purposes.
Sd/- Sanjay Kumar Sahoo

**AFFIDAVIT**
By virtue of an affidavit No.2054, Dtd.03.06.2025 sworn before the Executive Magistrate, Bhogarai I, Ranjan Behera, S/o. Late Bikram Behera, At. Kulida , Po. Madhupur, Ps. Kamarda, Dist. Balasore, Odisha, declare that unfortunately my son name spelling as Depak Kumar Behera instead of correct spelling Dipak Kumar Behera in his Adhar card no. 907042290286 . Henceforth, he will be known as **Dipak Kumar Behera** for all purposes.

**AFFIDAVIT**
I, Akhila Kumar Dash, S/o-Laxmidhar Das, aged about 54 years, resident of AT/PO-Nuagarh, Dist- Dhenkanal, Pin-759016, Odisha, is declared by Affidavit No-221, dated-23.07.2025 before Notary Public Bhubaneswar, that onwards I shall be known as Akhila Kumar Das for all purposes.
Sd- Akhila Kumar Das

**AFFIDAVIT**
I, Shaikh Sahebjan Uddin, aged about 42 years, S/o-Nazir Uddin Shaikh. resident of Village- Biritol, PO- Rasulpur, Via- Naliber, PS- Tirtol, Dist-Jagatsinghpur, PIN-754104, Odisha declared by this affidavit No. 1125, dtd- 18/07/2025 that now onwards I shall be known as **SK SAHEBJAN UDDIN**, S/o - SK Najir Uddin for all future purposes.

**AFFIDAVIT**
By virtue of an affidavit sworn before the Executive Magistrate Bhubaneswar, dtd. 04/03/2025, I Pradosha Kumar Swain, S/o Pramoda Kumar Swain, resident of At/Po.-Rajas, PS- Balipatana, Dist.- Khordha, Odisha-752114 declare that I have changed my name from **Pradosh Kumar Swain to Pradosha Kumar Swain.** Henceforth I shall be known as **Pradosha Kumar Swain** for all purposes.
Pradosha Kumar Swain

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 23/07/2025. I, **Pinki Jal @ Tandi**, W/o Jugal Jal, D/o Late Pada Tandi, Permanent resident of At- Kumuda, P.O. Sihini, P.S. Titilagarh, Dist- Balangir, (Odisha), PIN- 767066, current residing of Village- Railway Colony, PO/PS-Titilagarh, Dist- Balangir, (Odisha), PIN- 767033 affirm that I have changed my minor son's name from **Amit Jal** (old name) to **Rajesh Jal** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Rajesh Jal** (new name).

**AFFIDAVIT**
I, Prahallad Nayak, aged about 50 years, S/o- Late Jhulan Nayak, resident of At- Udayapatana, Po-Sankhachila, Ps- Panikoili, Dist- Jajpur, Pin- 755015, Odisha declare by this affidavit No. 1437, dtd-24/07/2025, that now onwards I shall be known as **PRAHALAD NAYAK** for all future purposes.

**AFFIDAVIT**
By virtue of an affidavit No-4798 sworn before the Executive Magistrate, Champua on dated-21/07/2025. I, **Radhika Mahakud** (new name), Address: Vill/Po- Kandara, PS - Joda, Dist- Keonjhar, PIN-758047, Odisha declare that I have changed my name from **Pramila Mahakud** (old name) To **Radhika Mahakud** (new name). Henceforth, I shall be known as **Radhika Mahakud** (new name) for all future purposes.
Radhika Mahakud

**AFFIDAVIT**
By virtue of an affidavit sworn before Executive Magistrate, Khordha dated 24.07.2025, I, Kulsan Begum Kulsan Begum (42 years), W/o- Besarat Khan of Vill.- Dibyasingh Prasad, PO.- Kerang, PS/Dist.- Khordha, Aadhaar No. 5582 8596 7251 declare that, I have changed my name from **Gulshan Bibi** to **Kulsan Begam**. Henceforth I shall be known as **Kulsan Begum** for all purposes.

**AFFIDAVIT**
I, Rama Murmu, S/o- Late Hambhir Murmu, resident of Village- Sikarghati, Po-Rajabasa, Ps-Baripada Sadar, Dist-Mayurbhanj, Pin-757107, Odisha, declare by this affidavit No.4395 Dated 21.07.2025 that now onwards I, shall be known as Rama Murmu for all future purposes.
Rama Murmu

**AFFIDAVIT**
By virtue of an affidavit No. 1457/25, dtd. 23.07.2025 before the Executive Magistrate, Malkangiri, I, Nanda Madkami, have changed my minor daughter's name from Saberi Madkami to Sunita Madkami. Henceforth she will be known as Sunita Madkami for all purposes.
Sd/- Nanda Madkami

**AFFIDAVIT**
I Amulya Barik, S/o-Kameswar Barik of Village/Po-Geltua, Ps-Bhadrak(R), Dist-Bhadrak, Odisha, Pin-756181, declare by this affidavit No.7081 dt.16.07.2025 that now onwards my daughter name wrongly mentioned as Aadhar card bearing No.3937 8047 9501 "Mamuni Barik". I shall be known as "Smruti Swagatika Barik" of Village-Geltua, Po-Geltua, Ps-Bhadrak(R), Dist-Bhadrak, Pin-756181 for all future purposes.

**AFFIDAVIT**
By virtue of an affidavit No.2685, Dtd.22.07.2025 sworn before the Executive Magistrate, Bhogarai I, Jainur Bibi, W/o. Sk. Khursed , At. Panisandha, Po. Sukhasandha Patna, Ps. Bhogarai, Dist. Balasore, Odisha, declare that unfortunately my son name spelling as Sk Kaiyan instead of correct spelling Sekh Kaiyan in his Adhar card no. 363196317164. Henceforth, he will be known as **Sekh Kaiyan** for all purposes.

**AFFIDAVIT**
By virtue of an affidavit No. 8032, dtd. 21.07.2025 before the Notary Public, Malkangiri, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
Sd/- Surendra Harijan

**AFFIDAVIT**
By virtue of an affidavit before the Notary Public, Jeypore, Koraput, I, SWARNALATA BEHERA, W/o- Late Niladri Panigrahy, resident of Post Office Road, Po/ PS / Dt- Koraput, Odisha -764 020, Odisha declare by this Affidavit No.3323, Dated - 23/07/2025, that now onwards I shall be known as **SWARNALATA PANIGRAHI** for all future purpose.

**AFFIDAVIT**
I, Diptirekha Dash, D/o-Hrudananda Singha Samanta, W/o- Akhila Kumar Das, aged about 52 years, resident of AT/PO- Nuagarh, Dist-Dhenkanal, Pin- 759016, Odisha, is declared by Affidavit No-222, dated- 24.07.2025 before Notary Public Bhubaneswar, that onwards I shall be known as Diptirekha Das for all purposes.
Sd- Diptirekha Das

**AFFIDAVIT**
By virtue of an affidavit before the Notary Public, Jeypore, Koraput, I GULAB CHAND JAIN, S/o- BABULAL JAIN resident of Main Road, Po/Ps/Dt- Malkangiri, Odisha - 764 045, Odisha declare by this Affidavit No.3286, Dated - 22/07/2025,that now onwards I shall be known as **GULAB JAIN** for all future purpose.

# ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରରେ ତାଲା; ରୋଗୀ ହନ୍ତସନ୍ତ

ଦୋବଲ,୨୪।୭ (ସମିସ)

ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଦୋବଲ ପଞ୍ଚାୟତ ସୋଧ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରରେ ଗତ ଏକ ମାସ ହେଲା ତାଲା ପଡି ରହିଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏହି ଉପକେନ୍ଦ୍ର ସବୁବେଳେ ଚାବି ପଡ଼ି ରହୁଥିବା ଦେଖିବାକୁ ମିଳିଛି। ଏଠାରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀ ଜଣକ ଏବେ ପ୍ରସବକାଳୀନ ଛୁଟିରେ ରହିଛନ୍ତି। ଦୁଇ ମାସ ହେଲା ସେ ଛୁଟିରେ ଥିବାରୁ ଉପକେନ୍ଦ୍ର ବନ୍ଦ ରହିଛି। କୌଣସି ପଦକ୍ଷେପ ନିଆନଗଲେ ଆଉ ୫ ମାସ ମଧ୍ୟ ଏମିତି ବନ୍ଦ ରହିବ ବୋଲି ଆଶଙ୍କା କରାଯାଉଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ୱାସ୍ଥ୍ୟ ସେବା କାରଣରୁ ଦୋବଲ ପଞ୍ଚାୟତର ଇଟୁଆ, ସୋଧ ଓ କୋଳେଇପଦା ଅଞ୍ଚଳବାସୀ ସେବା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ଗୋଟିଏ ପଟେ ଗେଙ୍ଗୁଟି ନଦୀ ପ୍ରବାହିତ। ଆଉ ଗାଁ ଭିତରେ ଗଡ଼ିଆ ପୋଖରୀ ଭର୍ତ୍ତି। ତା ସହିତ ଗାଁ ଚାରିପଟେ ବାଉଁଶ ବଣ। ଏଣୁ ଏହି ଗାଁରେ ବର୍ଷା ଋତୁରେ ଡେଙ୍ଗୁ, ମେଲେରିଆ ଓ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପିଥାଏ। ଗତ ୨୦୧୪ରେ ସୋଧ ଗାଁରେ ଡେଙ୍ଗୁ ବ୍ୟାପିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଗତବର୍ଷ ଏବଂ ଚଳିତବର୍ଷ ଝାଡ଼ାବାନ୍ତି ମଧ୍ୟ ବ୍ୟାପିଥିଲା। ଏସବୁ ଦୃଷ୍ଟିରୁ ଏଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଠିକ୍ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଜଣେ କର୍ମଚାରୀଙ୍କୁ ନେଇ ଚାଲିଥିବାରୁ କେନ୍ଦ୍ରଟି ଚାଲି ପାରୁନାହିଁ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ପ୍ରତ୍ୟେକ ଲୋକଙ୍କୁ ଘର ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ବିଶେଷ କରି ଗର୍ଭବତୀ, ପ୍ରସୂତିଙ୍କ ଯତ୍ନ ଓ ପ୍ରସବ କରାଇବାକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟ କରିଥାଏ। ସେହିପରି ପରିବାର ନିୟୋଜନ, ଗର୍ଭନିରୋଧ, ସଂକ୍ରାମକ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏହା କାମ କରିଥାଏ। ଏଥିଲାଗି ଉପକେନ୍ଦ୍ର ଅଧିନରେ ଜଣେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀଙ୍କୁ ନିୟୋଜିତ କରାଯାଇଥାଏ। ହେଲେ ସୋଧରେ କାର୍ଯ୍ୟରତ ଥିବା ସ୍ୱାସ୍ଥ୍ୟ କର୍ମୀ ଜଣକ ପ୍ରସବକାଳୀନ ଛୁଟି ନେଇଥିବାରୁ ଆଉ କାହାକୁ ଦାୟିତ୍ୱ ମଧ୍ୟ ଦିଆଯାଇ ନାହିଁ। ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ବନ୍ଦ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକେ ୧୦ କିଲୋମିଟର ଦୂର ଧାମନଗର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରାମର୍ଶ ପାଇଁ ଯିବାକୁ ବାଧ ହେଉଛନ୍ତି। ରାତିରେ ଯଦି କେବି ଅସୁସ୍ଥ ହୁଅନ୍ତି ସେମାନେ ଧାମନଗର ଯିବା ଲାଗି ହଇରାଣ ହୋଇଥାନ୍ତି। ଅପରପକ୍ଷରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ମନ୍ମୟ କୁମାର ସାମନ୍ତସିଂହାର ଏନେଇ କହିଛନ୍ତି ଯେ, ଆମ ପାଖରେ ଆଉ କର୍ମଚାରୀ ନାହାନ୍ତି। ତେଣୁ ସୋଧକୁ କର୍ମଚାରୀ ଯୋଗାଇ ଦିଆଯାଇପାରୁନାହିଁ।




## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଦୋବଲ,୨୪।୭ (ସମିସ): ଧାମନଗର ମହାବିଦ୍ୟାଳୟରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଅଧ୍ୟକ୍ଷ ଅଜୟ କୁମାର ବେଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରାପକ ପ୍ରଦୀପ କୁମାର ରାୟ ମୁଖ୍ୟଅତିଥି ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଅଧ୍ୟାପିକା ସ୍ମରଣିକା ପ୍ରଧାନ, ଡ.ମନୋଜ କୁମାର କର ଓ ସଜଳ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ନୈତିକ କର୍ତ୍ତବ୍ୟ ବିଚାରଧାରା ଉପରେ ଅଭିଭାଷଣ ଦେଇଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକା ଡ. ସାଜିଆ ତମକିନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ ଆଗରେ ଆଣ୍ଠୁଏ ପାଣି



ଭଦ୍ରକ,୨୪।୭ (ସମିସ): ଭଦ୍ରକ ସହରରେ ଡ୍ରେନେଜ ସମସ୍ୟାର ଅନ୍ତ ଘଟୁନି। ଫଳରେ ଅସରାଏ ବର୍ଷା ହେଲେ ସହରର ଅଧିକାଂଶ ପ୍ରମୁଖ ଅଞ୍ଚଳର ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଗୁରୁବାର ଅପରାହ୍ନରେ ଅସରାଏ ବର୍ଷାରେ ଭଦ୍ରକ ପୌରପାଳିକ କାର୍ଯ୍ୟାଳୟ ନିକଟରେ ଥିବା ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ ସମ୍ମୁଖରେ ଏଭଳିସ୍ଥିତି ଦେଖିବାକୁ ମିଳିଥିଲା। ଫଳରେ ଏହି କାର୍ଯ୍ୟାଳୟକୁ ଆସୁଥିବା ଲୋକ ତଥା କର୍ମଚାରୀ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଅନ୍ୟପକ୍ଷରେ ୧୬ନମ୍ବର ଜାତୀୟ ରାଜପଥର ଆରଡିଛକ ସର୍ଭିସ ରୋଡ, ମୋଟେଲ ଛକ ଫ୍ଲାଏ ଓଭରବ୍ରିଜ ତଳ ରାଜପଥରେ ବି ୩.୫ ଫୁଟର ବର୍ଷା ଜଳ ସବୁଥର ଭଳି ପ୍ରବାହିତ ହେଉଥିଲା।

## ସଂସ୍କୃତ କଲେଜରେ ମହିଳା ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ,୨୪।୭ (ସମିସ): ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହିଳା ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡ଼ଃ କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଯୋଗଦେଇ ନାରୀ ସୁରକ୍ଷା ତଥା ୨୦୧୩ ମହିଳା ସୁରକ୍ଷା ଆଇନ୍ ସଂପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ସ୍ୱାଗତଭାଷଣ ସହ ଅତିଥି ପରିଚୟ ନେଇ ଥିବା ବେଳେ ମହାବିଦ୍ୟାଳୟର ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ନିର୍ମାଣାଧୀନ କାନ୍ତକବି ମେମୋରିଆଲ ପାର୍କ ପରିଦର୍ଶନ କଲେ ବିଧାୟକ



ଭଦ୍ରକ,୨୪।୭ (ସମିସ): ଗୁରୁବାର ପୂର୍ବାହ୍ନରେ ଭଦ୍ରକ ବ୍ଲକ କୋର୍କୋରା ନିକଟ କେନ୍ଦ୍ରୀୟ ବିଦ୍ୟାଳୟଠାରେ ନିର୍ମାଣାଧୀନ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ମେମୋରିଆଲ ପାର୍କକୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର କ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ କଥିବା ପ୍ରଶାସନିକ ଅଧିକାରୀଙ୍କ ସହିତ ଏହି ପାର୍କ ପ୍ରତିଷ୍ଠା କାର୍ଯ୍ୟର ଅଗ୍ରଗତି ଓ ସୋନ୍ଦର୍ଯ୍ୟକରଣ ସଂପର୍କରେ ଆଲୋଚନା କରିଥିଲେ। ଏହି ପାର୍କ ସୋନ୍ଦର୍ଯ୍ୟକରଣରେ ପୁଷ୍କରିଣୀ ମଧ୍ୟରେ ଦ୍ୱୀପପୁଞ୍ଜ, ନୌକା ବିହାର, କଫି ପିଇବା ଘର, ଅତ୍ୟାଧୁନିକ ରେଷ୍ଟୁରାଣ୍ଟ, ସଙ୍ଗୀତ ସହ ଆଲୋକୀକରଣ ଓ ପାର୍କକୁ ପୂର୍ଣ୍ଣସୋନ୍ଦର୍ଯ୍ୟତା ସମ୍ପନ୍ନ କରିବା ପାଇଁ ଆହୁରି ଅନେକ ପ୍ରକାରର ଆବଶ୍ୟକୀୟ ସାଜସଜ୍ଜା ଉପକରଣ ବିଷୟରେ ପରାମର୍ଶ ଦେଇଥିଲେ। ଯେମିତିକି ପାର୍କଟି ଭଦ୍ରକ ଜିଲ୍ଲାର ମାନକୁ ପରିବର୍ଦ୍ଧିତ ଓ ପରିଚିତ କରାଇବାରେ ସଫଳ ହେବ। ଉକ୍ତ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାର ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସୁଦର୍ଶନ ପତିଙ୍କ ସମେତ ବିଭାଗୀୟ ସହଯୋଗୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବ ସରକାର ଅମଳରୁ ଏହି ପ୍ରକଳ୍ପ ଲାଗି ଅର୍ଥ ବରାଦ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା।

## ବରିଷ୍ଠ ନାଗରିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାରିକପୁର,୨୪।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରି ଠାରେ ଧର୍ମପରାୟଣ ତଥା ଗ୍ରାମର ବରିଷ୍ଠ ନାଗରିକ ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଧର୍ମପରାୟଣଙ୍କ ସୁପୁତ୍ର ତଥା ବିଶିଷ୍ଟ ଯୁବ ଉଦ୍ୟୋଗୀ ବିରଞ୍ଚି ନାରାୟଣ ରାଉତଙ୍କ ସଂଯୋଜନାରେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ବନବିହାରୀ ରାଉତରାୟ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରାଉତରାୟ ସ୍ୱର୍ଗତ ରାଉତଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହିତ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ବଦ୍ରୀନାରାୟଣ ରାଉତ, ସମାଜସେବୀ ତଥା ବରିଷ୍ଠ ନାଗରିକ ପ୍ରଦୀପ ସାମଲ, କଣ୍ଠଶିଳ୍ପୀ ହରିହର ପଲ୍ଲାର, ଶାନ୍ତିଲତା ରାଉତ, ସୁଧାଂଶୁ ଶେଖର ରାଉତ, ସରୋଜିନୀ ରାଉତ, ସୁରେନ୍ଦ୍ର ସ୍ୱାଇଁ, ଅନୀଲ ରାୟ, ଉତମ ଜେନା, ବିଳାସିନୀ ରାଉତ, ବିଜୟା ଲକ୍ଷ୍ମୀ ରାଉତ ପ୍ରମୁଖ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ



ଭଦ୍ରକ,୨୪।୭ (ସମିସ): ଗୁରୁବାର ଗେଲପୁର ଗ୍ରାମ ପଞ୍ଚାୟତରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା ଓ ଭଦ୍ରକ ରାଜସ୍ୱ ନିରୀକ୍ଷକ ଶରତ କୁମାର ମହାନ୍ତିଙ୍କ ସମେତ ସାମରାଇପୁର, ଗେଲପୁର, ନଳାଙ୍ଗ ଅଞ୍ଚଳର ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ଏବେ ସରକାରଙ୍କ ତରଫରୁ ପ୍ରାଧାନ୍ୟ ଦିଆଯାଉଥିବା ପଟ୍ଟାର ଦୁଇ ଖାନାରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ୟୁପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ୍ୟ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ତତ୍ ସଙ୍ଗେସଙ୍ଗେ ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟାର ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଏଥି ସହିତ ତହସିଲଦାର ଶ୍ରୀ ଖୁଣ୍ଟିଆ କ୍ରମାଗତ ଭାବରେ ଭଦ୍ରକ ତହସିଲ ଅଧୀନ ସମସ୍ତ ଗ୍ରାମ ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏ ନେଇ ସେ ରାଜସ୍ୱ ନିରୀକ୍ଷକଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଅତିରିକ୍ତ ତହସିଲଦାର ଓ ତହସିଲଦାର ରହିବେ ବୋଲି ସୂଚନା ମିଳିଛି।

## ସାଲନ୍ଦୀ କଲେଜରେ 'ଇନୋଭେସନ ଷ୍ଟାର୍ଟ ଅପ୍'




ଭଦ୍ରକ,୨୪।୭ (ସମିସ): ଭଦ୍ରକ ଉତ୍ତରବାହିନୀ ସ୍ଥିତ ସାଲନ୍ଦୀ ଡିଗ୍ରୀ ମହାବିଦ୍ୟାଳୟର ଇନୋଭେସନ ଷ୍ଟାର୍ଟ ଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଇନୋଭେସନ ଓ ଷ୍ଟାର୍ଟ ଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି ଯୋଗଦେଇ ପ୍ରତିଯୋଗିତାମୂଳକ ସମାଜରେ ନିଜର ଅସ୍ତିତ୍ୱ ବଜାଇ ରଖିବାକୁ ହେଲେ ନୂତନତ୍ୱର ଆବଶ୍ୟକତା ଅଛି ଓ ନିରନ୍ତର ପ୍ରୟାସ ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ରାଜଶ୍ରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ରଚନା, ତର୍କ, ସଙ୍ଗୀତ-ନାଚ, ଚିତ୍ରକଳା, ଝୋଟି ଆଦି ବିଭିନ୍ନ ପ୍ରତିଯୋଗିତାରେ କରୁତିଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କଲେଜର ଅଧ୍ୟାପକ ଅଧ୍ୟାପିକା ଅଚ୍ୟୁତାନନ୍ଦ ନାୟକ ଲିପିପୁଷ୍ପା ନାୟକ, ସବିନା ଅକତର, ତୈମୁର ରେହିମାନ ଙ୍କର ପରିଚାଳନାରେ ପୂର୍ବ ଦିନ ବିଭିନ୍ନ ପ୍ରକଳ୍ପ ପ୍ରତିଯୋଗିତା କରାଯାଇଥିଲା।

## ପକ୍ଷାଘାତ ମହିଳାଙ୍କୁ ଆର୍ଥିକ ସହାୟତା



ବାରିକପୁର,୨୪।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମର ୨ଜଣ ପକ୍ଷାଘାତ ମହିଳାଙ୍କୁ ଆର୍‌ଥିକ ସହାୟତା ପ୍ରଦାନ କରାଯାଇଛି। ଗ୍ରାମର ଝରଣା ସେଠୀ ଓ ପ୍ରମିଳା ସେଠୀ ଦୀର୍ଘ ମାସ ହେବ ପକ୍ଷାଘାତ ରୋଗରେ ପୀଡିତ ଅଛନ୍ତି। ଖବର ପାଇ ଭୁବନେଶ୍ୱର ଉତ୍କଳ କଳାକାର ଏକାଡେମୀର ସଦସ୍ୟ ମାନେ ଗ୍ରାମରେ ପହଞ୍ଚି ୨ ମହିଳାଙ୍କୁ ଆର୍‌ଥିକ ସହାୟତା ପ୍ରଦାନ କରିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଶଶଧର ପଣ୍ଡା, ସମ୍ପାଦକ କୈଳାସ ଚନ୍ଦ୍ର ନାୟକ, ଯାଜପୁର କଳାକାର ଏକାଡେମୀ ସଦସ୍ୟ କୈଳାସ ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରିହର ସ୍ୱାଇଁ ପ୍ରମୁଖ ଦୁଇ ମହିଳାଙ୍କ ଦ୍ରୁତ ଆରୋଗ୍ୟ କାମନା କରି ଏହି ଅର୍ଥ ପ୍ରଦାନ କରିଛନ୍ତି।

## ସରସ୍ୱତୀ ତ୍ରିପାଠୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

ଧାମନଗର,୨୪।୭ (ସମିସ): ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୂର୍ଯ୍ୟମଣି ତ୍ରିପାଠୀଙ୍କ ଧର୍ମପତ୍ନୀ ସ୍ୱର୍ଗତ ସରସ୍ୱତୀ ତ୍ରିପାଠୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏଥିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, କଂଗ୍ରେସ ନେତା ଅଭିଷେକ ରାଉତ, ବିଦ୍ୟାଧର ଜେନା, ନାରାୟଣ ଚନ୍ଦ୍ର ପାତ୍ରୀ, ସଞ୍ଜୟ କୁମାର ମିଶ୍ର, ନରେନ୍ଦ୍ର କୁମାର ମଲ୍ଲିକ, ରମଣିରଞ୍ଜନ ଦାସ, ମାନସ ରଞ୍ଜନ ମହାପାତ୍ର, ପ୍ରସନ୍ନ କୁମାର ଧଳ, ଅଶୋକ କୁମାର ରାଉତ, ବିଜେପି ନେତା କୈଳାସ ଚନ୍ଦ୍ର ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ହରେକୃଷ୍ଣ ପାଢ଼ୀ, ବିଜୟ କୁମାର ରାମ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା, ସଭ୍ୟ ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ଧାମନଗର ପ୍ରେସ୍ କ୍ଲବ ସଭାପତି କିଷାନ କୁମାର ରାଉତ, ସାଧାରଣ ସମ୍ପାଦକ ସରୋଜ ସେଠୀ, ବରିଷ୍ଠ ସାମ୍ବାଦିକ ପ୍ରତାପ କୁମାର ଦାସ, ତପନ କୁମାର ମିଶ୍ର, ତପନ କୁମାର ସ୍ୱାଇଁ, ପ୍ରଦୀପ କୁମାର ମହାପାତ୍ର, ବୈକୁଣ୍ଠ ନାଥ ସାହୁ, ସୁଧାକର ଦାଶ, ବିରେନ୍ଦ୍ର ଜେନା, ସୁଶାନ୍ତ କୁମାର ରାଉତ, ରଜତ କୁମାର ପଣ୍ଡା, ଗୋଲାମ ଜିଲାନି ହବିବି, କୃଷ୍ଣ ଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ତ୍ରିପାଠୀ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ବୁଥ ପୃଥକୀକରଣ ପାଇଁ ପ୍ରସ୍ତୁତି

ବାରିକପୁର,୨୪।୭ (ସମିସ): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ବୁଥ ତଥା ଭୋଟ କେନ୍ଦ୍ର ପୃଥକୀକରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ଦେବଦତ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଠି ୧୨ଶହରୁ ଅଧିକ ଭୋଟର ଥିବେ ଉକ୍ତ ସ୍ଥାନରେ ଭୋଟ କେନ୍ଦ୍ରକୁ ଦୁଇ ଭାଗରେ ବିଭକ୍ତ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏଣୁ ବ୍ଲକରେ ଏବେ ୧୨୦ଟି ବୁଥ ଥିବାବେଳେ ବିଭକ୍ତିକରଣ ପରେ ଏହା ବୃଦ୍ଧି ପାଇ ୧୪୬ରେ ପହଞ୍ଚିବ ବୋଲି ଜଣାପଡିଛି। ଆୟୋଜିତ ହୋଇଥିବା ସଚେତନାତ୍ମକ ପ୍ରସ୍ତୁତି ବୈଠକରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ଭାରପ୍ରାପ୍ତ ଜିପିଓ ବିକ୍ରମ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାଛଡା ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ବରିଷ୍ଠ ବିଜେପି ନେତା ଗିରିଶ ଚନ୍ଦ୍ର ସାମଲ ପ୍ରମୁଖ ରାଜନୈତିକ ଦଳୀୟ ନେତୃମଣ୍ଡଳୀ ମାନେ ଏଥିରେ ଉପସ୍ଥିତ ରହି ବୁଥ ଭାଗ ବିଷୟରେ ବିଭିନ୍ନ ମତ ଦେଇଥିଲେ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ,୨୪।୭ (ସମିସ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଙ୍କ ପାଇଁ ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୋକିତ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନେତା ରାଧାକାନ୍ତ ସାମଲ, ଦେବେନ୍ଦ୍ର ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଅବଦୁଲ ମୋକିଦ ଖାଁ, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୀତବାସ ଧଳ, ପ୍ରଦ୍ୟୁମ୍ନ ଦାସ, ରବି ମହାପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ, ଅତ୍ୟାଚାରକୁ ତୀବ୍ର ନିନ୍ଦା କରିବା ସହ ତାଙ୍କୁ ନ୍ୟାୟ ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଥିଲେ। ତାଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରଦ୍ଧାଞ୍ଜଳି ସଭାରେ ନେତାମାନେ ଦୃଢ ଦାବି କରିଥିଲେ। ସେହିପରି ଦିନକୁ ଦିନ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଧର୍ଷଣ ଓ ବଳାତ୍କାର ଘଟଣାକୁ ନେଇ ନେତାମାନେ ପରୋକ୍ଷରେ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ନେତାମାନେ ବକ୍ତବ୍ୟ ରଖିଥିଲେ। ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଦଳୀୟ କର୍ମୀମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ହସିନା ବେଗମ, ଅବଦୁଲ ସଲାମ, ମନୋରଞ୍ଜନ ଦାସ, ବିଜୟ ବାରିକ, ସୁଶାନ୍ତ ଦାସ, ରବି ନାରାୟଣ ଜେନା, ଧରିତ୍ରୀ ଜେନା, ଯୁବ ନେତା ଫୟାଜ, ବବଲୁ ପ୍ରମୁଖ ଯୋଗ ଦେଇଥିଲେ।

ବାରିକପୁର, ୨୪।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହିତ ବିଭିନ୍ନ ରାଜନୈତିକ ଦଳ, ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଅମର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ପାଳଦା ବାଙ୍କ ହନୁମାନ ମନ୍ଦିର ଠାରେ ଦୀପ ଜଳାଇ କର୍ମୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଚନ୍ଦ, ପ୍ରାକ୍ତନ ସରପଞ୍ଚ ତଥା କଂଗ୍ରେସ ନେତା ପ୍ରଶାନ୍ତ ସାହୁ, ଯୁବନେତା ବିଜୟ ଶଙ୍କର ମହାନ୍ତି, ରମେଶ ଚନ୍ଦ୍ର ଭାରତୀ, ସୀତାକାନ୍ତ ଜେନା, ଗୁରୁପ୍ରସାଦ ଗିରି, ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିଭଳି ମଞ୍ଜୁରୀରୋଡ଼ଠାରେ କଂଗ୍ରେସନେତା ଅଜୟ ସାହୁ, ସୁଶାନ୍ତ ବାରିକ, କରୁଣାକର ସ୍ୱାଇଁ, ଦିଜ ବାରିକ, ଧନେଶ୍ୱର ଶଙ୍ଖୁଆ ପ୍ରମୁଖ କର୍ମୀ ମାନେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



## ବ୍ରାଉନସୁଗର ଜବତ; ୩ ଗିରଫ


ଭଦ୍ରକ, ୨୪।୭(ସମିସ): ଭଦ୍ରକ ଜିଲ୍ଲାର ଏସ୍‌ପି ଭାବେ ମନୋଜ ରାଉତ କାର୍ଯ୍ୟଭାର ଗ୍ରହଣ କରିବା ପରେ ଜିଲ୍ଲାରେ ବ୍ରାଉନସୁଗର ବା ଧଳାଜହର ଧରପଗଡ଼ ଅଭିଯାନ ବଢିଛି। ଏହିକ୍ରମରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଭଦ୍ରକ ଟାଉନ ପୁଲିସ ୧୧.୯୧ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ବୁଦ୍ଧେଶ୍ୱରୀ କଲୋନୀ ଅଞ୍ଚଳର ବି.ମୁନା ପାତ୍ର, ଯାଜପୁର କଳସପୁର ଅଞ୍ଚଳର ସତ୍ୟରଂଜନ ନାୟକ ଓ ଯାଜପୁର ଗରିଆପୁର ଅଞ୍ଚଳର ସତ୍ୟପ୍ରକାଶ ବେହେରା। ସୂଚନାଯୋଗ୍ୟ, ଗତ ଜୁଲାଇରେ ଟାଉନ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୬୦ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ମୋଟ ୧୧ ଜଣଙ୍କୁ ଗିରଫ କରିଥିଲା।

## ମଣିନାଥପୁର ମଶାଣିରୁ ୪ ଶବ ଚୋରି !



ଭଦ୍ରକ/ଭଣ୍ଡାରିପୋଖରୀ, ୨୪।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀକୂଳ ସ୍ୱର୍ଗଦ୍ୱାର ଗ୍ରାମଶ୍ମଶାନରୁ ସୋମବାର ରାତ୍ରରେ ମୋଟ ୪ଟି ଶବ ଚୋରି ଯାଇଥିବା ଜଣାଯାଇଛି। ଗତ କିଛି ମାସ ମଧ୍ୟରେ ମୃତ୍ୟୁବରଣ କରିଥିବା ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା, ସତ୍ୟଭାମା ପରିଡା, ଶତ୍ରୁଘ୍ନ ଦାସ, ପ୍ରମିଳା ଦାସଙ୍କ ଶବ ଗାଏବ ହୋଇଯାଇଛି। ଗ୍ରାମବାସୀ ଗୁରୁବାର ସକାଳେ ଗାତ ଖୋଳାଯାଇ ଶବକୁ ଘୋଷାରି ନେଇଥିବା ଦେଖିଥିଲେ। ଗ୍ରାମର ଅଧିକାଂଶ ଲୋକ ଶବକୁ ଦାହ କରିବା ବଦଳରେ ଗଭୀର ଗାତ ଖୋଳି ପୋତି ଦେଇ ସଂସ୍କାର କରିଥାନ୍ତି। ପିଢି ପରେ ପିଢି ଏଭଳି ପ୍ରଥା ଗ୍ରାମରେ ପ୍ରଚଳିତ ଅଛି। ଶବ ର୍‌ୟାକେଟର ଲୋଲୁପ ଦୃଷ୍ଟି ଗ୍ରାମ ଶ୍ମଶାନ ଉପରେ ପଡିଛି। ୨୦୧୭ରୁ ଶବଚୋରି ହେଉଥିବା ପ୍ରଥମେ ଜଣାପଡିଥିଲା। ଆଦର୍ଶ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ଶବ ସେହି ବର୍ଷ ଚୋରି ହୋଇଥିଲା। ଏଥିନେଇ ମାମଲା ରୁଜୁ ହୋଇଥିଲା। ପୁନଶ୍ଚ ୨୦୨୩ ମସିହା ଓ ଚଳିତ ବର୍ଷ ଅପ୍ରେଲ ମାସରେ ଶବ ଚୋରି ହୋଇଥିବା ଜଣାପଡିଥିଲା। ଶବ ଚୋରି ପଛରେ ଆର୍ନ୍ତଜାତୀୟ ର୍‌ୟାକେଟର ହାତଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ସ୍ଥାନୀୟ କେତେକ ସୂଚନାଦାତାଙ୍କ ସହଯୋଗରେ ଶବ ଚୋରି ହୋଇ କଲିକତା ବାଟେ ଜଳପଥରେ ବାଂଲାଦେଶ ଚାଲାଣ ହେଉଛି ବୋଲି ଚର୍ଚ୍ଚା ହେଉଛି। ଅନ୍ତର୍ଜାତୀୟ ସ୍ତର, ଦେଶ ଭିତରେ ଓ ରାଜ୍ୟର ଘରୋଇ ମେଡିକାଲଗୁଡିକ ବହୁଳ ଭାବେ ଶିକ୍ଷାଦାନ ପାଇଁ ଶବ(ନରକଙ୍କାଳ) ଆବଶ୍ୟକ କରୁଥିବାରୁ ଏହା ମୂଲ୍ୟ ବହୁଗୁଣିତ ହୋଇଛି। ଏହି ଉଦ୍ଦେଶ୍ୟରେ ହୁଏତ ଶବ ଚୋରି ହୋଇଥାଇ ପାରେ ବୋଲି ଆଲୋଚନା ହେଉଛି।

## ରାଜପଥ ପାର୍ଶ୍ୱ ବିପଦପୂର୍ଣ୍ଣ



ବାରିକପୁର,୨୪।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନ ଏବେ ବିପଦସଂକୁଳ ହୋଇଛି। ପ୍ରଶସ୍ତୀକରଣ କାର୍ଯ୍ୟ ପରେ ଲୋକଙ୍କ ପାଇଁ ଏହା ବିପଦମୁକ୍ତ ହେବା ପରିବର୍ତ୍ତେ ଅନେକ ସମୟରେ ରାସ୍ତା ବିପଦପୂର୍ଣ୍ଣ ପାଲଟିଛି। କେଉଁଠି ରାସ୍ତା ମଝିରେ ନାଳି ସୃଷ୍ଟି ହୋଇଛି ତ ପୁଣି କେଉଁଠି ରାସ୍ତା ଦବି ଗଲାଣି। ତେଣୁ ଯାନବାହନ ଚଳାଚଳ ଏକପ୍ରକାର କଷ୍ଟକର ହୋଇପଡୁଛି। ଏସବୁସତ୍ତ୍ୱେ ରାସ୍ତା ଦୁଇ ପାର୍ଶ୍ୱରେ ଥିବା ପାଦଚଲା ପଥ ମଧ୍ୟ ଜରାଜୀର୍ଣ୍ଣ ପାଲଟିଛି। ପଡ଼ିଥିବା ମୋରମ ଓ ବାଲି ଏବେ ପାଣି କାଦୁଅରେ ଭରି ଯାଇଛି। ମାଲବାହୀ ଗାଡି ଓ ଅନ୍ୟାନ୍ୟ ଯାନବାହନ ପାର୍କିଂ ପାଇଁ ସ୍ଥାନଗୁଡିକ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଛି। ପାଦରେ ଚାଲିକି ଯିବା ହେଉ କିମ୍ବା ସାଇକଲରେ ଓ ମୋଟର ସାଇକଲ ଯୋଗେ ଚଳପ୍ରଚଳ ପାଇଁ ପଥଚାରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏଥିପାଇଁ ଦୁର୍ଘଟଣା ମଧ୍ୟ ଘଟୁଛି। ଆଖୁଆପଦାଠାରୁ ଆରମ୍ଭ କରି ଛତାବର, ଭଣ୍ଡାରିପୋଖରୀ, ବିଷ୍ଣୁପୁର, ଧାମନଗର ଛକ, ଡାହାଲା, ବହୁଦରଡା, କହରାପୋଖରୀ ପ୍ରମୁଖ ସ୍ଥାନରେ ପାର୍ଶ୍ୱ ପଥଗୁଡ଼ିକର କରୁଣ ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ରାଜପଥ ପ୍ରାଧିକରଣ ସଂସ୍ଥା ଏହା ଉପରେ ନଜର ନଦେବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଛି। ଏପରିକି ରାସ୍ତା ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ମଧ୍ୟ ଏହାକୁ ପୁନଃ ମରାମତି କରୁ ନଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

### ବାବା ଆଖଣ୍ଡଳମଣି ପୀଠରେ ବଢ଼ିବ ସୁରକ୍ଷା ବ୍ୟବସ୍ଥା: ଏସ୍‌ପି

# ଜଗିବେ ବରିଷ୍ଠ ଅଧିକାରୀଙ୍କ ସହ ୧୫ ପ୍ଲାଟୁନ୍ ଫୋର୍ସ

ଭଦ୍ରକ/ଆରଡି, ୨୪।୭(ସମିସ)

ଭଦ୍ରକ ଜିଲ୍ଲା ଆରଡି ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରାବଣ ମାସ ୩ୟ ସୋମବାରରେ ଲକ୍ଷାଧିକ କାଉଡ଼ିଆ ଭକ୍ତମାନଙ୍କର ସମାଗମ ହେବାକୁ ଥିବାରୁ ପୀଠରେ କିପରି କରାଯାଇଛି ସୁରକ୍ଷା ବ୍ୟବସ୍ଥା ତାର ସ୍ଥିତି

### କଡ଼ାକଡ଼ି ହେବ ଟ୍ରାଫିକ ବ୍ୟବସ୍ଥା

ପରଖିବା ପାଇଁ ଗୁରୁବାର ମଧ୍ୟାହ୍ନରେ ଭଦ୍ରକ ଏସପି ମନୋଜ ରାଉତ ଆରଡି ପୀଠରେ ପହଞ୍ଚି ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହ ମନ୍ଦିର ଭିତରେ ଓ ବାହାରେ ବ୍ୟାରିକେଡ ବୁଲି ଦେଖିଥିଲେ। ବିଶେଷକରି ଜଳପଥ ଓ ସ୍ଥଳପଥରେ ଆସୁଥିବା କାଉଡ଼ିଆ ଭକ୍ତମାନଙ୍କର ସୁଗମ ଯାତ୍ରା ପାଇଁ ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯିବା ସହ ପୀଠରେ ସୁରକ୍ଷା ବ୍ୟବସ୍ଥା ବଢାଯିବ ବୋଲି ଏସପି ଶ୍ରୀ ରାଉତ କହିଥିଲେ। ୩ୟ ସୋମବାରଠାରୁ ପୀଠରେ ବରିଷ୍ଠ ଅଧିକାରୀଙ୍କ ସହ ୧୫ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦେଇଥିଲେ। ପବିତ୍ର ଶ୍ରାବଣ ମାସ ପାଇଁ ଚଳଚଂଚଳ ହୋଇ ଉଠିଛି ବାବା ଆଖଣ୍ଡଳମଣିଙ୍କ



ପୀଠ। ଏହି ମାସରେ ହରହର ମହାଦେବଙ୍କୁ ଜଳାଭିଷେକ କଲେ ବହୁ ପୁଣ୍ୟ ମିଳିଥାଏ। ସେଥିପାଇଁ ଲକ୍ଷାଧିକ କାଉଡ଼ିଆ ଭକ୍ତ ବିଭିନ୍ନ ନଦୀରୁ ଜଳ ଭାର ଧରି ଖାଲି ପାଦରେ ଚାଲିଚାଲି ଆସିଥାନ୍ତି ବାବାଙ୍କ ପୀଠକୁ। ଲକ୍ଷାଧିକ କାଉଡ଼ିଆ ଭକ୍ତମାନଙ୍କର ଭିଡ଼କୁ ଦୃଷ୍ଟିରେ ରଖି ଶ୍ରାବଣ ସୋମବାର ପାଇଁ ପୀଠରେ ତ୍ରିସ୍ତରୀୟ ସୁରକ୍ଷା ପାଇଁ ୧୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ହେଲେ ୩ୟ ସୋମବାରରେ ଅଧିକ ସଂଖ୍ୟକ କାଉଡ଼ିଆ ଭକ୍ତ ଆସିବାକୁ ଥିବାରୁ ପୀଠରେ ସୁରକ୍ଷା ବ୍ୟବସ୍ଥା ବଢାଯିବା ପାଇଁ ଉଭୟ ମନ୍ଦିର ଓ ପୁଲିସ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ଏକାଦଶ ଶ୍ରେଣୀ ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ



ଭଣ୍ଡାରିପୋଖରୀ, ୨୪।୭(ସମିସ): ଭଣ୍ଡାରିପୋଖରୀ ବ୍ଲକର ମଣିନାଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୨୫-୨୬ ଶିକ୍ଷାବର୍ଷରେ ନାମ ଲେଖାଇଥିବା ନବାଗତ ଛାତ୍ରଛାତ୍ରୀଙ୍କୁ ଗୁରୁବାର ପ୍ରବେଶ ଉତ୍ସବରେ ସ୍ୱାଗତ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ସମୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଓ ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଅଧ୍ୟାପକ ଅନାଦି ଚରଣ ସାହୁ, ଶତ୍ରୁଘ୍ନ ବେହୁରିଆ, ଶ୍ୟାମାଶଙ୍କର ଦାଶ, ରବିନ୍ଦ୍ର କୁମାର ପାଢୀ, ଗୋପାଳଚନ୍ଦ୍ର ବେହେରା, ଜ୍ୟୋତିପ୍ରକାଶ ସ୍ୱାଇଁ ନବାଗତ ଛାତ୍ରଛାତ୍ରୀଙ୍କ ସହ ପରିଚିତ ହୋଇଥିଲେ। ଏଥିସହ ବିଦ୍ୟାଳୟ ପରବର୍ତ୍ତୀ ଶିକ୍ଷାଦାନ ଶୈଳୀ, ଶିକ୍ଷାଖସଡା, ଭବିଷ୍ୟତ ଜୀବନ ପାଇଁ ଥିବା ବିଭିନ୍ନ ସୁଯୋଗ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିବେଶ, ପରୀକ୍ଷା ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ପିଲାମାନଙ୍କୁ ଶିକ୍ଷାଦାନ ସମୟ ସାରଣୀ ଯୋଗାଇ ଦିଆଯାଇଥିଲା।

ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ: ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବା ସହ ସ୍ୱାଗତ ଉତ୍ସବ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର, ଆନନ୍ଦଚନ୍ଦ୍ର ନାୟକ, ହରିହର ସାହୁ, ଅଧ୍ୟାପିକା ମମତାରାଣୀ ନାୟକ, ଶ୍ରାବଣୀ ଦାସ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟକ୍ରମ, ଶୈକ୍ଷିକ ଓ ସହଶୈକ୍ଷିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ୟୁଥ ରେଡକ୍ରସ, ଜାତୀୟ ସେବା ଯୋଜନା, ଇକୋ କ୍ଲବ, ବାଳିକା ଆତ୍ମ ସୁରକ୍ଷା ସମ୍ପର୍କରେ ସୂଚନା ଦିଆଯାଇଥିଲା।

## ଭଙ୍ଗାଗଲା ଚାଇଁପୁର ସମବାୟ ସମିତିର ବନ୍ଦ ତାଲା

ବନ୍ତ/ଆଗରପଡ଼ା, ୨୪।୭(ସମିସ): ୩ ମାସ ଧରି ବନ୍ଦ ପଡ଼ିବା ପରେ ଗୁରୁବାର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ସମବାୟ ସମିତିର ତାଲା ଭଙ୍ଗା ଯାଇଥିବା ଜଣାପଡ଼ିଛି। ବନ୍ତ ବ୍ଲକ ଚାଇଁପୁର ସମବାୟ ସମିତିରେ ସମ୍ପାଦକ କାମିନୀକାନ୍ତ ପଣ୍ଡାଙ୍କ ମନମାନି ଯୋଗୁଁ ଅଚଳାବସ୍ଥା ଲାଗି ରହିଥିଲା। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଗୁରୁବାର ତାଲା ଭଙ୍ଗା ଯାଇଛି। ତାଲା ଝୁଲୁଥିବାରୁ କୌଣସି କାର୍ଯ୍ୟ ହୋଇପାରୁ ନଥିଲା। ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଏଥିନେଇ ସମିତି ସଭାପତି ଅଜୟ କୁମାର ନାୟକ ବାଲେଶ୍ୱରସ୍ଥିତ ବିବିସିସି ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନଥିଲା। ପରେ ସମବାୟ ସମିତି ପରିଚାଳନା ପରିଷଦ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଏଆରସିଏସ, ଡିଆରସିଏସ, ରାଜ୍ୟ ସମବାୟ ସଚିବ, ସମବାୟ ମନ୍ତ୍ରୀଙ୍କୁ ଡାକ ଯୋଗେ ଅବଗତ କରିଥିଲେ। ଏହି ତାଲାକୁ




ଅତିରିକ୍ତ ତହସିଲଦାର ଓ ବନ୍ତ ଥାନାଧିକାରିଣୀ ମୋନାଲିସା କରଙ୍କ ସହ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଭଙ୍ଗାଯାଇ ସମିତିର ଲେଜର କ୍ଲର୍କ ସୁଶୀଲ ଦାସଙ୍କ ଜିମାରେ ଦିଆଯାଇଛି।

## ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଅସୁରାଳି, ୨୪।୭(ସମିସ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ଗୋପବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ଦଶମ ଯାଏଁ ୨୫୨ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଏଁ ଚାରା ଦିଆଯାଇଥିଲା। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଗଛ ରୋପଣର ଦୀର୍ଘକାଳୀନ ଲାଭ ବିଷୟରେ ଆଲୋକପାତ କରିଥିଲେ। ପ୍ରତି ଗଛକୁ ନାମ ଦେଇ ତାଲିକା ତିଆରି କରାଯାଇଥିଲା। ସାଧାରଣ ସଭାରେ ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷକ ମଦନ ମୋହନ ସାମନ୍ତରାୟ, ସଭା ସଞ୍ଚାଳନ କରିଥିଲେ ସନ୍ତୋଷ ଦାସ। ମୁଖ୍ୟଅତିଥି ଭାବେ ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ସମାଜସେବୀ ଚତୁର୍ଭୁଜ ନାୟକ, ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ, ସୁଜାତା ମହାନ୍ତି, ପ୍ରମୋଦ ଦାସ, ଅନୁକମ୍ପା ମହିଳା ସଂଗଠନର ସଭାନେତ୍ରୀ କବିତା ସାହୁ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସଞ୍ଜୟ ଅଗସ୍ତି।

## ବର୍ଷା ଦିନରେ ପିଚୁ, ରାସ୍ତା ନିର୍ମାଣରେ ଅନିୟମିତତା

ଅସୁରାଳି, ୨୪।୭(ସମିସ): ଆରଡ଼ି ରୋଡର ଆନନ୍ଦବଜାର ଲକ୍ଷ୍ମୀ ମନ୍ଦିରଠାରୁ ମୁଡ଼ିଗଡ଼ିଆ ପୋଲ ପର୍ଯ୍ୟନ୍ତ ୭ ନମ୍ବର କେନାଲ ନିର୍ମାଣ କାର୍ଯ୍ୟ ନେଇ ଅନିୟମିତତା ଆହତିଛି। ଏହାର ଦୈର୍ଘ୍ୟ ୨ କିଲୋମିଟର ହେଉଛି, ଯାହାପାଇଁ ବିଗତ ସରକାରରେ ଶିଳାନ୍ୟାସ ହୋଇଥିଲା। ୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ପ୍ରାରମ୍ଭିକ ଅବଧି ସରିବା ସତ୍ତ୍ୱେ ନୂଆ ସରକାର ଆସିବା ପରେ କାର୍ଯ୍ୟ ଅବଧି ବଢାଯିବା ଦ୍ୱାରା ଠିକାଦାର ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। ନିର୍ମିତ ରାସ୍ତା ଉପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭାରି ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଅଭିଯୋଗ କରୁଛନ୍ତି ଯେ ନିମ୍ନମାନର ମ୍ୟାଟେରିଆଲ ବ୍ୟବହାର ହୋଇଛି। ରାସ୍ତାର ମୋଟେଇ ଅତ୍ୟଧିକ କମ୍ ରହିଛି। ବ୍ୟୟ ବିପରୀତ ଭାବରେ ଗୁଣବତ୍ତା ଅତି ନିମ୍ନ ଅଛି। ଏହି ପରିପ୍ରେକ୍ଷୀରେ ସହକାରୀ ଯନ୍ତ୍ରୀ କେଶବ ବେହେରାଙ୍କୁ ବର୍ଷା ଦିନରେ କାହିଁକି ପିଚୁ ହେଉଛି ବୋଲି ପ୍ରଶ୍ନ ପଚାରିବାରୁ ସେ କହିଲେ, ପାଗ ଭଲ ଥିବାରୁ ରାସ୍ତାର କାମ କରିଥିଲୁ। ତେବେ, ଜଳସେଚନ ବିଭାଗ ଉପରେ ନିର୍ମାଣ କାର୍ଯ୍ୟର ସଠିକ ନିରୀକ୍ଷଣ ଓ ମୁଲ୍ୟାଙ୍କନ ନ ହେବା ନେଇ ଏହି କାର୍ଯ୍ୟର ଏକ ସ୍ୱତନ୍ତ୍ର ତଦନ୍ତ ଆରମ୍ଭ କରିବା ଅତ୍ୟନ୍ତ ଆବଶ୍ୟକ। ପର୍ଯ୍ୟାପ୍ତ ଆଧାର ଏବଂ ରିପୋର୍ଟ ମାଧ୍ୟମରେ ଠିକାଦାର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୁଦ୍ଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



## ବାସୁଦେବପୁର-ଇଚ୍ଛାପୁର ରାସ୍ତା ନିର୍ମାଣରେ ଅବହେଳା



ବାସୁଦେବପୁର, ୨୪।୭(ସମିସ): ରାସ୍ତା ପ୍ରଶସ୍ତୀକରଣ କାମରେ ଗୋଟିଏ ପରେ ଗୋଟିଏ ଅବହେଳା କରୁଛନ୍ତି ବନ ବିଭାଗ ଓ ବିଦ୍ୟୁତ ବିଭାଗ। ଏନେଇ ଅଭିଯୋଗ ଫଳରେ ବିଧାୟକ ଅଶୋକ କୁମାର ଦାସ ରାସ୍ତା କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ବାସୁଦେବପୁରରୁ ଇଚ୍ଛାପୁର ପର୍ଯ୍ୟନ୍ତ ଆରଏଣ୍ଡବି ରାସ୍ତାର ପ୍ରଶସ୍ତୀକରଣ କାମ ୨୦୨୩-୨୪ରେ ଆରମ୍ଭ ହୋଇଥିଲା। ତେବେ, ବାସୁଦେବପୁର ଇଚ୍ଛାପୁର ରାସ୍ତାର ନା ଗଛ କଟା ହୋଇଛି ନା ହୋଇଛି ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତରଣ। ରାସ୍ତାର ପ୍ରଶସ୍ତୀକରଣ କାମ ଶେଷ ହେବାକୁ ବସିଲାଣି ହେଲେ ଗଛ କଟା ହୋଇ ନାହିଁ କି ବିଦ୍ୟୁତ ଖୁଣ୍ଟ ହଟିନାହିଁ। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ପାଇ ବାସୁଦେବପୁର ବିଧାୟକ ଶ୍ରୀ ଦାସ ନେଉଣ୍ଡିଆ ସାହି ଛକରେ କାମ ଚାଲିଥିବା ବେଳେ ନିର୍ମାଣ କାମକୁ ଦେଖିବାକୁ ରାସ୍ତାର ପହଞ୍ଚିଥିଲେ। କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆରଏଣ୍ଡବିର ଅଧିକାରୀ, ବିଦ୍ୟୁତ ବିଭାଗର ଅଧିକାଧଙ୍କୁ ଡକାଇ କଡା ତାଗିଦ କରି ଚରମବାଣୀ ଶୁଣାଇଥିଲେ। ବାସୁଦେବପୁର-ଜାମୁଝାଡି ରାସ୍ତା କାମ ଦୁଇ ବର୍ଷ ହେବ ଶେଷ ହେଲା। ଏପର୍ଯ୍ୟନ୍ତ ସୁଧା ରାସ୍ତାର ବିଦ୍ୟୁତ ଖୁଣ୍ଟ ହଟିନାହିଁ। ଫଳରେ ରାସ୍ତାର ଦୁର୍ଘଟଣାର ଶିକାର ହୋଇ ମୁଣ୍ଡ ଗଡୁଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ କାମ ହେଉଥିବା ବେଳେ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। ବାସୁଦେବପୁର ଇଚ୍ଛାପୁର ରାସ୍ତାର ୧୦ ମିଟର ରାସ୍ତା କାମ ହେବ। ସେଥିମଧ୍ୟରୁ ସାତ ମିଟର ପିଚୁ ହେବ। ଅବଶିଷ୍ଟ ତିନି ମିଟର ରାସ୍ତାର ଦୁଇ ପାର୍ଶ୍ୱର ପ୍ରଶସ୍ତୀକରଣ କାମ ହେବାର ନିୟମ ରହିଛି। ରାସ୍ତାର ଗଛ ଓ ବିଦ୍ୟୁତ ଖୁଣ୍ଟ ଉଠି ନଥିବାରୁ ଠିକାଦାର ନୀତିନିୟମକୁ ଉଲ୍ଲଂଘନ କରି ମନଇଚ୍ଛା କାମ କରି ଚାଲିଛି। ବିଭାଗୀୟ ଅଧିକାରୀ ପାରଗତା ପାଇଁ କାମ ନିମ୍ନମାନର ହେଉଥିବାର ଅଭିଯୋଗ ହେଉଛି। ଭଦ୍ରକ ଜିଲ୍ଲାପାଳ ପ୍ରତ୍ୟକ୍ଷ ଭାବେ ପରିଦର୍ଶନ କଲେ କାମର ମାନ ବଜାୟ ରହିବା ସହିତ ସଠିକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି।

# ଭଦ୍ରକ ରୋଟାରୀ କ୍ଲବ୍‌ର ୫୪ତମ ଅଧିଷ୍ଠାନ ଓ ସଦ୍‌ଭାବନା ସମ୍ମାନ

ଭଦ୍ରକ, ୨୪।୭(ସମିସ)

ଭଦ୍ରକ ରୋଟାରୀ କ୍ଲବର ୫୪ତମ ଅଧିଷ୍ଠାନ ଉତ୍ସବ ଓ ସଦଭାବନା ସମ୍ମାନ ଉତ୍ସବ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଦାୟୀ ସଭାପତି ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱ ଏବଂ ଉତ୍ସବର ଚେୟାରମେନ ପ୍ରଣବ କୁମାର ସାହୁଙ୍କ ପରିଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଏବଂ ଅଧିଷ୍ଠାନ ଉତ୍ସବର ମୁଖ୍ୟଅତିଥି ପୂର୍ବ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋ.ଯଜ୍ଞାଶିଷ ମହାପାତ୍ର, ନବନିର୍ବାଚିତ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋ. ଇନ୍ଦ୍ରଜିତ ସାହୁ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋ.ପ୍ରଦୀପ୍ତ କୁମାର ପଣ୍ଡା, ଅବସପ୍ରାପ୍ତ ଏସପି ବିକାଶଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସଭାପତି ରୋ. ନାସିର ବକ୍ସ ଓ ସମ୍ପାଦକ ବାଦଲ କିଶୋର ମହାପାତ୍ରଙ୍କୁ ପୂର୍ବ ବର୍ଷ ସଭାପତି ସନ୍ତୋଷ ନାୟକ ଓ ସହସମ୍ପାଦକ ରୋ ବସନ୍ତ ସାମଲ ଆନୁଷ୍ଠାନିକ ଭାବେ ରୋଟାରୀ କଲାର, ହାତୁଡ଼ି ଓ ଚାର୍ଟର ସାର୍ଟିଫିକେଟ ପ୍ରଦାନ କରିଥିଲେ। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ପଦ ଗୋପନୀୟତାର ଶପଥ ପାଠ କରାଇଥିଲେ। ନୂତନ ଭାବେ ୪ ଜଣ ସଭ୍ୟଙ୍କୁ ମଧ୍ୟ ଶପଥ ପାଠ କରାଯାଇଥିଲା। ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ହୋଇଥିବା ଶିବ ଦୁର୍ଗା ହାଇସ୍କୁଲ ଚାନ୍ଦବାଲିର ଛାତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ ଓ ସରସ୍ୱତୀ ବିଦ୍ୟାମନ୍ଦିର ଭଦ୍ରକର ଛାତ୍ର ସାସ୍ୱତ ବେହେରାଙ୍କ ସହିତ ଭଦ୍ରକ ମ୍ୟୁନିସିପାଲିଟି ଅନ୍ତର୍ଗତ ଦୁଇଜଣ ମେଧାବୀ ଗରିବ ଛାତ୍ରଛାତ୍ରୀଙ୍କୁ ରୋଟାରୀ ଆୱାର୍ଡ ଓ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲ୍ଲାର ମୁଖ୍ୟ ସହର ଭଦ୍ରକ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭାଇଚାରା ଓ ସଦଭାବନା ରକ୍ଷା ପାଇଁ ଅବଦାନ ଥିବା ବ୍ୟକ୍ତି ବିଶେଷ ଡ଼. ବିଶ୍ୱଜିତ, ଏସ. ଏମ ଫାରୁକ, ଶେଖ ଜଲାଲୁଦ୍ଦିନ, (ବନ୍ତ), ସୁଧାକର ରାଉତ, ବିଦ୍ୟାଧର ସାହୁ, ଇଂ ଅନୱାର ସାହେବ (ସଭାପତି ଦୁଃଖୀ ସମାଜ) ଅଖିଳଚନ୍ଦ୍ର ପାଢ଼ୀ, ଅଶୋକ କୁମାର ଦାସ, ପବନ କୁମାର ଶର୍ମା, ହରିପ୍ରସାଦ ନନ୍ଦୀ, ଜମିଲ ଅକତାର ଖାନ, ମୋକିତ ଖାନ, କବି ମୁସ୍ତାକ ଗହୋର, ଅନୱର ହୋସେନ, ଅଖିଳ ଭାରତୀୟ ଦୁଖୀସମାଜ, ସରକାର ନଗର ଏବଂ ହାପିକ୍ଲବ, କେନ୍ଦୁଆପଦାଙ୍କୁ ରୋଟାରୀ ସଦଭାବନା ସମ୍ମାନ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଛି।



ଏହି ସଭାରେ ବାଲେଶ୍ୱର, ଯାଜପୁର, ଭୁବନେଶ୍ୱର, ବ୍ରହ୍ମପୁର ଓ ଆନନ୍ଦପୁର ସମେତ ବହୁ ରୋଟାରୀ କ୍ଲବରୁ ଶତାଧିକ ରୋଟାରିଆନ ଯୋଗ ଦେଇଥିଲେ। ବସନ୍ତ କୁମାର ପାଣିଗ୍ରାହୀ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଉମାକାନ୍ତ ଜେନା, ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ଅଜିତ ଦାସ, ବୈରାଗୀ ଧଳ, ଭାସ୍କରଚନ୍ଦ୍ର ପାଢ଼ୀ, ଶଶିଶେଖର କରଶର୍ମା, ବିଏନ ଦାସ, ଗୟାଧର ପଣ୍ଡା, ଶାନ୍ତିସ୍ୱରୂପ ମିଶ୍ର, ଅଜିତ ମହାପାତ୍ର, ପ୍ରମୋଦ କୁମାର ଜେନା ଓ ସାଇସ୍ମିତା ସାମଲ ପ୍ରମୁଖ ସହଯୋଗ କରିଥିଲେ। ତପସ୍ୱିନୀ ଦାସ ଆୱାର୍ଡ଼ କମିଟିକୁ ଚାରିଜଣ ଶ୍ରେଷ୍ଠ ଛାତ୍ରଙ୍କ ପାଇଁ ୩୦ ହଜାର ଟଙ୍କା ସ୍ଥାୟୀ ଜମା ପାଇଁ ପ୍ରଦାନ କରିଥିଲେ। ସର୍ଜଣ୍ଟ ଆଟ ଆର୍ମ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭିଏସ୍ ଅଚ୍ୟୁତାନନ୍ଦନଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୨୪।୭(ସମିସ): ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭାରତର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କେରଳ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇ(ଏମ)ର ପୂର୍ବତନ ପଲିଟବ୍ୟୁରୋ ସଭ୍ୟ ଭିଏସ୍ ଅଚ୍ୟୁତାନନ୍ଦନ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭା ବନ୍ତ ଛକଠାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଦଳିତ ପରିବାରରେ ଜନ୍ମଗ୍ରହଣ କରି କେରଳ ରାଜ୍ୟର ମତ୍ସ୍ୟଜୀବୀଙ୍କ ଅଧିକାରର ସୁରକ୍ଷା ପାଇଁ ଲଢେଇ ଆରମ୍ଭ କରି ପରବର୍ତ୍ତୀ ଅବସ୍ଥାରେ ୨୦୦୬ରୁ ୨୦୧୧ ମସିହା ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। କେରଳ ବିଧାନସଭାରେ ସେ ୧୫ ବର୍ଷ ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇଥିଲେ। ଭୂସଂସ୍କାର ଆଇନ ବଳରେ ଗରିବ ଭୂମିହୀନ ଲୋକଙ୍କ ଭିତରେ ପ୍ରାୟ ୧ ଲକ୍ଷ ହେକ୍ଟର ଚାଷ ଜମି ବଣ୍ଟନ କରିବା କ୍ଷେତ୍ରରେ ତାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। କେରଳ ରାଜ୍ୟରେ ଚା ଚାଷୀ, ରବର ଚାଷୀ, କପା ଚାଷୀ ଓ ସମସ୍ତ ପ୍ରକାରର ଚାଷୀଙ୍କ ପାଇଁ ସମବାୟ ସମିତି ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କେରଳ ରାଜ୍ୟକୁ ସେ ଭାରତର ୧ ନଂ ଶିକ୍ଷିତ ରାଜ୍ୟରେ ପରିଣତ କରିଥିଲେ। କେରଳରେ ଜଳପଥରେ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଐତିହାସିକ ପୁନପ୍ରା ଭାୟାଲର କୃଷକ ଆନ୍ଦୋଳନରେ ସେ ଥିଲେ ପ୍ରମୁଖ ସେନାପତି। ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇବା ପୂର୍ବକ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ସୁରଜିତା ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରହଲ୍ଲାଦ ପତି, ଯୁବ ନେତା ସେକ୍ ସନାଉଲ୍ଲା , ଭଦ୍ରକ ମୋହରିର ସଂଘର ନେତା ମୁକ୍ତିକାନ୍ତ ବାରିକ୍, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ପାଣିଗ୍ରାହୀ, ଯୁବ ନେତା ସେକ୍ ରୁସ୍ତମ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ସିଆଇଟିୟୁ ନେତା ମୁନା ନାୟକ, କର୍ମଚାରୀ ନେତା ଅଶ୍ୱିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



**ବଢୁଛି ଜଳବୁଡ଼ି ମୃତ୍ୟୁ ସଂଖ୍ୟା**

# ରାଜ୍ୟରେ ଦିନକୁ ମରୁଛନ୍ତି ୫ଜଣ



- ୨୦୨୩-୨୪ ବର୍ଷରେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ୧୮୦୬
- ଗତ ୭ ମାସରେ ଗଲାଣି ୮୦୦ରୁ ଊର୍ଦ୍ଧ୍ୱ ଜୀବନ
- ସଚେତନତା ଓ ପ୍ରତିଷେଧକ ଅଭାବରୁ ବଢୁଛି ମୃତ୍ୟୁ ସଂଖ୍ୟା

**ଆଜି ବିଶ୍ୱ 'ବିଶ୍ୱ ଜଳବୁଡ଼ି ପ୍ରତିଷେଧକ ଦିବସ'**

ଭୁବନେଶ୍ୱର, ୨୪।୭(ସମିସ): ରାଜ୍ୟରେ ଜଳବୁଡ଼ି ମୃତ୍ୟୁସଂଖ୍ୟା ଦିନକୁ ଦିନ ଉପରମୁହାଁ ହେବାରେ ଲାଗିଛି। ସଚେତନତା ଅଭାବ ସାଙ୍ଗକୁ ପ୍ରଶାସନିକସ୍ତରରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବାରୁ ପ୍ରତିଦିନ ନଦୀ, ହ୍ରଦ, ସମୁଦ୍ର, ଜଳପ୍ରପାତ ଆଦି ଜଳାଶୟଗୁଡ଼ିକରେ ବୁଡ଼ି ଅନେକଙ୍କ ପ୍ରାଣ ଯାଉଛି। ସ୍ଥିତି ଏତେ ସାଂଘାତିକ ଯେ ପରିସଂଖ୍ୟାନ କହୁଛି, ରାଜ୍ୟରେ ଦୈନିକ ପ୍ରାୟ ୫ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟୁଛି। ବିଗତ ବର୍ଷମାନଙ୍କରେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ରହିଥିବା ବେଳେ ଚଳିତ ବର୍ଷର କେବଳ ୭ ମାସ ଭିତରେ ୮୦୦ରୁ ଊର୍ଦ୍ଧ୍ୱ ପାଣିରେ ବୁଡ଼ି ପ୍ରାଣ ହରାଇସାରିଲେଣି। ଗତ ୨୦୨୩-୨୪ରେ ଗଞ୍ଜାମ ଓ ବାଲେଶ୍ୱର ଜିଲାରେ ଅଧିକ ବ୍ୟକ୍ତିଙ୍କ ଜଳବୁଡ଼ି ଜନିତ ମୃତ୍ୟୁ ହୋଇଥିଲା।

ବିଶେଷଜ୍ଞମାନଙ୍କ ମତରେ ଓଡ଼ିଶା ଭଳି ରାଜ୍ୟରେ ଜଳବୁଡ଼ି ମୃତ୍ୟୁର ବିଭିନ୍ନ କାରଣ ରହିଛି। ଗାଧୋଇବା ବେଳେ ଅଜାଣତରେ ଗଭୀର ଜଳାଶୟକୁ ଖସିଯିବା, କାମଚଳା ପହଁରା ଶିଖି ନଦୀସ୍ରୋତରେ ପହଁରିବାକୁ ଚେଷ୍ଟା କରିବା, ନିଶା ଖାଇ ପୋଖରୀ କିମ୍ବା ନଦୀରେ ପଶିବା, ଡଙ୍ଗା କିମ୍ବା ବୋଟ୍‌ରେ କ୍ଷମତାଠାରୁ ଅଧିକ ଲୋକ ଜଳଯାତ୍ରା କରିବା ଆଦି ମୁଖ୍ୟ କାରଣ।

ଏଭଳି ଅକାଳ ମୃତ୍ୟୁକୁ ରୋକିବା ଲାଗି ଜାତିସଂଘ ତରଫରୁ ପ୍ରତିବର୍ଷ ଜୁଲାଇ ୨୫ ତାରିଖକୁ ଜଳବୁଡ଼ି ପ୍ରତିଷେଧକ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ (ହୁ') ପକ୍ଷରୁ ସରକାରଙ୍କୁ କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶନାମା ମଧ୍ୟ ଦିଆଯାଇଛି। ବିପଦପୂର୍ଣ୍ଣ ସ୍ଥାନରେ ଗାଧୋଇବା ଉପରେ ନିଷେଧାଦେଶ ଜାରି, ସର୍ବସାଧାରଣ ଗାଧୋଇବା ସ୍ଥଳରେ ତାରବାଡ଼ ଘେରାଇ ସୁରକ୍ଷିତ ସ୍ନାନ ବ୍ୟବସ୍ଥା କରିବା ଏବଂ ଗାଧୋଇବା ଲାଗି ସ୍ୱତନ୍ତ୍ର ଘାଟ ନିର୍ମାଣ ଭଳି ପଦକ୍ଷେପ ନେବାକୁ ପରାମର୍ଶ ରହିଛି। ଏପରିକି, ସ୍ଥାନୀୟ ପ୍ରଶାସନ ଜରିଆରେ ଏନେଇ ସାଧାରଣରେ ସଚେତନତା ସୃଷ୍ଟି ଓ ନଦୀକୂଳ ଅଞ୍ଚଳର ଲୋକଙ୍କୁ ପହଁରା ତାମିଲ ଦେବା ଇତ୍ୟାଦି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। କିନ୍ତୁ ତମାମ ନିର୍ଦ୍ଦେଶାବଳୀ ସତ୍ତ୍ୱେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ଉପରେ ଲଗାମ ଲଗାଯାଇପାରୁନାହିଁ।

ମିଳିତ ଜାତିସଂଘର ପରିସଂଖ୍ୟାନ ଅନୁସାରେ, ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨ଲକ୍ଷ ୩୬ହଜାର ବା ପ୍ରତିଦିନ ପ୍ରାୟ ୬୫୦ଜଣ ଜଳରେ ବୁଡ଼ି ପ୍ରାଣ ହରାଉଛନ୍ତି। ଭାରତରେ ଏହି ସଂଖ୍ୟା ବର୍ଷକୁ ପ୍ରାୟ ୩୮ ହଜାର ବା ଦିନକୁ ପ୍ରାୟ ୧୦୪ ରହିଛି। ଏହି ଅଲୋଡ଼ା ରେକର୍ଡରୁ ଓଡ଼ିଶା ମଧ୍ୟ ବାଦ୍ ପଡ଼ିନାହିଁ। ରାଜ୍ୟରେ ପ୍ରତିବର୍ଷ ହାରାହାରି ୧୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପାଣିରେ ବୁଡି ମୃତ୍ୟୁବରଣ କରୁଛନ୍ତି। ବର୍ଷ ୨୦୨୩-୨୪ରେ ଓଡ଼ିଶାରେ ଏହି ସଂଖ୍ୟା ୧୮୦୬ ଥିଲା। ଅର୍ଥାତ୍ ପ୍ରତିଦିନ ପ୍ରାୟ ୫ଜଣଙ୍କ ମୃତ୍ୟୁ ହୋଇଛି। ବର୍ଷା ଋତୁ ଅପେକ୍ଷା ଅନ୍ୟ ଋତୁରେ ମଧ୍ୟ ଅସାବଧାନତା ଯୋଗୁଁ ଏକାଧିକ ବ୍ୟକ୍ତି ପାଣିରେ ବୁଡ଼ି ପ୍ରାଣ ହରାଉଛନ୍ତି।

ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ୨୦୨୧-୨୨ରେ ରାଜ୍ୟର ୩୦ଟି ଜିଲ୍ଲାରେ ମୋଟ ୧୨୦୯ଜଣ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ବେଳେ ୨୦୨୨-୨୩ରେ ଏହି ସଂଖ୍ୟା ୧୭୩୮କୁ ବୃଦ୍ଧି ପାଇଥିଲା। ସେହିପରି, ୨୦୨୩-୨୪ରେ ୧୮୦୬ଜଣଙ୍କ ମୃତ୍ୟୁ ହୋଇଥିବା ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ତେବେ ୨୦୨୧-୨୨ ଏବଂ ୨୦୨୨-୨୩ରେ ମୟୂରଭଞ୍ଜରେ ରାଜ୍ୟର ସର୍ବାଧିକ ଲୋକଙ୍କ ଜଳବୁଡ଼ି ଜନିତ ମୃତ୍ୟୁ ଘଟିଥିଲା। ଜିଲ୍ଲାରେ ୨୦୨୧-୨୨ରେ ୧୦୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୨-୨୩ ବର୍ଷରେ ୧୩୯ ଜଣ ପ୍ରାଣ ହରାଇଥିଲେ।

**ଶ୍ରୀମନ୍ଦିରରେ ଚିତାଲାଗି ନୀତି**

# ଶ୍ରୀମୁଖରେ ଝଲସିଲା ରତ୍ନ ଚିତା

ପୁରୀ, ୨୪।୭ (ସମିସ): ପବିତ୍ର ଚିତାଲାଗି ଅମାବାସ୍ୟା ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ଚିତାଲାଗି ନୀତି ସମ୍ପନ୍ନ ହୋଇଛି। ତିନିଠାକୁରଙ୍କୁ ଦଇତାପତି ସେବକମାନେ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସି ଉଠୁଛି ରତ୍ନଚିତା। ଶ୍ରୀମନ୍ଦିରରେ ଅପରାହ୍ଣ ୨ଟା ୨୫ରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନିଆଯାଇ ଖଟଶେଯ ଘରେ ବିଜେ କରାଯାଇଥିଲା। ପରେ ୨ଟା ୫୫ରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ଅପରାହ୍ଣ ୩ଟାରେ ଦଇତାପତି ସେବକମାନେ ଚିତାଲାଗି ପାଇଁ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ର ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମୁଖରେ ଏହି ଚିତାଲାଗି କରାଇଥିଲେ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ହୀରାଖଚିତ ସୁବର୍ଣ୍ଣ ଚିତାଲାଗି କରାଯାଇଥିବା ବେଳେ ବଡ଼ଠାକୁର ଶ୍ରୀବଳଭଦ୍ର ନୀଳା ଖଚିତ ସୁବର୍ଣ୍ଣ ଚିତା ଏବଂ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତା ଲାଗି ହୋଇଥିଲେ। ସନ୍ଧ୍ୟା ୬ଟାରେ ଚିତାଲାଗି ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତ ତିନିବାଡ଼ରେ ମହାସ୍ନାନ କରିଥିଲେ। ପରେ ଖଟଶେଯ ଘରେ ଥିବା ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢ଼ି ପାଣି ପଡ଼ିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଚିତାଲାଗି ତଥା ଚିତଉ ଅମାବାସ୍ୟାରେ ଠାକୁରଙ୍କୁ ସକାଳ ଧୂପରେ ଚିତଉ ପିଠା ଲାଗି କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ନାନ ପୂର୍ଣ୍ଣିମା ଦିନ ଅଣସର ଘରେ ଠାକୁରମାନଙ୍କ ଶ୍ରୀମସ୍ତକରୁ ଚିତାମାନ ଓଲାଗି କରାଯାଇ ରଖାଯାଇଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାରେ ତିନିଠାକୁର ରଥରେ ସୋଲ ନିର୍ମିତ ଚିତା ଧାରଣ କରିଥା'ନ୍ତି। ଚିତାଲାଗି ଅମାବାସ୍ୟାରେ ସୋଲ ଚିତା ଓଲାଗି ହୋଇ ରତ୍ନଖଚିତ ସୁବର୍ଣ୍ଣ ଚିତା ଠାକୁରମାନେ ଲାଗି ହୋଇଥା'ନ୍ତି।

## ବଳଦେବଜୀଉଙ୍କ ମସ୍ତକରେ ଲାଗି ହେଲା ସୁବର୍ଣ୍ଣ ଚିତା

କେନ୍ଦ୍ରାପଡ଼ା,୨୪।୭(ସମିସ):ବଳଦେବଜୀଉଙ୍କ ମସ୍ତକରେ ଲାଗି ହେଲା ସୁବର୍ଣ୍ଣ ଚିତା। ଆଜି ପବିତ୍ର ଚିତା ଲାଗି ଅମାବାସ୍ୟାରେ ବଳଦେବଜୀଉଙ୍କ ମସ୍ତକରେ ଚିତାଲାଗି ନୀତି ସମ୍ପନ୍ନ କରାଯାଇଛି। ପ୍ରତ୍ୟୁଷରୁ ଦ୍ୱାର ଫିଟାଯାଇ ଜୟ ମଙ୍ଗଳା ଆଳତି ହୋଇଥିଲା। ପରେ ନୀତିସ୍ନାନ, ବଲ୍ଲଭ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ସୁନେରି ସେବକ ଦ୍ୱାରା ଭଣ୍ଡାର ଗୃହରୁ ସଫେଇ ନିମନ୍ତେ ଚିତା ବାହାର କରାଯାଇ ସୁରକ୍ଷା ଭିତରେ ଅଫିସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସଫେଇ କାର୍ଯ୍ୟ ସମ୍ପନ୍ନ ପରେ ମନ୍ଦିରକୁ ଅଣାଯାଇଥିଲା। ପୂଜା ପଣ୍ଡାଙ୍କ ଦ୍ୱାରା ମହାପ୍ରଭୁଙ୍କୁ ରାଜାଧିରାଜ ବେଶ ଅନୁଷ୍ଠିତ କରାଯାଇଥିଲା। ପରେ ସୁବର୍ଣ୍ଣ ଚିତା ଶ୍ରୀଜୀଉଙ୍କ ମସ୍ତକରେ ଲାଗି କରାଯାଇଥିଲା। ଲାଗି ସମ୍ପନ୍ନ ପରେ ମଙ୍ଗଳାର୍ପଣ ଚିତଉ ପିଠା ଭୋଗ ଅର୍ପଣ କରାଯାଇଥିଲା। ସୁନେରି ସେବକଙ୍କ ଖଟଣି ଭୋଗ ହୋଇଥିଲା। ଶ୍ରାବଣ ମାସ କୃଷ୍ଣପକ୍ଷ ଅମାବାସ୍ୟାରେ ଚିତାଲାଗି କରାଯାଉଥିବାରୁ ଏହାକୁ ଚିତା ଲାଗି ଅମାବସ୍ୟା କୁହାଯାଏ। ଏହି ଦିନ ଘରେ ଗୃହିଣୀଙ୍କ ଦ୍ୱାରା ପିଠା ପ୍ରସ୍ତୁତ କରାଯାଇ ଗୃହ ଦେବତାଙ୍କୁ ଭୋଗ କରାଯିବା ପରେ ପୋଖରୀରେ ଗେଣ୍ଡା ଶାମୁକା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଦିଆଯିବାର ପ୍ରଥା ରହିଛି।



# ମହିମା ଗୋସାଇଁ ଏକ୍ସପ୍ରେସ ଲାଇନଚ୍ୟୁତ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ସମ୍ବଲପୁର, ୨୪।୭ (ସମିସ): ଆଜି ପୁଣି ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଶାଳିମାରରୁ ସମ୍ବଲପୁରକୁ ଆସୁଥିବା ମହିମା ଗୋସାଇଁ ଏକ୍ସପ୍ରେସ (୨୦୮୩୧)ର ଶେଷରେ ଥିବା ଟ୍ରଲି ବା ପାର୍ସଲ ବଗିର ପୂର୍ବ ଅଣସଂରକ୍ଷିତ ବଗିଟି ସମ୍ବଲପୁର ସିଟି ଓ ସମ୍ବଲପୁର ଷ୍ଟେସନ ମଧ୍ୟରେ ଲାଇନଚ୍ୟୁତ ହୋଇଯାଇଥିଲା। ଟ୍ରେନ୍‌ଟି ଆଜି ସକାଳ ପ୍ରାୟ ୯ଟା ୧୮ ମିନିଟ୍‌ରେ ସମ୍ବଲପୁର ସିଟି ଷ୍ଟେସନ୍ ଛାଡ଼ିବାର କେଇ ମିନିଟ ମଧ୍ୟରେ କିଛି ଦୂର ସଙ୍କର୍ମା ଅଣ୍ଡରପାସ ନିକଟରେ ବଗିଟି ଲାଇନଚ୍ୟୁତ ହୋଇଯାଇଥିଲା। ତେବେ ଷ୍ଟେସନ୍ ଛାଡୁଥିବାରୁ ଟ୍ରେନଟି ଅତି ମନ୍ଥର ଗତିରେ ରହିଥିଲା। ଫଳରେ ବଡ଼ ଅଘଟଣ ଘଟିନଥିଲା କିମ୍ବା କେହି ମୃତାହତ ହୋଇନଥିଲେ। ପରେ ସମ୍ବଲପୁର ଷ୍ଟେସନ୍‌ରୁ ଏକ ଇମର୍ଜେନ୍ସି ଟ୍ରେନ୍ ଓ ମରାମତି ବଗି ଘଟଣାସ୍ଥଳରେ ପହଞ୍ଚି ବୈଷୟିକ ଟିମ୍ ଦୁର୍ଘଟଣାଗ୍ରସ୍ତ ବଗିକୁ ରେଳଧାରଣାରୁ ଉଠାଇବା ଏବଂ ରେଳଧାରଣା ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ଶେଷ ୨ଟି ବଗିକୁ ଛାଡ଼ି ଯାତ୍ରୀମାନଙ୍କୁ ନେଇ ଟ୍ରେନ୍‌ଟି ସମ୍ବଲପୁର ରେଳଷ୍ଟେସନକୁ ଚାଲିଯାଇଥିଲା। ଅପରାହ୍ଣ ୧୨ଟା ୪୮ ମିନିଟ୍ ସମୟରେ ଦୁର୍ଘଟଣାଗସ୍ତ ବଗିଟି ରେଳଧାରଣାକୁ ଫେରିବା ପରେ ସ୍ୱତନ୍ତ୍ର ଇଞ୍ଜିନ୍ ଯୋଡ଼ି ସମ୍ବଲପୁର ଷ୍ଟେସନକୁ ଅଣାଯାଇଥିଲା। ପରେ ସମ୍ବଲପୁର ସିଟି-ସମ୍ବଲପୁର ସେକ୍ସନରେ ରେଳଚଳାଚଳ ସ୍ୱାଭାବିକ ହୋଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।



ଟ୍ରେନ ଲାଇନଚ୍ୟୁତ ହୋଇଥିବାବେଳେ ଘଟଣାସ୍ଥଳରେ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀଙ୍କ ସମେତ ବରିଷ୍ଠ ରେଳବାଇ ଅଧିକାରୀମାନେ ପହଞ୍ଚି ଦୁର୍ଘଟଣା ବିଷୟରେ ତଦନ୍ତ କରିବାସହ ମରାମତି କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।



ଶ୍ରାବଣୀ ବାଦଲ ଦେହରେ ଇନ୍ଦ୍ରଧନୁର ଛିଟା (ଫଟୋ-ଅନିଲ)

# ଓଡ଼ିଆ ଭାଷାରେ ପ୍ରସ୍ତୁତ +୨ ବିଜ୍ଞାନ ବହି ଲୋକାର୍ପିତ

ଭୁବନେଶ୍ୱର, ୨୪।୭ (ସମିସ): ଚଳିତ ଶିକ୍ଷାବର୍ଷରେ +୨ ଏକାଦଶ ଶ୍ରେଣୀ ନବାଗତ ବିଦ୍ୟାର୍ଥୀ ପ୍ରବେଶ ଦିବସ ଉପଲକ୍ଷେ ଓଡ଼ିଆ ଭାଷାରେ ପ୍ରସ୍ତୁତ +୨ ବିଜ୍ଞାନ ବହି ଲୋକାର୍ପିତ ହୋଇଯାଇଛି। ଏହି ଉପଲକ୍ଷେ ରମାଦେବୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଶିଳ୍ପ ତଥା ଦକ୍ଷତା ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଲୋକାର୍ପଣ କରିଥିଲେ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଇଂରାଜୀକୁ ଗୁରୁତ୍ୱ ଦେଉଥିବାରୁ ଭାରତର ସାମ୍ବିଧାନିକ ଭାଷା ଅବହେଳା ହେଉଛି। ଏଭଳି ସ୍ଥିତିରେ ଅସମ୍ଭବ ମନେ ହେଉଥିବା +୨ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ଓ ଉଦ୍ଭିଦ ବିଜ୍ଞାନ, ଗଣିତ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭଳି ଜଟିଳ ବିଷୟବସ୍ତୁକୁ ଭଲ ଭାବେ ବୁଝିବା ପାଇଁ ସରଳ ଓଡ଼ିଆ ଭାଷାରେ ଲେଖିଥିବା ଲେଖକମାନଙ୍କ ଅବଦାନକୁ ସ୍ମରଣ କରି ଧନ୍ୟବାଦ ଦେବା ସହ ଏହି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ଦେଖାଇଥିବା ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର କର୍ମକର୍ତ୍ତାଙ୍କୁ ଉଭୟ ସାଧୁବାଦ ଜଣାଇଥିଲେ।



**ଜଟିଳ ବିଷୟବସ୍ତୁକୁ ଭଲ ଭାବରେ ବୁଝିବା ହେବ ସରଳ**

ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡ. ସରୋଜଲକ୍ଷ୍ମୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ରାଉରକେଲା ଜାତୀୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧକ୍ଷ ଡ. ନଟବର ଶତପଥୀ, ବୈଷୟିକ ପୁସ୍ତକ ଅନୁବାଦ କମିଟି ଅଧକ୍ଷ ପ୍ରଫେସର ଓଁକାରନାଥ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ଶତପଥୀ ପ୍ରମୁଖ ଲେଖକୀୟ ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ୫୦ଟି ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ +୨ ବିଜ୍ଞାନ ବହି ବିତରଣ କରାଯିବା ସହିତ ଓଡିଆରେ ଏହି ପୁସ୍ତକ ରଚନା କରିଥିବା ବାରଜଣ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

**୩ ଦଳିତ ମହିଳାଙ୍କ ପୈତୃକ ସମ୍ପତ୍ତି କ୍ରୟ ଓ ଜମି ଅଧିଗ୍ରହଣ କ୍ଷତିପୂରଣ ରାଶି ହଡ଼ପ ପ୍ରସଙ୍ଗ**

# କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

କଟକ, ୨୪।୭ (ସମିସ): ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ଅଧୀନ କେନ୍ଦୁଝର ଜିଲ୍ଲା ସିଙ୍ଗରା-ବିଙ୍ଗବାହାଲ ଜାତୀୟ ରାଜପଥର ୪ ଥାକିଆ ରାସ୍ତା ସଂପ୍ରସାରଣ ପାଇଁ ସଂପତ୍ତି ହରାଇଥିବା ୩ ଦଳିତ (ଅନୁସୂଚିତ ଜାତି) ମହିଳାଙ୍କ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣରାଶିକୁ ତଞ୍ଚକତାପୂର୍ବକ ହଡ଼ପ କରାଯାଇଥିବା ପ୍ରସଙ୍ଗକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଆବେଦନକାରୀ ତିନି ଭଉଣୀଙ୍କ ପୈତୃକ ତଥା ଅଣବିଭାଜିତ ସହଭାଗୀ ଜମିର ମାଲିକାନା ବିଭାଜନ ନ ହୋଇ ତଥା ଉତ୍ତରାଧିକାରୀଙ୍କ ସମ୍ମତି ବିନା ହୋଇଥିବା ବିକ୍ରି ପଞ୍ଜୀକରଣ ଉପରେ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏଭଳି ବିକ୍ରି ପଞ୍ଜୀକରଣ ବେଆଇନ ହୋଇଥିବାରୁ କ୍ରେତାଙ୍କୁ ଉକ୍ତ ସମ୍ପତ୍ତିର ମାଲିକାନା କ୍ଷମତା ପ୍ରଦାନ କରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଯାଞ୍ଚ କରାନଯାଇ ଏଭଳି ବିକ୍ରି ପଞ୍ଜୀକରଣ କରାଗଲା, ତାହାର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ତିନି ଭଉଣୀ ଶ୍ରୀମତୀ ସେଠୀ, ସରସ୍ୱତୀ ସେଠୀ ଓ ମାଳତୀ ବେହେରାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିପରି ୩ନମ୍ବର ପ୍ରତିପକ୍ଷ ଥିବା ଜମିର କ୍ରେତା ଦିଲ୍ଲୀପ କୁମାର ପତିଙ୍କୁ ଆଉ ଜମି ଅଧିଗ୍ରହଣ ବାବଦ ଅର୍ଥ ପଇଠ ନକରିବା ସହ ପଇଠ ହୋଇଥିବା ଅର୍ଥରାଶି ଆଦାୟ କରିବାକୁ ଏନଏଚ୍‌ଏଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

**ପ୍ରଦତ୍ତ କ୍ଷତିପୂରଣ ରାଶି ଆଦାୟ ପାଇଁ ପଦକ୍ଷେପ ନେବ ଏନ୍‌ଏଚ୍‌ଏଆଇ**

ସେହିଭଳି, ଏନ୍‌ଏଚ୍‌ଏଆଇ ମଧ୍ୟ ଜମିର ସମସ୍ତ ସହଭାଗୀ ତଥା ଆବେଦନକାରୀଙ୍କୁ ନୋଟିସ୍ ଦେଇ କ୍ଷତିପୂରଣ ରାଶି ବଣ୍ଟନ କରିପାରିବ। ଆବେଦନକାରୀ ଓ ଅନ୍ୟ ସହଭାଗୀମାନେ ଉକ୍ତ ଜମିର ମାଲିକାନା ରେକର୍ଡ ଓ ବିଭାଜନ ପାଇଁ ସିଭିଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ, ସ୍ୱର୍ଗତ ନବେଇ ସେଠୀଙ୍କର ତିନି ପୁଅ ଓ ତିନି ଝିଅ ଥିବା ବେଳେ ଆଇନତଃ ପିତାଙ୍କ ସମ୍ପତ୍ତି ଉପରେ ତିନି ଝିଅଙ୍କର ଶତକଡ଼ା ୫୦ ଭାଗ ଦାବି ରହିଛି। କିନ୍ତୁ ସ୍ୱର୍ଗତ ସେଠୀଙ୍କ ତିନି ଅଂଶୀଦାର ଝିଅଙ୍କୁ ନଜଣାଇ ଭାଇ ମାନଙ୍କଠାରୁ ସମ୍ପତ୍ତି କ୍ରୟ କରି ନେଇଥିଲେ ୩ନମ୍ବର ପ୍ରତିପକ୍ଷ ଦିଲ୍ଲୀପ। ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଯାଇଥିବା ଜମି ପାଇଁ ସେମାନଙ୍କର ପ୍ରାପ୍ୟ ପାଇବା ଲାଗି ଆବେଦନକାରିଣୀ କେନ୍ଦୁଝର ଭୂ-ଅର୍ଜନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏସବୁ ସତ୍ତ୍ୱେ କେନ୍ଦୁଝର ଭୂ-ଅର୍ଜନ ଅଧିକାରୀ ଆବେଦନକାରିଣୀଙ୍କ କଥାକୁ ଗୁରୁତ୍ୱ ନ ଦେଇ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ରାଶି ମୋଟ ୨୮ କୋଟି ଟଙ୍କା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରତିପକ୍ଷ ଦିଲ୍ଲୀପଙ୍କୁ ୬କୋଟି ୯୬ଲକ୍ଷ ଟଙ୍କା ପ୍ରଦାନ କରିଦେଇଥିଲେ। ଫଳରେ ଆବେଦନକାରୀ ୩ ଦଳିତ ମହିଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦୟାନନ୍ଦ ମହାପାତ୍ର, ତରୁଣକାନ୍ତ ପଟ୍ଟନାୟକ, ଘନଶ୍ୟାମ ମୁଦୁଲି ମାମଲା ପରିଚାଳନା କରୁଥିଲେ।

# ହୀରାକୁଦର ୮ ଗେଟ୍ ଖୋଲା

ସମ୍ବଲପୁର, ୨୪।୭(ସମିସ): ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ଆଜି ଆଉ ୪ଟି ଗେଟ୍ ଖୋଲିଛନ୍ତି। ପୂର୍ବରୁ ୪ଟି ଗେଟ୍ ଖୋଲାଥିବା ବେଳେ ଏବେ ମୋଟ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଏହାସାଙ୍ଗକୁ ଉପରମୁଣ୍ଡରୁ ପ୍ରବେଶ କରୁଥିବା ଜଳର ପରିମାଣ କମିଥିବାରୁ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍‌ରୁ କମି ଆସିଛି। ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୯.୪୩ ଫୁଟ୍ ରହିଛି। ସୂଚନାନୁଯାୟୀ, ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦,୭୧୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ନଦୀବନ୍ଧର ବାମପଟର ୫ଟି ଓ ଡାହାଣ ପଟର ୩ଟି ସ୍ଲୁଇସ ଗେଟ୍ ଦେଇ ଜଳନିଷ୍କାସନ କରାଯାଉଛି। ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୫,୩୫୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲ-ୱେ ଦେଇ ୧,୧୮,୫୭୬ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୨,୪୭୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୦୭୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩୪.୮୦ ମିମି ଏବଂ ତଳମୁଣ୍ଡରେ ୧୧.୫୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପର୍ଥଲାଠାରେ ୩୯,୫୧୬ କ୍ୟୁସେକ୍, ଖଇରମାଳଠାରେ ୧,୫୦,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୪୧,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୫୮,୦୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**୬୧୦ରୁ ଖସିଲା ଜଳସ୍ତର**

**'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟ ଭାଗବଣ୍ଟାକୁ ନେଇ ତମ୍ବିତୋଫାନ**

# ବିଡିଓଙ୍କ ଅଫିସ୍ ଆଗରେ ବସିଲେ ସରପଞ୍ଚ, ସମିତିସଭ୍ୟ

ମୋରଡ଼ା,୨୪।୭(ସମିସ): 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟ ଭାଗବଣ୍ଟାକୁ ନେଇ ଗୁରୁବାର ମୋରଡ଼ା ବ୍ଲକରେ ତମ୍ବିତୋଫାନ ହୋଇଛି। ଏହି ଯୋଜନାରେ ଆସିଥିବା ୮୮ଟି କାମର ଭାଗବଣ୍ଟାକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ତେବେ ଏଭଳି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରି ବ୍ଲକ ଚେୟାରମ୍ୟାନ୍ ପିଥନାଥ ସୋରେନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ନାରାବାଜି କରିଛନ୍ତି।



ସୂଚନାଯୋଗ୍ୟ, ସରକାରଙ୍କ ତରଫରୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଆସିଥିବା ୮୮ଟି କାର୍ଯ୍ୟ ମଧ୍ୟରୁ ସରକାରୀ ଦଳର ଲୋକେ ପ୍ରତି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଗୋଟିଏ ଲେଖାଏଁ କାମ ଦେଇଥିବା ବେଳେ ଚେୟାରମ୍ୟାନ୍ ଏବଂ ଭାଇସ୍ ଚେୟାରମ୍ୟାନ୍‌ଙ୍କ ପଞ୍ଚାୟତରେ ସମସ୍ତ କାର୍ଯ୍ୟ ସେମାନଙ୍କୁ ବଣ୍ଟନ କରିଥିଲେ। ତେବେ ଗଡ଼ିଗାଁ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ସମିତି ସଭ୍ୟ ଏକ କାର୍ଯ୍ୟ ନିର୍ମାଣ ନିମନ୍ତେ ସୂଚନାଫଳକ ନିର୍ମାଣ କରିଥିବା ବେଳେ ବିଜେପି କର୍ମୀ ମଧ୍ୟ ସେହି ସ୍ଥାନରେ ଅନ୍ୟ ଏକ ସୂଚନାଫଳକ ନିର୍ମାଣ କରିଛନ୍ତି। ଫଳରେ କାର୍ଯ୍ୟଟି କିଏ କରିବ, ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏନେଇ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନେ କହିଛନ୍ତି ଯେ ଗ୍ରାମସଭାରେ ପ୍ରସ୍ତାବ ଦେଇଛୁ, ଯାହା ବ୍ଲକରେ ପାସ୍ ହୋଇଆସିଛି। ତେଣୁ ଆମେ ୬୦ ପ୍ରତିଶତ କାର୍ଯ୍ୟ କରିବୁ ବୋଲି ଜିଦରେ ଅଡ଼ି ବସିଥିଲେ। ପରେ ପୂର୍ବତନ ବିଧାୟକ ରାଜକିଶୋର ଦାସ ପହଞ୍ଚି ସରପଞ୍ଚ, ସମିତିସଭ୍ୟ ଏବଂ ବିଡ଼ିଓଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏପଟେ ବିଜେପି କର୍ମୀମାନେ କହିଛନ୍ତି ଯେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଯ୍ୟ ଦିଆଯାଇଛି। କିନ୍ତୁ ୬୦ପ୍ରତିଶତ କାର୍ଯ୍ୟ ଦିଆଯିବ ନାହିଁ ବୋଲି ଦାନ୍ତିଆମୁହାଁ ସମିତିସଭ୍ୟ ସୁକୁଲ ମୁର୍ମୁ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ପାଇଁ ସରକାର ୬୦ ପ୍ରତିଶତ ପ୍ରସ୍ତାବ ସରପଞ୍ଚ ସମିତି ସଭ୍ୟ ଏବଂ ଅନ୍ୟ ୪୦ପ୍ରତିଶତ କାର୍ଯ୍ୟ ସମ୍ପର୍କିତ ପ୍ରସ୍ତାବ ବିଧାୟକ ଦେବାର ସର୍କୁଲାର ଥିଲା। ଭାଗବଣ୍ଟା ନେଇ କୌଣସି ଚିଠି ହୋଇନାହିଁ ବୋଲି ସେ କହିଛନ୍ତି।

**■ ବିଚାରାଧୀନ ମାମଲାର ଶୁଣାଣି ସମୟ ବୃଦ୍ଧି ପାଇଁ ଆବେଦନ ପ୍ରସଙ୍ଗ**

## ନିମ୍ନ ଅଦାଲତ ପାଇଁ ନିର୍ଦ୍ଦେଶାବଳୀ ଜାରିକଲେ ହାଇକୋର୍ଟ

କଟକ, ୨୪।୭ (ସମିସ): ନିମ୍ନ ଅଦାଲତଗୁଡ଼ିକରେ ବିଚାରାଧୀନ ମକଦ୍ଦମା ଶୁଣାଣି ସମାପ୍ତ ପାଇଁ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟଙ୍କ ଦ୍ୱାରା ସମୟ ନିର୍ଦ୍ଧାରଣ ସତ୍ତ୍ୱେ ଯଦି ଶୁଣାଣି ଶେଷ ହୋଇନଥିବ, ଅତିରିକ୍ତ ସମୟ ପାଇଁ ଆବେଦନ ନିମନ୍ତେ ଏସ୍‌ଓପି ଅନୁସରଣ କରିବାକୁ ପଡ଼ିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଏସ୍‌ଓପି ବା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ହାଇକୋର୍ଟ। ଯଦି ସମୟ ବୃଦ୍ଧି ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଏ, ତାହେଲେ ସମ୍ପୃକ୍ତ ନିମ୍ନ ଅଦାଲତ ପ୍ରିଜାଇଡିଂ ଅଫିସର (ଜିଲ୍ଲା ଏବଂ ଦୌରା ଜଜ୍ ଏବଂ ଜଜ୍, ପାରିବାରିକ ଅଦାଲତ ବ୍ୟତୀତ) ସମୟବୃଦ୍ଧି ପାଇଁ ଅନୁରୋଧକୁ ସମ୍ପୃକ୍ତ ଜିଲ୍ଲା ଜଜଙ୍କ ମାଧ୍ୟମରେ ହାଇକୋର୍ଟର ରେଜିଷ୍ଟ୍ରାର୍ (ନ୍ୟାୟିକ)ଙ୍କ ନିକଟକୁ ପଠାଇବେ। ତେବେ ସୁପ୍ରିମକୋର୍ଟଙ୍କୁ ସମୟ ବୃଦ୍ଧି ପାଇଁ ଆବେଦନ କ୍ଷେତ୍ରରେ ଅନୁରୂପ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଆବେଦନ କରାଯିବ। ପରେ ହାଇକୋର୍ଟ ରେଜିଷ୍ଟ୍ରାର୍‌ଙ୍କ ପକ୍ଷରୁ ଏହାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରିଙ୍କୁ ପଠାଯିବ। ବିଚାର ବିଭାଗୀୟ ଅଧିକାରୀମାନେ କୌଣସି ପରିସ୍ଥିତିରେ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ରେଜିଷ୍ଟ୍ରିକୁ ସିଧାସଳଖ ସମୟ ବୃଦ୍ଧି ପାଇଁ ଅନୁରୋଧ ପଠାଇ ପାରିବେ ନାହିଁ ବୋଲି ଏସ୍‌ଓପିରେ ଉଲ୍ଲେଖ କରାଯାଇଛି। ଯେଉଁଠାରେ ସମୟସୀମା ବୃଦ୍ଧି ପାଇଁ ଆବେଦନ କରାଯାଇଛି କିମ୍ବା ମଞ୍ଜୁର କରାଯାଇଛି, ସେହି କ୍ଷେତ୍ରରେ ସମ୍ପୃକ୍ତ ଜିଲ୍ଲାଜଜ୍ ଓ ହାଇକୋର୍ଟ ରେଜିଷ୍ଟ୍ରାର୍(ନ୍ୟାୟିକ) ନିର୍ଦ୍ଦେଶଗୁଡ଼ିକର ଅନୁପାଳନ ତଦାରଖ କରିବେ ଏବଂ ପ୍ରତି ମାସରେ ଥରେ ବିଚାରାଧୀନ ମାମଲାଗୁଡ଼ିକର ସ୍ଥିତି ସମୀକ୍ଷା କରିପାରିବେ ବୋଲି ଜାରି ଏସଓପିରେ ଉଲ୍ଲେଖ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରି ପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୬୩- ଆମେରିକା, ରୁଷ୍ ଓ ବ୍ରିଟେନ୍ ପରମାଣୁ ପରୀକ୍ଷଣ ପ୍ରତିବନ୍ଧ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୭୮ - ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇସ୍ ବ୍ରାଉନ୍ ଲଣ୍ଡନରେ ଜନ୍ମ ନେଲା।
- ୧୯୯୨- ସ୍ପେନ୍‌ର ବାର୍ସିଲୋନାରେ ୨୫ତମ ଅଲମ୍ପିକ୍ ଖେଳ ଆରମ୍ଭ ହେଲା।
- ୨୦୦୭- ପ୍ରତିଭା ଦେବୀସିଂହ ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ।

## ସାଉଥରେ ନିର୍ମାଣ ହେବ 'ରାମାୟଣ'

ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏଥିରେ ରଣବୀର କପୁର ଭଗବାନ ରାମ ଏବଂ ସାଇ ପଲ୍ଲବୀ ମାତା ସୀତା ଭୂମିକାରେ ନଜର ଆସିବେ। ବଲିଉଡ୍‌ରେ 'ରାମାୟଣ'କୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସାଉଥ୍‌ରେ ମଧ୍ୟ ଏହି ଫିଲ୍ମ ନିର୍ମାଣ ପାଇଁ ଯୋଜନା ଚାଲିଛି। ଏଭଳି ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା କରିଛନ୍ତି 'କନ୍ନପ୍ପା' ଫିଲ୍ମ ଅଭିନେତା ବିଷ୍ଣୁ ମାଞ୍ଚୁ। ନିକଟରେ ଏକ ସାକ୍ଷାତକାରରେ ବିଷ୍ଣୁ ରାମାୟଣ ତାଙ୍କର ଡ୍ରିମ୍ ପ୍ରୋଜେକ୍ଟ ବୋଲି କହିଛନ୍ତି। ୨୦୦୯ରୁ ସେ ଏଭଳି ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା ଚଳାଇ ଥିବା କହିଛନ୍ତି। ଏହି ଫିଲ୍ମରେ ରାବଣର ଦୃଷ୍ଟିକୋଣକୁ ଦେଖାଯିବ। ତେବେ ଏଥିରେ ଭଗବାନ ଶ୍ରୀରାମଙ୍କ ଭୂମିକା ପାଇଁ ସେ ସୂର୍ଯ୍ୟାଙ୍କୁ ବାଛିଥିବାବେଳେ ମାତା ସୀତାଙ୍କ ଚରିତ୍ର ପାଇଁ ଆଲିଆ ଭଟ୍ଟଙ୍କୁ ବାଛିଛନ୍ତି। ଯଦିଓ ସେ ଏହାର କାହାଣୀ ଓ ସଂଳାପ ପ୍ରସ୍ତୁତ କରି ସାରିଛନ୍ତି କିନ୍ତୁ ଏହି ଫିଲ୍ମ କେବେ ନିର୍ମାଣ ହେବ ତାହା ଏଯାବତ୍ ସ୍ଥିର କରିପାରି ନ ଥିବା କହିଛନ୍ତି। ତେବେ ଏଥିରେ ରାବଣ ଭୂମିକାରେ ତାଙ୍କ ପିତା ମୋହନ ବାବୁ ନଜର ଆସନ୍ତୁ ବୋଲି ବିଷ୍ଣୁ ଇଚ୍ଛା କରିଛନ୍ତି।



## ରୁବିକ୍ କ୍ୟୁବ୍‌ରେ ଜାତୀୟ ପତାକା

ସାଧାରଣତଃ ରୁବିକ୍ କ୍ୟୁବ୍ ସମାଧାନ କରିବା ଆଦୌ ସହଜ ନୁହେଁ। ନିକଟରେ ଗୁଜରାଟ ଅହମ୍ମଦାବାଦର ୬ ବର୍ଷର ବାଳିକା ମିତ୍ରି ଗୁପ୍ତା ରୁବିକ୍ କ୍ୟୁବ୍‌ରେ ଭାରତର ଜାତୀୟ ପତାକା ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମିତ୍ରି ପ୍ରଥମ ଶ୍ରେଣୀର ଛାତ୍ରୀ। ସ୍କେଟିଂ କରିବାବେଳେ ସେ ରୁବିକ୍ କ୍ୟୁବ୍‌ରେ ମାତ୍ର ୬ ସେକେଣ୍ଡରେ ଜାତୀୟ ପତାକା ତିଆରି କରି ସମସ୍ତଙ୍କୁ ବିସ୍ମିତ କରି ଦେଇଛନ୍ତି। ଏପରି କରି ସେ ତାଙ୍କର ବୁଦ୍ଧିମତା, ଶାରୀରିକ ଫୁର୍ତ୍ତି ସହ ଦେଶଭକ୍ତିର ଏକ ନିଆରା ସଂଯୋଗକୁ ଦେଖାଇଛନ୍ତି। ଗତବର୍ଷ ନଭେମ୍ବର ମାସରେ ସେ ସ୍କେଟିଂ ଶିଖିବା ଆରମ୍ଭ କଲେ। ଏହାର ମାସକ ପରେ ସେ ରୁବିକ୍ କ୍ୟୁବ୍ ପ୍ରଶିକ୍ଷଣ ନେଲେ। ପ୍ରଥମେ ସେ ଦୁଇ ମିନିଟ୍‌ରେ ଏଥିରେ ଜାତୀୟ ପତାକା ତିଆରି କରୁଥିଲେ। ପରବର୍ତ୍ତୀ ସମୟରେ ମିତ୍ରି ଲଗାତାର ଅଭ୍ୟାସ କରିବା ପରେ ଏହାକୁ ୬ ସେକେଣ୍ଡରେ କରିବାରେ ସଫଳ ହେଲେ। ସେହିପରି ରୁବିକ୍ କ୍ୟୁବ୍‌ରେ ପତାକା ତିଆରି କରିବାକୁ ତାଙ୍କ ପ୍ରଶିକ୍ଷକ ଶିଖାଇ ନ ଥିଲେ। ମିତ୍ରି ରୁବିକ୍ କ୍ୟୁବ୍‌ରେ ପତାକା ତିଆରି କରୁଥିବା ଦେଖି ତାଙ୍କ ମା' ନିକିତା ତାଙ୍କ ପ୍ରଶିକ୍ଷକଙ୍କୁ ଜଣାଇଲେ। ଯାହାକୁ ଦେଖି ପ୍ରଶିକ୍ଷକ ଜଣକ ଆଶ୍ଚର୍ଯ୍ୟ ହେଲେ। ଅବଶ୍ୟ ଏବେ ସେ ଆଖି ବନ୍ଦ କରି ସ୍କେଟିଂ କରିବା ବେଳେ ରୁବିକ୍ କ୍ୟୁବ୍ ସମାଧାନ କରିବା ଶିଖୁଛନ୍ତି। ଭାରତ ସମେତ ରୁବିକ୍ କ୍ୟୁବ୍‌ରେ ସେ ଜାପାନ, ଫ୍ରାନ୍ସ, ପୋଲାଣ୍ଡ ଆଦିର ଜାତୀୟ ପତାକା ତିଆରି କରିବା ଶିଖିଛନ୍ତି। ଅନ୍ୟପଟେ ତାଙ୍କ ପରିବାର ଲୋକ ତାଙ୍କର ଭିଡିଓ ଓ ଅନ୍ୟାନ୍ୟ ତଥ୍ୟଗୁଡ଼ିକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡକୁ ପ୍ରଦାନ କରିଛନ୍ତି। ଏହାସହ ଗିନିଜ୍ ବିଶ୍ୱ ରେକର୍ଡରେ ଏନେଇ ଆବେଦନ କରିବାର ବି ସେମାନେ ଯୋଜନା ରଖିଛନ୍ତି।




## ସୁପରମାର୍କେଟର ଆକର୍ଷଣ ବିଶାଳ ପଥର

ସାଧାରଣତଃ ସପିଂ ମଲ୍‌ରେ ଅନେକ ଜିନିଷ ଦେଖିବାକୁ ମିଳିଥାଏ। ତା'ସହ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ କିଛି ନିଆରା ଜିନିଷ ରଖାଯାଏ। ହେଲେ ସପିଂ ମଲ୍ ଭିତରେ କେହି କେବେ ଏକ ବିଶାଳକାୟ ପଥର ଦେଖି ନ ଥିବେ। ଏସ୍ତୋନିଆର ହାବନେମେ ସହରର ଭିମସି ସପିଂ ସେଣ୍ଟରର ଆକର୍ଷଣ ସାଜିଛି ଏକ ବିଶାଳକାୟ ପଥର।

ସେହିପରି ଏହି ବିଶାଳ ପଥର ପାଇଁ ହିଁ ଉକ୍ତ ମଲ୍ ଖୁବ୍ ଲୋକପ୍ରିୟ। ପଥରଟି ସପିଂ ମଲ୍‌ର ମଝାମଝିରେ ରଖାଯାଇଛି। ପଥରର ମୋଟେଇ ୨୨ ମିଟର ହୋଇଥିବା ବେଳେ ଉଚ୍ଚତା ୬ ମିଟର। କିଣାକିଣି କରିବା ସମୟରେ ଏହି ପଥରଟି ଗ୍ରାହକଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ସପିଂ ସେଣ୍ଟର ନିର୍ମାଣ ହେବାର ଦୀର୍ଘ ବର୍ଷ ପୂର୍ବରୁ ଏହି ପଥର ଏଠାରେ ଥିଲା। ଏନେଇ ବିଶେଷଜ୍ଞମାନେ କୁହନ୍ତି, ଏହା ପ୍ରାୟ ୧୦ ହଜାର ବର୍ଷ ପୁରୁଣା। ସେପ୍ଟେମ୍ବର ୨୦୧୪ ମସିହାରେ ଯେତେବେଳେ ଏହି ମଲ୍‌ର ନିର୍ମାଣ ଆରମ୍ଭ ହେଲା, ଶ୍ରମିକମାନେ ପ୍ରଥମେ ଏହାକୁ ଡିନାମାଇଟ୍‌ରେ ଉଡ଼ାଇବାକୁ ଯୋଜନା କରିଥିଲେ। ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଏହି ବିଶାଳ ପଥରଟି ପ୍ରକୃତରେ ଏକ ଇରୋଟିକ୍ ବୋଲଡର। ଏହା ଅତ୍ୟନ୍ତ ଦୁର୍ଲଭ ପଥର। ଗ୍ଲେସିୟର୍ ତରଳିବା ସମୟରେ ଏଭଳି ବିଶାଳକାୟ ପଥର ଚଟ୍ଟାଣଗୁଡ଼ିକ ଦୂରଦୂରାନ୍ତକୁ ଭାସି ଆସିଥାନ୍ତି। ତେଣୁ ଏହା ସ୍ଥାନୀୟ ପଥରଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଥାଏ। ଏଥିପାଇଁ ଏହି ପଥରଗୁଡ଼ିକ ଉଭୟ ବୈଜ୍ଞାନିକ ଓ ଐତିହାସିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଖାସ୍ ଏଥିପାଇଁ ଏହି ପଥରଟିକୁ ସଂରକ୍ଷିତ ଐତିହ୍ୟସ୍ଥଳ ମାନ୍ୟତା ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ଅନ୍ୟପଟେ ଭୂତତ୍ତ୍ୱବିତ୍‌ମାନେ ଏହାକୁ ସ୍ୱତନ୍ତ୍ର କହିବାରୁ ଲୋକମାନେ ମଧ୍ୟ ଏହି ପଥରକୁ ଏଠାରୁ ନ ହଟେଇବା ପାଇଁ ଏକାଠି ହେଲେ। ଏହାପରେ ସପିଂ ମଲ୍ ଭିତରେ ହିଁ ଏହି ପଥରଟିକୁ ରଖାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଏବେ ଏହି ପଥରଟିକୁ ଦେଖିବାକୁ କେବଳ ସ୍ଥାନୀୟ ଲୋକେ ନୁହେଁ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଆସୁଛନ୍ତି।



## ସଞ୍ଜୀବନୀ

## ଟାଟ୍



ଆଜିକାଲି କାର୍ଯ୍ୟ ଚାପ ଓ ବ୍ୟସ୍ତବହୁଳତା ଯୋଗୁଁ ଶରୀରର ଯତ୍ନ ନେବା ପ୍ରାୟତଃଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ଫଳରେ କିଛି ଜଣ ଦିନସାରା ଅଳସୁଆ, କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରିଥାନ୍ତି। ଏହି ଥକ୍କାପଣକୁ ଅଧିକାଂଶ କାମ ଚାପ ଭାବି ଅଣଦେଖା ବି କରିଦିଅନ୍ତି। ତେବେ ସର୍ବଦା ଥକ୍କାପଣ ଅନୁଭବ କରୁଥିଲେ ଜଣେ ଟାଟ୍ (TATT) ରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଟାଟ୍ ଏପରି ଏକ ଟର୍ମ ଯାହା ସାହାଯ୍ୟରେ ଶରୀରରେ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍‌ର ଅଭାବ ବିଷୟରେ ଜଣାପଡ଼ିଥାଏ।

ଟାଟ୍‌ର ଅର୍ଥ ହେଉଛି 'ଟାୟାର୍ଡ ଅଲ୍ ଦ ଟାଇମ୍' ତଥା ସର୍ବଦା ଥକ୍କା ଅନୁଭବ କରିବା। ୟୁଏସଏ, ହାର୍ଭର୍ଡ ୟୁନିଭର୍ସିଟି ଏବଂ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଦ୍ୱାରା କରାଯାଇଥିବା ଗବେଷଣାରୁ ୟୁଏସ୍‌ଏରେ ୧୮ % ଲୋକଙ୍କଠାରେ ଭିଟାମିନ୍ ବି-୧୨ଅଭାବ ଜନିତ ଲକ୍ଷଣ ଦେଖିବାକୁ ମିଳିଛି। ଏହା ଏକ ଗମ୍ଭୀର ସ୍ଥିତି। ଏଥିରେ ଥକ୍କା ଲାଗିବା, ଦୁର୍ବଳ ଅନୁଭବ, ସ୍ମରଣଶକ୍ତି ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଇଥାଏ। ଥକ୍କାପଣ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏହା ଫଳରେ ମନ ଖରାପ ହୁଏ। ଚିଡ଼ିଚିଡ଼ାପଣ ବଢ଼ିଯିବା ସହ ଅବସାଦ ହେବାର ଆଶଙ୍କା ଥାଏ। ଏହା ମୁଖ୍ୟତଃ ଭିଟାମିନ୍ ବି -୧୨ର ଅଭାବରୁ ହିଁ ହୋଇଥାଏ। ଭିଟାମିନ୍ ବି-୧୨ ଶରୀର ସହ ସ୍ନାୟୁ ପ୍ରଣାଳୀ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହାର ଅଭାବରୁ ରକ୍ତହୀନତା, ପ୍ଲେଟଲେଟ୍ କମିବା, ବିଭିନ୍ନ ରୋଗ, ଅନିଦ୍ରା, ଭୋକ ନ ଲାଗିବା, ଓଜନ ହ୍ରାସ, ଅସ୍ଥି ଓ ମାଂସପେଶୀରେ ଯନ୍ତ୍ରଣା ହେବା, ନଖ ଭାଙ୍ଗିବା, ହାତ ଗୋଡ଼ ଝିମ୍ ଝିମ୍ ଆଦି ହୋଇଥାଏ।

ତେଣୁ ଥକ୍କାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ ଭିଟାମିନ୍ ବି-୧୨ର ସପ୍ଲିମେଣ୍ଟ ଖାଇବା ଆବଶ୍ୟକ। ଡାଏଟ୍‌ରେ ପାଳଙ୍ଗ, ବିଟ୍, ବିନ୍ସ, ଡାଲି, ଦୁଗ୍ଧଜାତଦ୍ରବ୍ୟ, କଦଳୀ, ଦହି, ଛତୁ ଆଦି ସାମିଲ କରିପାରିବେ। ଏହା ଶରୀରରେ ରକ୍ତ ପରିମାଣ ବୃଦ୍ଧି କରି ଥକ୍କାପଣ ହ୍ରାସ କରେ। ଶରୀରକୁ ଶକ୍ତି ଯୋଗାଇଥାଏ।

## ବିଶ୍ୱ ଆଇଭିଏଫ୍ ଦିବସ



ମାତୃତ୍ୱ ଜଣେ ନାରୀ ଜୀବନରେ ହିଁ ପୂର୍ଣ୍ଣତା ଆଣିଦିଏ। 'ଗର୍ଭଧାରଣ' ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ହେଲେ ପ୍ରତ୍ୟେକ ମହିଳା ସନ୍ତାନ ସୁଖ ଲାଭ କରିପାରନ୍ତିନି। ତେବେ ନିଃସନ୍ତାନ ମହିଳାଙ୍କୁ ମା' ହେବାର ସୌଭାଗ୍ୟ ପ୍ରଦାନ କରୁଛି ଇନ୍ ଭିଟ୍ରୋ ଫର୍ଟିଲାଇଜେସନ୍ ତଥା (ଆଇଭିଏଫ୍) କୌଶଳ। ଚିକିତ୍ସା କ୍ଷେତ୍ରରେ ଏହି କୌଶଳ ପ୍ରୟୋଗର ସଠିକ୍ ତଥ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୫ ତାରିଖରେ 'ବିଶ୍ୱ ଆଇଭିଏଫ୍ ଦିବସ' ପାଳନ କରାଯାଇଆସୁଛି। ଏହା ଲୁଇସ୍ ବ୍ରାଉନ୍‌ଙ୍କ ଜୟନ୍ତୀର ପ୍ରତୀକ। କାରଣ ୧୯୭୮ ମସିହାରେ ଆଇଭିଏଫ୍ ମାଧ୍ୟମରେ ଜନ୍ମ ଗ୍ରହଣ କରିଥିବା ସେ ବିଶ୍ୱର ପ୍ରଥମ ଟେଷ୍ଟଟ୍ୟୁବ୍ ସନ୍ତାନ।

ଇନ୍ ଭିଟ୍ରୋ ଫର୍ଟିଲାଇଜେସନ୍(ଆଇଭିଏଫ୍) ଏକପ୍ରକାର ସହାୟକ ପ୍ରଜନନ କୌଶଳ। ଟେଷ୍ଟଟ୍ୟୁବ୍ ଶିଶୁ ଭାବେ ଏହା ଜଣାଶୁଣା। ଯେତେବେଳେ ପ୍ରାକୃତିକ ଗର୍ଭଧାରଣ ସମ୍ଭବ ହୁଏ ନାହିଁ ତଥା ବାରମ୍ବାର ବିଫଳ ହୋଇଥାଏ, ଫାଲୋପିଆନ ଟ୍ୟୁବ୍ ବନ୍ଦ ହେଲେ, କମ୍ ସଂଖ୍ୟକ ଓ ଦୁର୍ବଳ ଶୁକ୍ରାଣୁ, ଶୁକ୍ରାଣୁ ସକ୍ରିୟ ନ ଥିଲେ କିମ୍ବା ଅଧିକ ବୟସରେ ମା' ହେବା ଆଦି ବିଭିନ୍ନ ସ୍ଥିତିରେ ଆଇଭିଏଫ୍ କୌଶଳ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଏ। ଆଇଭିଏଫ୍ କରିବା ପୂର୍ବରୁ ନିଃସନ୍ତାନ ଦମ୍ପତିଙ୍କ ଅନେକ ପରୀକ୍ଷା ଯଥା- ମହିଳାଙ୍କ ପାଇଁ ଓଭ୍ୟୁଲେସନର ମୂଲ୍ୟାଙ୍କନ, ଫାଲୋପିଆନ୍ ଟ୍ୟୁବ୍ ପରୀକ୍ଷା, ଗର୍ଭାଶୟ ଗୃହର ମୂଲ୍ୟାଙ୍କନ, ଏକ ମୌଳିକ ହରମୋନ୍ ପ୍ରୋଫାଇଲ୍ ଏବଂ ପୁରୁଷମାନଙ୍କ ପାଇଁ ଶୁକ୍ରାଣୁ ବିଶ୍ଳେଷଣ ପରି ପ୍ରାଥମିକ ପରୀକ୍ଷା କରାଯାଇଥାଏ। ଆଇଭିଏଫ୍ ପ୍ରକ୍ରିୟାରେ ଏକ ପରୀକ୍ଷାଗାରରେ ଏକ ପରିପକ୍ୱ ଡିମ୍ବାଣୁକୁ ଶୁକ୍ରାଣୁ ସହିତ ପ୍ରଜନନ କରାଯାଏ। ଏହା ପରେ ଭ୍ରୁଣକୁ ଗର୍ଭାଶୟକୁ ସ୍ଥାନାନ୍ତରିତ କରାଯାଏ। ସ୍ଥାନାନ୍ତରଣ କରିବାର ପାଖାପାଖି ଦୁଇ ସପ୍ତାହ ପରେ କିଛି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯାଏ। ତେବେ ପ୍ରଶିକ୍ଷିତ ପ୍ରଜନନ ବିଶେଷଜ୍ଞଙ୍କ ପରାମର୍ଶରେ ଏହି ଚିକିତ୍ସା ପଦ୍ଧତି ଆପଣାଇବା ନିତାନ୍ତ ଆବଶ୍ୟକ। ଆଇଭିଏଫ୍‌କୁ ମୁଖ୍ୟତଃ ସୁରକ୍ଷିତ ବିବେଚନା କରାଗଲେ ମଧ୍ୟ ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ଯେମିତିକି- ପେଟଜନିତ ସମସ୍ୟା, ବିଚଳିତ ଲାଗିବା, ହର୍ମୋନାଲ ଅସନ୍ତୁଳନ, ମୁଣ୍ଡବିନ୍ଧା ଆଦି ଦେଖାଯାଇଥାଏ। ତେଣୁ ରୋଗୀର ବୟସ, ଚିକିତ୍ସା ପ୍ରକାର ତଥା ପ୍ରତିକ୍ରିୟା ଆଧାରରେ ଚିକିତ୍ସା କରାଯାଏ।

## ସୁଗାର ବ୍ରେଥ୍ ଆନାଲାଇଜର

### ନିଃଶ୍ୱାସରୁ ଜାଣି ହେବ ରକ୍ତ ଶର୍କରା ସ୍ତର




ଅନିୟମିତ ଓ ଅନିୟନ୍ତ୍ରିତ ଜୀବନଶୈଳୀ, କାର୍ଯ୍ୟ ଚାପ, ଅନିଦ୍ରା, ଦୁଶ୍ଚିନ୍ତା , ଯୋଗ ବ୍ୟାୟାମର ଅଭାବ ଆଦି କାରଣରୁ ଆଜିର ସମୟରେ ମଧୁମେହ ଏକ ବଡ଼ ରୋଗ ଭାବେ ଉଭା ହୋଇଛି। ଯେକୌଣସି ବୟସର ବ୍ୟକ୍ତି ଏହି ରୋଗର ପୀଡ଼ିତ ହେଉଛନ୍ତି। ମଧୁମେହରେ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ। ତେଣୁ ଶର୍କରାସ୍ତର ଜାଣିବା ପାଇଁ ସାଧାରଣତଃ ରକ୍ତ ବାହାର କରି ଗ୍ଲୁକୋମିଟର ସାହାଯ୍ୟରେ ପରୀକ୍ଷା କରିବାକୁ ପଡ଼ିଥାଏ। ହେଲେ ଏବେ ଶରୀରରୁ ରକ୍ତ ବାହାର ନ କରି ତଥା ବିନା ଛୁଞ୍ଚି ପ୍ରୟୋଗରେ ରକ୍ତ ଶର୍କରା ସ୍ତର ଜାଣିହେବ। ମଧ୍ୟପ୍ରଦେଶ, ଜଟାଶଙ୍କର ତ୍ରିବେଦୀ ଶାସକୀୟ ମହାବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରମିଳିତ ଭାବେ ଏକ ଉପକରଣ ବିକଶିତ କରିଛନ୍ତି। ଏହାର ନାଁ ରହିଛି ସୁଗାର ବ୍ରେଥ୍ ଏନାଲାଇଜର ତଥା ସୁଗାର ବ୍ରେଥ୍ ଏସି ୩.୦। ଏହି ଉପକରଣ ଥରେ ଫୁଙ୍କିଲା ମାତ୍ରେ ନିଃଶ୍ୱାସରୁ ରକ୍ତ ଶର୍କରାର ମାତ୍ରା କେତେ ରହିଛି ତାହା କିଛି ସେକେଣ୍ଡରେ ଜଣାପଡ଼ିଥାଏ। ଉପକରଣଟି ନିଃଶ୍ୱାସରେ ଥିବା ଏସିଟୋନର ପରିମାଣକୁ ବିଶ୍ଳେଷଣ କରିଥାଏ। ସାଧାରଣତଃ ଶରୀରରେ ରକ୍ତ ସର୍କରାସ୍ତର ବଢ଼ିଗଲେ, ଏସିଟୋନ ମାତ୍ରା ମଧ୍ୟ ବଢ଼ିଯାଏ। ତେବେ ଏହି ମେସିନ୍‌ରେ ତିନି ପ୍ରକାରର ସୂଚକ ରହିଛି। ତେଣୁ ଏହି ମେସିନ୍‌କୁ ଫୁଙ୍କିଲେ ଏହା ଏସିଟୋନ୍‌ର ମାତ୍ରାକୁ ମାପି ସର୍କରାସ୍ତର ଯଥା- ରକ୍ତ ଶର୍କରାସ୍ତର କମ୍, ମଧ୍ୟମ ଏବଂ ଅତ୍ୟଧିକ ଅଛି କି ନାହିଁ ତାହାର ଅନୁମାନ ଲଗାଇପାରିବ। ରକ୍ତଶର୍କରାସ୍ତର ଅଧିକ ଥିଲେ ମଧୁମେହ ହେବା ଆଶଙ୍କା ବଢ଼ାଇଥାଏ।

## ଡିଟକ୍ସ ଫ୍ରୁଟ୍

**ମନୁଷ୍ୟ ଶରୀରର ଯକୃତ ଏବଂ ବୃକ୍‌କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶରୀରର ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରିବା ଏହାର ମୁଖ୍ୟ କାର୍ଯ୍ୟ। ଯକୃତ ଏବଂ ବୃକ୍‌କ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିଲେ ଜଣେ ସୁସ୍ଥ ଓ ନୀରୋଗ ରହିପାରିବ। ଏଥିପାଇଁ ଡାଏଟ୍‌ରେ ଡିଟକ୍ସ ଫ୍ରୁଟ୍ସ ସାମିଲ କରିପାରିବେ।**

ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ। ଏହା ପାଚନତନ୍ତ୍ରକୁ ଠିକ୍ ରଖେ। ଯକୃତକୁ ଶୁଦ୍ଧ କରିଥାଏ। ଏଥିରେ ଥିବା ଏନ୍‌ଜାଇମ୍ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସହାୟକ ହୋଇଥାଏ। ତେଣୁ ଦୈନିକ ଅମୃତ ଭଣ୍ଡା ଖାଇପାରିବେ। ସେହିପରି ଭୂଇଁ ଅଁଳା ରସ ୧୦ ମିଲିକୁ ଅଧଚାମଚ ମହୁ ମିଶାଇ ସେବନ କଲେ ଯକୃତ୍ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିଥାଏ। ଶରୀରରୁ ବିଷାକ୍ତ ପଦାର୍ଥ କାଢ଼ିବାରେ ଅଁଳା, ବାହାଡ଼ା ଓ ହରିଡାର ଭୂମିକା ମଧ୍ୟ ଯଥେଷ୍ଟ ରହିଛି।

ଲାଲ୍ ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଭରପୁର ଥାଏ। ଏହା ଯକୃତ୍ ଏବଂ ବୃକ୍‌କକୁ ସଫା କରିବାରେ ସାହାଯ୍ୟ କରେ। ଏହା ରକ୍ତ ସଫା କରିଥାଏ। ତେଣୁ ବୃକ୍‌କ ଏବଂ ଯକୃତଜନିତ ସମସ୍ୟା ଥିବା ଲୋକଙ୍କ ପାଇଁ ଏହା ସବୁଠୁ ଭଲ ଫଳ।

ଡାଳିମ୍ବ ରକ୍ତ ବୃଦ୍ଧି କରିବା ସହ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଏଥିରେ ଥିବା ପୋଷକତତ୍ତ୍ୱ ଯକୃତ ଏବଂ ବୃକ୍‌କକୁ ଶକ୍ତି ଯୋଗାଇବା ସହ ସୁସ୍ଥ ରଖିଥାଏ।

ଆଭୋକାଡୋକୁ ସୁପରଫୁଡ ବୋଲି ବିବେଚନା କରାଯାଏ। ଏଥିରେ ଫ୍ୟାଟ୍ ଏବଂ ଗ୍ଲୁଟାଥିୟୋନ ନାମକ ତତ୍ତ୍ୱ ଥିବାରୁ ଏହା ଯକୃତ୍‌କୁ ସଫା କରିବାରେ ସାହାଯ୍ୟ କରେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହି ଫଳ ଖାଇବା ଆବଶ୍ୟକ। ଅନ୍ୟପଟେ ଲେମ୍ବୁରେ ଭିଟାମିନ୍ ସି ଭରପୁର ମାତ୍ରା ଥାଏ। ଏହା ମଧ୍ୟ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ତେଣୁ ନିୟମିତ ଲେମ୍ବୁ ପାଣି ପିଇବା ସହିତ ଡାଏଟରେ କମଳା ସାମିଲ କରିପାରିବେ।



# ପନ୍ତଙ୍କ ଅଦମ୍ୟ ସାହସ: ଆହତ ସତ୍ତ୍ୱେ ଅର୍ଦ୍ଧଶତକ

ଓଲ୍ଡ ଟ୍ରାଫୋର୍ଡ, ୨୪।୭ (ଏଜେନ୍ସି): ଏହି ଟେଷ୍ଟର ପ୍ରଥମ ଦିନରେ ଆହତ ହୋଇ ରିଟାୟର୍ଡ ହର୍ଟ ହୋଇଥିବା ଭାରତୀୟ ୱିକେଟ ରକ୍ଷକ ଋଷଭ ପନ୍ତ ସାହସ ପ୍ରଦର୍ଶନ କରି ଦ୍ୱିତୀୟ ଦିନରେ ବ୍ୟାଟିଂ କରିଥିଲେ। କ୍ରିସ୍ ଓକ୍ସଙ୍କ ବୋଲିଂରେ ପନ୍ତ୍ ବ୍ୟାଟିଂ କରୁଥିଲାବେଳେ ତାଙ୍କ ବ୍ୟାଟ ବୁଢ଼ା ଆଙ୍ଗୁଠିରେ ଜୋର୍‌ରେ ବାଜିଥିଲା। ଏହାର ଅଳ୍ପ ସମୟ ପରେ ତାଙ୍କୁ ରିଟାୟର୍ଡ ହର୍ଟ ହେବାକୁ ପଡ଼ିଥିଲା। ସ୍କାନ୍ ରିପୋର୍ଟରୁ ଏହି ଆଘାତ ସମସ୍ୟାକୁ ମୁକୁଳିବା ଲାଗି ଅତି କମ୍‌ରେ ୨ ମାସ ସମୟ ଲାଗିବ। ଏହା ଫଳରେ ଏହି ଟେଷ୍ଟରେ ସେ ଆଉ ୱିକେଟ କିପିଙ୍ଗ କରିବେ ନାହିଁ ବୋଲି ବିସିସିଆଇ ସ୍ୱଷ୍ଟ କରିଥିଲା। କିନ୍ତୁ ସେ ଭାରତର ଅସମାପ୍ତ ପ୍ରଥମ ଇନିଂସରେ ବ୍ୟାଟିଂ କରିବେ କି ନାହିଁ ତାହା ଟିମ୍ ମ୍ୟାନେଜମେଣ୍ଟ ଉପରେ ଛାଡିଦିଆଯାଇଥିଲା। ଆଜି ଦ୍ୱିତୀୟ ଦିନରେ ଶାର୍ଦ୍ଦୁଳ ଠାକୁର ଦଳୀୟ ସ୍କୋର ୩୧୪ ରନ୍‌ରେ ଆଉଟ ହେବା ପରେ ସମସ୍ତଙ୍କୁ ଚକିତ କରି ପନ୍ତ୍ ବ୍ୟାଟିଂ କରିବାକୁ ଆସିଥିଲେ। ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ତାଙ୍କ କରତାଳି ମାରି ସ୍ୱାଗତ କରିଥିଲେ। ସେ ତାଙ୍କ ସାହସ ପ୍ରଦର୍ଶନ କରି ୱିକେଟ ମଝିରେ ଦୌଡ଼ି ପାରି ନ ଥିଲେ ମଧ୍ୟ ଚୌକା ଓ ଛକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ। ଗତକାଲି ସେ ୪୮ ବଲ୍‌ରେ ୩୭ ରନ୍ କରି ରିଟାୟର୍ଡ ହୋଇଥିଲେ। ଆଜି ସେ ଆଉ ୨୩ଟି ବଲ୍‌ର ସମ୍ମୁଖୀନ ହୋଇ ଥିଲେ। ସେ ୬୯ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ମୋଟ ୭୫ ବଲ୍ ଖେଳି ୫୪ ରନ୍‌ରେ ଜୋଫ୍ରା ଆର୍ଚରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ।

### ଟେଷ୍ଟ ସିରିଜ୍‌ରେ ସର୍ବାଧିକ ଅର୍ଦ୍ଧଶତକ

ଏହି ଟେଷ୍ଟରେ ପନ୍ତ୍ ୫୪ ରନ୍‌ରେ ଆଉଟ ହେବା ପୂର୍ବରୁ ଜଣେ ଭାରତୀୟ ୱିକେଟ ରକ୍ଷକ ଭାବେ ବିଦେଶ ମାଟିରେ ସର୍ବାଧିକ ୫୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିଲେ। ଚଳିତ ସିରିଜ୍‌ରେ ପନ୍ତ୍‌ଙ୍କ ଏହା ଥିବା ୫ମ ଥର ୫୦ରୁ ଅଧିକ ସ୍କୋର। ଏହା ମଧ୍ୟରେ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ରହିଛି। ସେହିପରି ବିଦେଶ ମାଟିରେ ଭାରତର ଆଉ ୨ଜଣ ୱିକେଟ ରକ୍ଷକ ଫାରୁକ୍ ଇଞ୍ଜିନିୟର ୧୯୭୨/୭୩ ଇଂଲଣ୍ଡ ଟୁର୍ ଓ ମହେନ୍ଦ୍ର ସିଂ ଧୋନି ୨ଥର ୪ଟି ଲେଖାଏଁ ୫୦ରୁ ଅଧିକ ସ୍କୋର କରିଥିଲେ। ୨୦୦୮-୦୯ ଅଷ୍ଟ୍ରେଲିଆ ଓ ୨୦୧୪ ଇଂଲଣ୍ଡ ଟୁର୍‌ରେ ଧୋନିଙ୍କୁ ଏହି ସଫଳତା ମିଳିଥିଲା।

ଜବରଦସ୍ତ ଫର୍ମରେ ଥିବା ପନ୍ତ୍ ଏହି ଟୁର୍‌ରେ ଜଣେ ୱିକେଟ ରକ୍ଷକ ଭାବେ ଇଂଲଣ୍ଡ ମାଟିରେ ସର୍ବାଧିକ ୪୭୯ ରନ୍ କରି ଇଂଲଣ୍ଡ ୱିକେଟକିପର ଆଲେକ ଷ୍ଟିୱାର୍ଟଙ୍କ ୪୬୪ ରନ୍‌ର ରେକର୍ଡ ଅତିକ୍ରମ କରିଛନ୍ତି। ପନ୍ତ୍‌ଙ୍କ ଶେଷ ଟେଷ୍ଟ ଖେଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କ ଭଳି ଇଂଲଣ୍ଡ ୱିକେଟ ରକ୍ଷକ ଜେମି ସ୍ମିଥ୍ ଜବରଦସ୍ତ ଫର୍ମରେ ଥାଇ ୪୧୫ ରନ୍ କରିଛନ୍ତି।

## ୮ ବର୍ଷ ପରେ ଷ୍ଟୋକ୍ସଙ୍କୁ ମିଳିଲା ୫ ୱିକେଟ; ଠାକୁରଙ୍କ ସୁନ୍ଦର ବ୍ୟାଟିଂ

# ଭାରତକୁ ଇଂଲଣ୍ଡର ଲଳୁଆ ଜବାବ

ଓଲ୍ଡ ଟ୍ରାଫୋର୍ଡ,୨୪।୭ (ଏଜେନ୍ସି):

ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟେଷ୍ଟ କ୍ରିକେଟର ଗୋଟିଏ ଇନିଂସରେ ୫ ୱିକେଟ ସଫଳତା ପାଇଛନ୍ତି। ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଷ୍ଟୋକ୍ସ ଚମତ୍କାର ଚତୁର ବୋଲିଂ କରି ୭୨ ରନ୍‌ରେ ୫ ୱିକେଟ ଅକ୍ତିଆର କରିବା ଫଳରେ ଭାରତର ପ୍ରଥମ ଇନିଂସ ୩୫୮ ରନ୍‌ରେ ସମାପ୍ତ ହୋଇଥିଲା। ଜବାବରେ ଦ୍ୱିତୀୟ ଦିନ ଶେଷ ଖବର ସୁଦ୍ଧା ଇଂଲଣ୍ଡ ପ୍ରଥମ ଇନିଂସରେ କୌଣସି ୱିକେଟ ନ ହରାଇ ୧୩୯ ରନ୍ ସଂଗ୍ରହ କରିନେଇଥିଲା। ଏହି ସମୟରେ ଦୁଇ ଓପନର ଜ୍ୟାକ୍ କ୍ରାଲୀ ୭୪ ଓ ବେନ୍ ଡକେଟ ବିସ୍ଫୋରକ ୫୮ ରନ୍ କରି ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ କୌଣସି ବୋଲର ଏହି ଦୁଇ ଓପନରଙ୍କୁ ଆଉଟ କରିବାରେ ସମର୍ଥ ହୋଇପାରି ନ ଥିଲେ। ଭାରତର ପ୍ରଥମ ଇନିଂସରେ ଆଜି ଦ୍ୱିତୀୟ ଦିନରେ ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରୁ ଆହତ ସତ୍ତ୍ୱେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ୍ ୫୪, ଶାର୍ଦ୍ଦୁଳ ଠାକୁର ୪୧ ଓ ୱାଶିଂଟନ ସୁନ୍ଦର ୨୭ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୋକ୍ସଙ୍କ ୫ ୱିକେଟ ବ୍ୟତୀତ ଜୋଫ୍ରା ଆର୍ଚରଙ୍କୁ ୩ଟି ୱିକେଟ ମିଳିଛି। ଏହି ଟେଷ୍ଟ ସିରିଜ୍‌ରେ ତୃତୀୟ ମ୍ୟାଚ୍ ଶେଷ ସୁଦ୍ଧା ଭାରତ ୧-୨ରେ ପଛୁଆ ରହିଛି। ସିରିଜ୍ ବରାବର କରିବା ଲାଗି ଏହି ମ୍ୟାଚ୍ ଜିତିବା ଆବଶ୍ୟକ ଥିଲେ ମଧ୍ୟ ଦଳର ପ୍ରଦର୍ଶନ ଉତ୍ସାହଜନକ ହୋଇ ପାରି ନାହିଁ।



ଚତୁର୍ଥ ଟେଷ୍ଟ ୨ୟ ଦିନ

### ଠାକୁର-ସୁନ୍ଦରଙ୍କ ଚମତ୍କାର ପାର୍ଟନରସିପ୍

ଏହି ଟେଷ୍ଟର ଦ୍ୱିତୀୟ ଦିନ ଭାରତ ତାହାର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟରେ ୨୬୪ ରନ୍‌ରୁ ଖେଳ ଆରମ୍ଭ କରି ୱିକେଟ ହରାଥିଲା। ଇଂଲଣ୍ଡ ଦ୍ୱିତୀୟ ନୂଆ ବଲ୍ ନେବା ପରେ ଜୋଫ୍ରା ଆର୍ଚର ବୋଲିଂ କରିଥିବା ପ୍ରଥମ ଓଭରର ପ୍ରଥମ ୩ଟି ବଲ୍‌ରେ ଦୁଇ ଅପରାଜିତ ବ୍ୟାଟର ଜାଡେଜା ଓ ଠାକୁର ଆଉଟ ହେବାର ୩ଟି ସୁଯୋଗ ଦେଇଥିଲେ। କିନ୍ତୁ ୫ମ ବଲ୍‌ରେ ସେ ଜାଡେଜାଙ୍କ ବ୍ୟାଟ୍‌ରେ ଏଜ୍ କରାଇ ୱିକେଟ ନେବାରେ ସମର୍ଥ ହୋଇଥିଲେ। ସେ ପୂର୍ବଦିନର ସ୍କୋରରେ ଆଉ ଗୋଟିଏ ରନ୍ ଯୋଡି ୨୦ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଠାକୁରଙ୍କ ସହ ଯୋଗଦେଇ ୱାଶିଂଟନ ସୁନ୍ଦର ୧୦୧ଟି ବଲ୍‌ର ସାମ୍ନା କରି ୪୮ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ୩୦୦ ରନ୍ ମାର୍କ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଉଭୟ ବ୍ୟାଟର ୧୫ ଓଭର ଲେଖାଏଁ କ୍ରିଜ୍‌ରେ ରହିଥିଲେ। ସେମାନଙ୍କ ମଧ୍ୟରୁ ଠାକୁର ୮୮ଟି ବଲ ଖେଳି ୫ ଚୌକା ସହ ୪୧ ଓ ସୁନ୍ଦର ୯୦ ବଲ୍ ଖେଳି ୨ ଚୌକା ସହ ୨୭ ରନ୍ କରିଥିଲେ। ଆହତ ହୋଇ ଗତକାଲି ୩୭ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିବା ପନ୍ତ୍ ବ୍ୟାଟିଂ କରିବାକୁ ଆସି ଆଉ ୧୭ ରନ୍ ଯୋଗ କରିଥିଲେ। ତାଙ୍କର ସାହସିକ ବ୍ୟାଟିଂ ଯୋଗୁ ଭାରତ ପ୍ରଥମ ଇନିଂସରେ ୩୫୦ ରନ୍ ଅତିକ୍ରମ କରିଥିଲା।

### ବେନ୍‌ଙ୍କ ଚତୁର ବୋଲିଂ

ଏହି ଟେଷ୍ଟରେ ଯାହା ପୂର୍ବାନୁମାନ କରାଯାଉଥିଲା, ତାହା ହେଲା ନାହିଁ। ବଲ ସୁଇଂ ହେଲାନି କିମ୍ବା ବର୍ଷା ହେଲା ନାହିଁ। ପିଚ୍‌ରୁ ସହାୟତା ମିଳି ନ ଥିଲେ ମଧ୍ୟ ଇଂଲଣ୍ଡ ଦଳ ତାହାର ରଣନୀତି ବଦଳାଇ ଶେଷଭାଗ ବ୍ୟାଟରଙ୍କୁ ସଟ୍ ପିଚ୍ ବଲରେ ଲୋଭନୀୟ ସଟ ଖେଳିବାକୁ ବାଧ କରିଥିଲେ। ଗତକାଲି ଷ୍ଟୋକ୍ସଙ୍କ ସର୍ଟପିଚ୍ ବଲ୍‌କୁ ପୁଲ କରିବାକୁ ଯାଇ ସୁଦର୍ଶନ ଓ ଆଜି ସୁନ୍ଦର ଆଉଟ ହୋଇଥିଲେ। ଗୋଟିଏ ପଟେ ନିରନ୍ତର ଭାବେ ଷ୍ଟୋକ୍ସ ଏଭଳି ବୋଲିଂ କରିବା ଫଳରେ ଭାରତ ତାହାର ଶେଷ ୫ ୱିକେଟ ୪୪ ରନ୍ ମଧ୍ୟରେ ହରାଇଥିଲା। ଏହା ମଧ୍ୟରୁ ଷ୍ଟୋକ୍ସ ୩ଟି ଓ ଆର୍ଚର ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜ ୩ଟି ବଲ୍‌ରେ ଶୂନ, ତୃତୀୟ ଟେଷ୍ଟରେ ସାହସିକ ବ୍ୟାଟିଂ କରିଥିବା ଯଶପ୍ରୀତ୍ ବୁମ୍‌ରା ୭ ବଲ୍‌ରେ ୪ ରନ୍ କରି ଆଉଟ ହୋଇଥିଲେ। ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସଙ୍କୁ ସର୍ବାଧିକ ୫ଟି ଓ ଆର୍ଚରଙ୍କୁ ୩ଟି ୱିକେଟ ମିଳିଥିଲା। କ୍ରିସ୍ ଓକ୍ସ ଓ ଲିଆମ ଡାଓସନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୩୫୮/୧୦, ୧୧୪.୧ ଓଭର (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ୍-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।

ଇଂଲଣ୍ଡ ପ୍ରଥମ ଇନିଂସ: ୧୩୯/୦, ୨୦ ଓଭର (ବେନ୍ ଡକେଟ-ବ୍ୟାଟିଂ-୫୮, ଜ୍ୟାକ୍ କ୍ରାଲୀ-ବ୍ୟାଟିଂ-୭୪)।

## ୨୦୨୬ ଏସିଆନ ଗେମ୍ସରେ କ୍ରିକେଟ୍ ସାମିଲ

ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଜାପାନରେ ଆସନ୍ତାବର୍ଷ ଆୟୋଜିତ ହେବାକୁ ଥିବା ଏସିଆନ୍ ଗେମ୍ସର ବିଂଶତମ ସଂସ୍କରଣରେ କ୍ରିକେଟ୍ ସାମିଲ ହୋଇଛି। ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ଏଥିରେ ପୁରୁଷ ବିଭାଗରେ ୧୦ଟି ଓ ମହିଳା ବିଭାଗରେ ୮ଟି ଏସୀୟ ଦଳ ଅଂଶଗ୍ରହଣ କରିବେ। ଫଳରେ ଏସିଆନ ଗେମ୍ସ ଇତିହାସରେ ୪ର୍ଥ ଥର ଲାଗି କ୍ରିକେଟ୍ କ୍ରିକେଟ୍ ଖେଳାଯିବ। ୨୦୧୦ ସଂସ୍କରଣରେ ପ୍ରଥମଥର କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ୨୦୨୩ରେ ହାଙ୍ଗଝୋଉରେ ଅନୁଷ୍ଠିତ ଏସିଆନ୍ ଗେମ୍ସର ୧୯ତମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା। ସେହିଭଳି ଏସିସିରେ ୩ଟି ନୂଆ ରାଷ୍ଟ୍ର ମଙ୍ଗୋଲିଆ, ଉଜବେକିସ୍ତାନ ଓ ଫିଲିପାଇନ୍ସକୁ ସାମିଲ କରାଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୨୬ ସେପ୍ଟେମ୍ବର ୧୯ରୁ ଏସିଆନ ଗେମ୍ସ ଆରମ୍ଭ ହେବ।

■ ଏସିଆ କପ୍ ଘୋଷଣା ନେଇ ବିଳମ୍ବ

## ୟୁଏଇରେ ହୋଇପାରେ ସମସ୍ତ ମ୍ୟାଚ୍

ଢ଼ାକା,୨୪।୭ (ଏଜେନ୍ସି): ଏସୀୟ କ୍ରିକେଟ ପରିଷଦ (ଏସିସି) ବହୁ ପ୍ରତୀକ୍ଷିତ ବାର୍ଷିକ ବୈଠକ ଢ଼ାକାରେ ଆଜି ଶେଷ ହୋଇଛି। କିନ୍ତୁ ସେପ୍ଟେମ୍ବର ୧୦ରୁ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଏବେ ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ରହିଛି। ଭାରତ ଏହି ଟୁର୍ଣ୍ଣାମେଣ୍ଟ କେବେ ଓ କେଉଁଠି ହେବ ତାହା ଅଳ୍ପଦିନ ମଧ୍ୟରେ ବିସିସିଆଇ ଘୋଷଣା କରିବ ବୋଲି ବୈଠକରେ କହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତମ ସମ୍ପର୍କ ନ ଥିବାରୁ କେହି କାହା ଦେଶରେ ଖେଳିବାକୁ ଯାଉ ନାହାନ୍ତି। ଏଣୁ ଏହି ଦୁଇ ଦେଶ ଯଦି କିଛି ଏସୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଅଧିକାର ହାସଲ କରନ୍ତି, ତେବେ ସେହି ଟୁର୍ଣ୍ଣାମେଣ୍ଟଟି ନିରପେକ୍ଷ କେନ୍ଦ୍ରରେ ଖେଳାଯିବ ବୋଲି ଏସିସି ସ୍ଥିର କରିଛି। ଏହି ନିୟମକୁ ଗ୍ରହଣ କରାଗଲେ ଏସିଆ କପ୍ ୟୁଏଇ ଓ ଆବୁଧାବିରେ ସେପ୍ଟେମ୍ବର ୧୦ରୁ ଆରମ୍ଭ ହୋଇ ୨୮ରେ ଶେଷ ହୋଇଥାନ୍ତା। ଏଥିରେ ଏସିଆ ମହାଦେଶର ୮ଟି ଦେଶ ଖେଳିବେ। କିନ୍ତୁ ଭାରତ ବାହାରେ ଏହି ଟୁର୍ଣ୍ଣାମେଣ୍ଟ ହେଲେ ପ୍ରାୟୋଜକ ଅର୍ଥ ଦେବାକୁ ନାରାଜ ହୋଇଛି। ପ୍ରସାରଣକାରୀ ସଂସ୍ଥା ମଧ୍ୟ ଅନିଚ୍ଛୁକ। ଏହି ଦୁଇ ସଂସ୍ଥା ସହ ବିସିସିଆଇ ଆଲୋଚନା କରି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଶୀଘ୍ର ଘୋଷଣା କରିବ ବୋଲି ଏସିସି ସଭାପତି ମୋହସିନ ନକ୍ଭି କହିଛନ୍ତି। ଭାରତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲା। ଏସିଆ ମହାଦେଶର ସମସ୍ତ ୨୫ଟି ଯାକ ଦେଶ ଏହି ବୈଠକରେ ଯୋଗଦେଇଥିଲେ।

## କଳିଙ୍ଗରେ ଟାଟା ହକି ଉଦ୍‌ଘାଟିତ



ଭୁବନେଶ୍ୱର, ୨୪।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଜେଆର୍‌ଡି ଟାଟା ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟାଟା ଷ୍ଟିଲର ପୂର୍ବତନ ଅଧକ୍ଷ ଭାରତରତ୍ନ ଜେଆର୍‌ଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶା ହକି ଆସୋସିଏସନର ସାଧାରଣ ସମ୍ପାଦକ ସନାତନ ସାହୁ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ପକ୍ଷରୁ ରାଜ୍ୟ କ୍ରୀଡ଼ା ବିଭାଗ ଓ ହକି ଇଣ୍ଡିଆର ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ହକି ଏଚ୍‌ପିସି ଓ ଏକାଡେମୀରୁ ୧୨ଟି ପୁରୁଷ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି।

୨୦୨୬ରେ ପୁଣି ଇଂଲଣ୍ଡ ଯିବ ଭାରତ

## ଏଥର ଖେଳିବ ୮ ସୀମିତ ଓଭର ମ୍ୟାଚ୍

ଲଣ୍ଡନ,୨୪।୭ (ଏଜେନ୍ସି): ଏବେ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଥିବା ଭାରତୀୟ କ୍ରିକେଟ ଦଳ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ରେ ପୁଣିଥରେ ଏହି ଦେଶ ଗସ୍ତରେ ଯିବ। ଏଥର ଦଳ ୮ଟି ସୀମିତ ଓଭର ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ରହିଛି ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍। ଇଂଲଣ୍ଡର ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଏହା ଜଣାପଡ଼ିଛି। ଏହି ସିରିଜ୍ ୨୦୨୬ ଜୁଲାଇ ୧ରୁ ଆରମ୍ଭ ହୋଇ ୧୯ରେ ଶେଷ ହେବ।

### ଖେଳସୂଚୀ : ଟି-୨୦ (୫)

**ଜୁଲାଇ ୧**: ପ୍ରଥମ ଟି-୨୦, ଡରହାମ, **ଜୁଲାଇ ୪**: ଦ୍ୱିତୀୟ ଟି-୨୦, ଓଲ୍ଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର, **ଜୁଲାଇ ୭**: ତୃତୀୟ ଟି-୨୦, ଟ୍ରେଣ୍ଟବ୍ରିଜ୍, ନଟିଂହାମ୍, **ଜୁଲାଇ ୯**: ଚତୁର୍ଥ ଟି-୨୦, ବ୍ରିଷ୍ଟୋଲ, **ଜୁଲାଇ ୧୧**: ପଞ୍ଚମ ଟି-୨୦, ସାଉଥାମ୍ପଟନ।

### ଖେଳସୂଚୀ : ଦିନିକିଆ (୩)

**ଜୁଲାଇ ୧୪**: ପ୍ରଥମ ଦିନିକିଆ, ଏଜ୍‌ବାଷ୍ଟନ, ବର୍ମିଂହାମ୍, **ଜୁଲାଇ ୧୬**: ଦ୍ୱିତୀୟ ଦିନିକିଆ, ସୋଫିଆ ଗାର୍ଡେନ୍ସ, କାର୍ଡିଫ୍, **ଜୁଲାଇ ୧୯**: ତୃତୀୟ ଦିନିକିଆ, ଲର୍ଡ୍ସ, ଲଣ୍ଡନ।

■ ସାହାଣୀ କପ୍-୨୦୨୫

## କ୍ୱାର୍ଟରରେ ବରଗଡ଼-ସମ୍ବଲପୁର



କଟକ,୨୪।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ବୌଦ୍ଧ ଜୋନ୍‌ର ଦୁଇ ଦଳ ବରଗଡ଼ ଏବଂ ସମ୍ବଲପୁର କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ୩ଟି ଜୋନ୍‌ର କ୍ୱାର୍ଟର ଫାଇନାଲ ରାଉଣ୍ଡ ଶେଷ ହୋଇଥିବାବେଳେ ୪ର୍ଥ ଦଳକୁ ଅପେକ୍ଷା ରହିଛି। ଗୁରୁବାର ବୌଦ୍ଧ ଜୋନ୍‌ରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ସମ୍ବଲପୁର ୩-୦ ଗୋଲ୍‌ରେ ଘରୋଇ ବୌଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଛବିଳ କିଶାନ, ବିଜୁ ଓରାମ, ସନ୍ତୋଷ ମୁଣ୍ଡା ଗୋଲ୍ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ କନ୍ଧମାଳ ୨-୧ ଗୋଲ୍‌ରେ ବଲାଙ୍ଗିରକୁ ହରାଇଛି। କନ୍ଧମାଳର ସେଖ ଫରିଦ ଏବଂ ଦେବାଶିଷ ରାମ ମାରାଣ୍ଡି, ବଲାଙ୍ଗିରର ସମ୍ବିତ ନାଏକ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

▶▶ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଫାଇନାଲରେ ସୀମା, ସମରଦୀପ୍



ଭୁବନେଶ୍ୱର, ୨୪।୭ (ସମିସ):

ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ର ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ପୁରୁଷ ସଟ୍ ପୁଟ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ର ସମରଦୀପ୍ ସିଂହ ଫାଇନାଲରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ସେ ୧୯.୧୦ ମିଟର ଫିଙ୍ଗିଥିଲେ। ସେହିଭଳି ମହିଳା ୫୦୦୦ ମିଟର ରେସ୍‌ରେ ସୀମା ୧୫ ମିନିଟ୍ ୫୫.୩୩ ସେକେଣ୍ଡରେ ରେସ୍ ଶେଷ କରି ନିଜ ହିଟ୍ସରେ ୩ୟ ସ୍ଥାନରେ ରହିଥିଲେ। ଏଥିସହ ସେ ମଧ୍ୟ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଟେନିସରେ ବୈଷ୍ଣବୀ ଅଦକର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଅପରପକ୍ଷରେ ତୀରନ୍ଦାଜୀର କମ୍ପାଉଣ୍ଡ ବିଭାଗରେ ଭାରତ ୨ଟି ପଦକ ଲଢ଼େଇ ରାଉଣ୍ଡରେ ପହଞ୍ଚିଛି। ପୁରୁଷ କମ୍ପାଉଣ୍ଡ ଦଳ ଫାଇନାଲରେ ପହଞ୍ଚି ପଦକ ନିଶ୍ଚିତ କରିଛି। ସେହିଭଳି ମହିଳା ଦଳ ଶୁକ୍ରବାର କାଂସ୍ୟ ପଦକ ଲାଗି ଲଢ଼େଇ କରିବ। ଏହି ପ୍ରଭାବୀ ପ୍ରଦର୍ଶନ ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଡ. ବିସି ରାୟ ଟ୍ରଫି

## ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ



କଟକ, ୨୪।୭ (ସମିସ): ପଞ୍ଜାବର ଅମ୍ରିତସରରେ ଚାଲିଥିବା କନିଷ୍ଠ ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଡ. ବିସି ରାୟ ଟ୍ରଫିର ଅନ୍ତିମ ଲିଗ୍‌ରେ ଓଡ଼ିଶା ବିଜୟ ହାସଲ କରିଛି। ଗୁରୁବାର ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଶେଷ ଲିଗ୍‌ରେ ଓଡ଼ିଶା ୧-୦ ଗୋଲରେ ଝାଡ଼ଖଣ୍ଡକୁ ହରାଇଛି। ଖେଳର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ପରେ ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟରେ ଅଧିନାୟକ ଅମନ ଲାକ୍ରା ଏକମାତ୍ର ଗୋଲସ୍କୋର କରିଥିଲେ। ତେବେ ପ୍ରତିଯୋଗିତାରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। କର୍ଣ୍ଣାଟକ ଓ ମଣିପୁର ବିପକ୍ଷ ପ୍ରଥମ ଦୁଇ ଲିଗ୍ ମ୍ୟାଚରେ ଦଳ ପରାଜୟର ସମ୍ମୁଖୀନ ହୋଇଥିଲା।

## ଉଷୁ ଖେଳାଳି ପ୍ରେମ ଓ ରାଜକୁମାରଙ୍କୁ ସମ୍ମାନିତ କଲେ ରାଜ୍ୟପାଳ



ଭୁବନେଶ୍ୱର, ୨୪।୭ (ସମିସ): ଜିନ୍ଦଲ ଫାଉଣ୍ଡେସନ ଉଷୁ ତାଲିମ କାର୍ଯ୍ୟକ୍ରମର ଦୁଇ ଯୁବ ଖେଳାଳି ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡାଙ୍କୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ମାନିତ କରିଛନ୍ତି। ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଭୟଙ୍କୁ ସମ୍ମାନିତ କରିବା ସହ ସେମାନଙ୍କର କଠିନ ପରିଶ୍ରମ ଓ ସାମରିକ କଳା ପ୍ରତି ଆଗ୍ରହ ପାଇଁ ଅଭିନନ୍ଦନ ଜଣାଇଥିଲେ। ନିକଟରେ ରୁଷରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଉଷୁ ଚାମ୍ପିଅନସିପ୍‌ରେ ଏହି ଦୁଇ ଖେଳାଳି ୪୮ କିଗ୍ରା ଓ ୫୨ କିଗ୍ରାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, 'ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ବଡ଼ବିଲର ଏହି ଦୁଇ ଯୁବ ଖେଳାଳି କେବଳ କ୍ରୀଡ଼ାରେ ଉତ୍କର୍ଷତା ପ୍ରଦର୍ଶନ କରିନାହାନ୍ତି ବରଂ ପ୍ରମାଣ କରିଛନ୍ତି ସଠିକ ସମର୍ଥନ ମିଳିଲେ ତୃଣମୂଳସ୍ତରର ପ୍ରତିଭା ମଧ୍ୟ ବିଶ୍ୱସ୍ତରରେ ଚମକି ଉଠିପାରିବ।' ସେହିଭଳି ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କହିଛନ୍ତି, 'ଜିନ୍ଦଲ ଷ୍ଟିଲର ଅଧକ୍ଷ ଓ ସାଂସଦ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ କାର୍ଯ୍ୟକାରୀ ହୋଇଥିବା ଉଷୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଜୀବନକୁ ପରିବର୍ତ୍ତନ କରିବା ଏବଂ ଯୁବକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ସୃଷ୍ଟି କରିବା'। ଉଭୟ ପ୍ରେମ ଓ ରାଜକୁମାର ବଡ଼ବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲରେ ରହି ପ୍ରଶିକ୍ଷଣ ନେଉଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS